# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, January 2/2021 | ★★★★

୪୭ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଟେଷ୍ଟ ଦଳରେ ନଟରାଜନ

ଦ୍ରୁତ ବୋଲର ଉମେଶ ଯାଦବଙ୍କ ସ୍ଥାନରେ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ। ୧୬

୧୪

## ଓଡ଼ିଶୀ ଡ୍ୟାନ୍ସର ଭୂମିକାରେ କାଜୋଲ

ଡିଜିଟାଲ ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ ହେବାକୁ ଥିବା ଫିଲ୍ମ 'ତ୍ରିଭଙ୍ଗ'ର ଟିଜରରେ ଓଡ଼ିଶୀ ଡ୍ୟାନ୍ସର ଭୂମିକାରେ ନଜର ଆସିଛନ୍ତି କାଜୋଲ।






# କୋଭିଶିଲ୍ଡକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୧।୧**




କରୋନା ମହାମାରୀର ଭୟାବହତାକୁ ନେଇ ଦେଶବାସୀ ଚିନ୍ତାରେ ଥିଲାବେଳେ ନୂଆବର୍ଷ ସେମାନଙ୍କ ପାଇଁ ଖୁସି ଖବର ଆଣିଛି। ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଆଇଆଇ) ଦ୍ୱାରା ପ୍ରସ୍ତୁତ କରୋନା ଟିକା 'କୋଭିଶିଲ୍ଡ'କୁ ଜରୁରୀ ଉପଯୋଗ ଲାଗି ମଞ୍ଜୁରୀ ପ୍ରଦାନ ନିମନ୍ତେ ବିଶେଷଜ୍ଞ କମିଟି (ଏସ୍‌ଇସି) ଶୁକ୍ରବାର ସୁପାରିସ କରିଛି। ଫଳରେ ଦେଶରେ ଖୁବ୍‌ଶୀଘ୍ର କୋଭିଡ୍ ଟିକାକରଣ ଆରମ୍ଭ ହେବା ନେଇ ଆଶା ସଞ୍ଚାର ହୋଇଛି। ଏସ୍‌ଇସି କେତେକ ସର୍ତ୍ତ ସହ ମଞ୍ଜୁରୀ ପାଇଁ ସୁପାରିସ୍ କରିଥିବାବେଳେ ଭାରତର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ (ଡିସିଜିଆଇ) ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏହି ଅନୁମୋଦନ ମିଳିବା ପରେ ୭ରୁ ୧୦ ଦିନ ମଧ୍ୟରେ ଟିକାକରଣ ଆରମ୍ଭ ହୋଇଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ବିକଶିତ ଏହି ଟିକାକୁ ଭାରତରେ ଏସ୍‌ଆଇଆଇ ପ୍ରସ୍ତୁତ କରୁଛି। ଡିସେମ୍ବର ୩୦ରେ ବ୍ରିଟିଶ ସରକାର ଅଷ୍ଟ୍ରାଜେନିକା ଦ୍ୱାରା ପ୍ରସ୍ତୁତ ଉକ୍ତ ଟିକାକୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ଦେଇସାରିଛନ୍ତି। ସେହିପରି ଆର୍ଜେଣ୍ଟିନାରେ ମଧ୍ୟ ଉକ୍ତ ଟିକାକୁ ଅନୁମତି ମିଳିଛି। ଭାରତରେ ଜୁଲାଇ ସୁଦ୍ଧା ୩୦ କୋଟି ଲୋକଙ୍କୁ କୋଭିଡ୍ ଟିକା ଦେବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟେକଙ୍କୁ ୨ ଡୋଜ୍ ଟିକା ଦିଆଯିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଶନିବାର ସାରା ଦେଶରେ ଏଥିପାଇଁ ଡ୍ରାଏ ରନ୍ ଅନୁଷ୍ଠିତ ହେଉଛି। ଟିକାକରଣ କାର୍ଯ୍ୟକ୍ରମ ପାଇଁ ୯୬,୦୦୦ କର୍ମଚାରୀଙ୍କୁ ତାଲିମ୍ ଦିଆଯାଇଛି।

ସେରମ୍ ଇନ୍‌ଷ୍ଟିଚ୍ୟୁଟ ଏପର୍ଯ୍ୟନ୍ତ କୋଭିଶିଲ୍ଡର ୫ କୋଟି ଡୋଜ୍ ପ୍ରସ୍ତୁତ କରିସାରିଲାଣି। ଏହାର ଅଧିକାଂଶ ଟିକା ଭାରତରେ ବ୍ୟବହାର ହେବା ସହ ବିଦେଶକୁ ରପ୍ତାନି ହେବ। ଆମେରିକା ଓ ଅଧିକାଂଶ ୟୁରୋପୀୟ ଦେଶରେ ଟିକାକରଣ ଆରମ୍ଭ ହୋଇଯାଇଛି। ବ୍ରିଟେନରେ ଜାନୁୟାରୀ ୪ରୁ ଅଷ୍ଟ୍ରାଜେନିକା ପ୍ରସ୍ତୁତ ଅକ୍ସଫୋର୍ଡ ଟିକାଦାନ ଆରମ୍ଭ ହେବାକୁ ଯାଉଛି।

## ଫାଇଜରକୁ ଡବ୍ଲ୍ୟୁଏଚ୍‌ଓର ଅନୁମତି

**ଜେନେଭା, ୧।୧(ଆଇଏଏନ୍‌ଏସ୍)**

ଫାଇଜର ଓ ବାୟୋଏନ୍‌ଟେକ୍ ପ୍ରସ୍ତୁତ କୋଭିଡ୍ ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଜରୁରୀ ବ୍ୟବହାର ବୈଧତାକୁ ମଞ୍ଜୁରୀ ପ୍ରଦାନ କରିଛି। ଫଳରେ ଅନ୍ୟ ଦେଶଗୁଡ଼ିକ ଏହି ଟିକାକୁ ଆମଦାନି କରିବା ଓ ଟିକାକରଣ ପାଇଁ ଅନୁମତି ଦେବା ଲାଗି ବାଟ ଫିଟିଯାଇଛି। ଅଧିକାଂଶ ଦେଶ ନିଜ ନିୟାମକ ବ୍ୟବସ୍ଥାର ଅନୁମୋଦନ ଉପରେ ଆସ୍ଥା ରଖିଛନ୍ତି। ତେବେ ଦୁର୍ବଳ ନିୟାମକ ବ୍ୟବସ୍ଥା ଥିବା କେତେକ ଦେଶ ଟିକାକରଣ କାର୍ଯ୍ୟକ୍ରମ ପାଇଁ ଡବ୍ଲ୍ୟୁଏଚ୍‌ଓର ଅନୁମତି ଉପରେ ନିର୍ଭର ☞ପୃଷ୍ଠା-୪

# ପୁରୀରେ ହେଉ ଅନ୍ତର୍ଜାତୀୟ ବିମାନବନ୍ଦର

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ପୁରୀ ଧାମରେ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଏହି ପ୍ରସ୍ତାବିତ ବନ୍ଦର ପାଇଁ ରାଜ୍ୟ ସରକାର ଜମି ଚିହ୍ନଟ କରିଛନ୍ତି। ଏହା ଯେପରି ରେକର୍ଡ ସମୟରେ ସମ୍ପୂର୍ଣ୍ଣ ହେବ ସେଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଏହି ବିମାନବନ୍ଦରକୁ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନାମରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ☞ପୃଷ୍ଠା-୪

## ଜିଏସ୍‌ଟିରେ ରେକର୍ଡ ୧.୧୫ ଲକ୍ଷ କୋଟି ଆଦାୟ

**ନୂଆଦିଲ୍ଲୀ,୧।୧:** ଡିସେମ୍ବର ମାସରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ଜିଏସ୍‌ଟି ଲାଗୁ ହେବା ପରେ ପ୍ରଥମ ଥର ଲାଗି ଗତ ମାସରେ ଜିଏସ୍‌ଟି ଆଦାୟ ୧.୧୫ ଲକ୍ଷ କୋଟି ଟଙ୍କା ଛୁଇଁଥିବା ଜଣାପଡିଛି। କରୋନା ମହାମାରୀକୁ ନିୟନ୍ତ୍ରଣ ପାଇଁ ସରକାର ଲାଗୁ କରିଥିବା ଲକ୍‌ଡାଉନ ଯୋଗୁ ଗତ ବର୍ଷ ଅର୍ଥ ବ୍ୟବସ୍ଥାକୁ ଜୋର୍‌ଦାର ଝଟକା ଲାଗିଛି। ଫଳରେ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥାକୁ ଚାଲିଯାଇଥିବା ବେଳେ ଟିକସ ସଂଗ୍ରହ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଛି। ହେଲେ ଡିସେମ୍ବରରେ ଟିକସ ଆଦାୟ ଉନ୍ନତ ☞ପୃଷ୍ଠା-୪

# ଆଜିଠୁ ଡ୍ରାଏ ରନ୍

**ଭୁବନେଶ୍ୱର,୧।୧(ବ୍ୟୁରୋ)**

କରୋନାକୁ ବାଏ ବାଏ କରିବାକୁ ଟିକା ପ୍ରସ୍ତୁତ। ଟିକାକରଣ ପାଇଁ ସରକାର ବି ପୂରା ପ୍ରସ୍ତୁତ। ରାଜ୍ୟରେ ଶନିବାରଠାରୁ ଏହି ଟିକାକରଣର ଡ୍ରାଏ ରନ୍ ହେବ। ଟିକା ଆସିବା ପରେ କିପରି ସୁରୁଖୁରୁରେ ଦିଆଯିବ, ତା'ର ପୂର୍ବାଭ୍ୟାସ କରାଯିବ। ଡ୍ରାଏ ରନ୍ କରିବା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଥିବା ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି। ଡ୍ରାଏ ରନ୍ ସମୟରେ କୋଭିଡ୍-୧୯ର ସମସ୍ତ ନିୟମ ପାଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜାନୁୟାରୀ ୨ରୁ ଦେଶର ସମସ୍ତ ରାଜ୍ୟରେ କୋଭିଡ୍ ଟିକାର ଡ୍ରାଏ ରନ୍ ଆରମ୍ଭ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଦେଶର ୪ ରାଜ୍ୟ ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଗୁଜରାଟ ଓ ଆସାମରେ ହୋଇଥିବା ଭ୍ୟାକସିନ୍ ଡ୍ରାଏ ରନ୍ ସଫଳ ହେବା ପରେ ଏହି ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ସେପଟେ ଟିକାକରଣ କିପରି ହେବ ସେଇ ରାଜ୍ୟ ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ☞ପୃଷ୍ଠା-୪

# ମିସ୍‌ଡ କଲ୍‌ରେ ପହଞ୍ଚିବ ଗ୍ୟାସ୍

**ଭୁବନେଶ୍ୱର,୧।୧**

ଗୋଟିଏ ମିସ୍‌ଡ କଲ୍ ଦେଲେ ଲୋକଙ୍କ ଘରେ ଗ୍ୟାସ ପହଞ୍ଚିଯିବ। ଇଣ୍ଡିଆନ ଅଏଲ ଉପଭୋକ୍ତା ନିଜ ମୋବାଇଲ ଫୋନରୁ ୮୪୫୪୯୫୫୫୫୫ ନମ୍ବରରେ ମିସ୍‌ଡ କଲ୍ କଲେ ଘରେ ଏଭଳି ସୁବିଧା ଉପଲବ୍ଧ ହେବ। ସେହିଭଳି ନୂଆ ଗ୍ୟାସ ସଂଯୋଗ ଲାଗି ମଧ୍ୟ ଏହା ଜରିଆରେ ପଞ୍ଜିକରଣ ହୋଇପାରିବ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇଣ୍ଡିଆନ ଅଏଲର ଏହି ସର୍ବଭାରତୀୟ ଗ୍ୟାସ୍ ରିଫିଲ ବୁକିଂ ସେବାକୁ ଶୁକ୍ରବାର ଶୁଭାରମ୍ଭ କରିଛନ୍ତି।




କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ(ମଝି) ଓ ଅନ୍ୟ ବରିଷ୍ଠ ଅଧିକାରୀ।

କେବଳ ଭୁବନେଶ୍ୱରରେ ଉପଭୋକ୍ତାଙ୍କ ଲାଗି ନୂଆ ଗ୍ୟାସ ସଂଯୋଗର ପଞ୍ଜୀକରଣ ନିମନ୍ତେ ମିସ୍‌ଡ କଲ୍ ସୁବିଧା କରାଯାଇଥିବା ପ୍ରଧାନ ଏହି ଅବସରରେ ସୂଚନା ଦେଇଛନ୍ତି।

ଭୁବନେଶ୍ୱର ସମେତ ଦେଶର ୭ ବଡ଼ ସହର ଯଥା- ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବଦଳି ନୀତି**

**ଆଜିର ମନ୍ତବ୍ୟ**

"ଜାନୁୟାରୀ ୪ରେ କୃଷକ ସଂଗଠନ ସହ ହେବାକୁ ଥିବା ଆଲୋଚନାରେ ସକାରାତ୍ମକ ଫଳାଫଳ ମିଳିବ ବୋଲି ସରକାର ଆଶାବାଦୀ।

– ନରେନ୍ଦ୍ର ସିଂ ତୋମାର, କୃଷିମନ୍ତ୍ରୀ

# ସହଜ ହେବ ଘର ତିଆରି

## ଲୋ ରିସ୍କ ପ୍ଲଟ୍ ପାଇଁ ବିଲ୍ଡିଂ ଅନୁମୋଦନ ଆବଶ୍ୟକ ନାହିଁ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଶୁକ୍ରବାର ଷ୍ଟାଣ୍ଡାର୍ଡ ବିଲ୍ଡିଂ ପ୍ଲାନ୍ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାଦ୍ୱାରା ବିଡିଏ ଅଞ୍ଚଳରେ ଛୋଟ ପ୍ଲଟ୍‌ରେ ଘର କରିବା ସହଜ ହେବ। ଲୋ ରିସ୍କ (କମ୍ ବିପଦ ଥିବା) ପ୍ଲଟ୍‌ରେ ନିର୍ମାଣ ପୂର୍ବରୁ ପ୍ଲାନ୍ ନ ନେଇ କେବଳ ଅଣ୍ଡରଟେକିଂ ଦେଇ ଘର ନିର୍ମାଣ କରିହେବ।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ(ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ରୁଲ୍‌ସ-୨୦୨୦ର ସବ୍ ରୁଲ୍(୧) ଅନୁଯାୟୀ ବିଭିନ୍ନ ଅଞ୍ଚଳରେ ଥିବା ଲୋ ରିସ୍କ ପ୍ଲଟ୍‌ଗୁଡିକ ପାଇଁ ୧୦୪ଟି ଷ୍ଟାଣ୍ଡାର୍ଡ ବିଲ୍ଡିଂ ପ୍ଲାନ୍ ଅନୁମତି ଦିଆଯାଇଛି। ସେଗୁଡ଼ିକ ବିଡିଏ ୱେବ୍‌ସାଇଟ୍ www.bda.gov.inରେ ଉପଲବ୍ଧ ହେବ। ବିଡିଏ, ସାଧାରଣ ପ୍ରଶାସନ ଏବଂ ଟାଉନ ପ୍ଲାନିଂ ସ୍କିମ୍‌ରେ ଥିବା ଆବାସିକ ପ୍ଲଟ୍‌ରେ ଘର ନିର୍ମାଣ ପାଇଁ ବିଡିଏ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। କେବଳ ବିଡିଏ କିମ୍ବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କାର୍ଯ୍ୟାଳୟରେ ଏକ ଫର୍ମପୂରଣ କରିବା ସହିତ ଆବଶ୍ୟକ ଫି'ଦାଖଲ କରି ଘର ନିର୍ମାଣ କରିପାରିବେ। ଏହି ଅନୁମତି କେବଳ ବିଡିଏ କିମ୍ବା ବିଏମ୍‌ସି ଦ୍ୱାରା ଲେ-ଆଉଟ୍ ପ୍ଲାନ୍ ଅନୁମୋଦନ ପାଇଥିବା ପ୍ଲଟ୍‌ଗୁଡିକ ପାଇଁ ପ୍ରଯୁଜ୍ୟ ହେବ। ବିଡିଏ ଓ ବିଏମ୍‌ସିରେ ଅଣ୍ଡରଟେକିଂ ଦେଇ ୨୫x୪୦ ଫୁଟ୍, ୩୦x୫୦ ଫୁଟ୍, ୪୦x୬୦ଫୁଟ୍ ଇତ୍ୟାଦି ପ୍ଲଟ୍‌ଗୁଡ଼ିକରେ ଘର ନିର୍ମାଣ କରିବାକୁ ଅନୁମତି ଦିଆଯାଇଛି। ଏହାଦ୍ୱାର ସମୟ ଅପଚୟରୁ ରକ୍ଷା ମିଳିବା ☞ପୃଷ୍ଠା-୪






ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ଖାର୍ ଅଞ୍ଚଳରେ ନିଜର ଘର ତିଆରିରେ ମଞ୍ଜୁର ପ୍ଲାନିଂକୁ ଉଲ୍ଲଂଘନ କରିଥିବା ଅଦାଲତ କହିଛନ୍ତି। ସେ ଖାଲିସ୍ଥାନକୁ ମଡ଼ାଇ ତିନୋଟି ଫ୍ଲାଟ୍ ନିର୍ମାଣ କରିଛନ୍ତି। ତେଣୁ ଖାଲିସ୍ଥାନରେ ହୋଇଥିବା ଘର ଭାଙ୍ଗିବାକୁ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଉଦ୍ୟମ କରୁଥିବାରୁ ଏହାକୁ ରାକିବା ପାଇଁ ସେ ଦିଣ୍ଡୋସିର ସିଭିଲ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।



## ସଂକ୍ଷେପରେ

### ଭାରତରେ ନୂଆ ଷ୍ଟ୍ରେନ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୯କୁ ବୃଦ୍ଧି

**ନୂଆଦିଲ୍ଲୀ, ୧।୧:** ଭାରତରେ ଶୁକ୍ରବାର ଆଉ ୪ ବ୍ରିଟେନ୍ ଷ୍ଟ୍ରେନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ୪ ନୂଆ ମାମଲା ମଧ୍ୟରୁ ୩ଟି ବେଙ୍ଗାଲୁରୁ ଓ ଗୋଟିଏ ହାଇଦ୍ରାବାଦରୁ ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଏପର୍ଯ୍ୟନ୍ତ ଦିଲ୍ଲୀ ଲାବରେଟୋରିରେ ୧୦ ଜଣ, ବେଙ୍ଗାଲୁରୁ ଲାବ୍‌ରେ ୧୦, ପଶ୍ଚିମବଙ୍ଗରେ ଜଣେ, ହାଇଦ୍ରାବାଦରେ ୩ ଏବଂ ପୁଣେର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ ୫ ଜଣ ନୂଆ ଷ୍ଟ୍ରେନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତ ୨୯ ସଂକ୍ରମିତଙ୍କୁ ସିଙ୍ଗଲ୍ ରୁମ୍ ଆଇସୋଲେଶନରେ ରଖାଯାଇଛି।

### ଦେଶବାସୀଙ୍କୁ କବିତାରେ ଶୁଭେଚ୍ଛା


ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୧।୧:** ୨୦୨୧ ଆଗମନରେ ଦେଶବାସୀଙ୍କୁ କବିତାରେ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସରକାରଙ୍କ ତରଫରୁ ଏହି ଭିଡିଓକୁ ଟୁଇଟରରେ ଅପ୍‌ଲୋଡ୍ କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ପୋଷ୍ଟ କରାଯାଇଥିବା ଏହି ଭିଡିଓରେ 'ଅଭି ତୋ ସୂରଯ ଉଗା ହେଁ' (ଏବେ ତ ସୂର୍ଯ୍ୟ ଉଇଁଛି) ପଂକ୍ତି ଥିବା କବିତାକୁ ପ୍ରଧାନମନ୍ତ୍ରୀ ନିଜେ ଗାଇଥିବା ଜଣାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ସମେତ ଦେଶର ଯବାନ, ଡାକ୍ତର ତଥା ମେଡିକାଲ କର୍ମଚାରୀଙ୍କୁ ସ୍ଥାନିତ କରାଯାଇଛି। ଏଥିପୂର୍ବରୁ ପ୍ରଧାନମନ୍ତ୍ରୀ ଟୁଇଟ କରି ଦେଶବାସୀଙ୍କୁ ନବବର୍ଷର ଶୁଭକାମନା ଜଣାଇଥିଲେ।

### କୃଷି ଆଇନକୁ ସମର୍ଥନ ୮୫୦ ଶିକ୍ଷାବିତ୍‌ଙ୍କ ଖୋଲା ଚିଠି

**ନୂଆଦିଲ୍ଲୀ, ୧।୧(ପି.ଟି.):** କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନକୁ ବିଭିନ୍ନ ଶିକ୍ଷାନୁଷ୍ଠାନର ୮୫୦ରୁ ଊର୍ଦ୍ଧ୍ୱ ଶିକ୍ଷାବିତ୍ ସମର୍ଥନ ଜଣାଇଛନ୍ତି। ସେମାନେ ଏକ ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହୋଇଛନ୍ତି। ଏହି ଆଇନ ଦ୍ୱାରା ଚାଷୀମାନଙ୍କ ଜୀବନ ଜୀବିକା ସୁରକ୍ଷିତ ହେବ ଏବଂ ସେମାନଙ୍କ ପ୍ଲେଟ୍‌ରୁ ଖାଦ୍ୟ କେହି କାଢ଼ିନେବେନି ବୋଲି ସରକାର ଦେଇଥିବା ପ୍ରତିଶ୍ରୁତି ଉପରେ ସେମାନଙ୍କର ଦୃଢ଼ ବିଶ୍ୱାସ ରହିଛି ବୋଲି ଶିକ୍ଷାବିତ୍‌ମାନେ ଏକ ଖୋଲା ଚିଠିରେ ଉଲ୍ଲେଖ କରିଛନ୍ତି। ନୂଆ ଆଇନ କୃଷିଜାତ ସାମଗ୍ରୀକୁ ସମସ୍ତ କଟକଣାରୁ ମୁକ୍ତ କରିବା ସହ ଚାଷୀମାନେ ପ୍ରତିଯୋଗିତାମୂଳକ ମୂଲ୍ୟରେ ସେମାନଙ୍କ ଫସଲ ବିକ୍ରି କରିବାର ସୁଯୋଗ ପାଇବେ। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉଚ୍ଛେଦ ହେବନାହିଁ ବୋଲି ସରକାର ବାରମ୍ବାର କହୁଛନ୍ତି। ମଣ୍ଡି ବ୍ୟତୀତ ଖୋଲା ବଜାରରେ ମଧ ଚାଷୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି କରିପାରିବେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ଜେଏନ୍‌ୟୁ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅନ୍ୟ ଅଧିକାରୀମାନେ ଏହି ଖୋଲା ଚିଠିରେ ସ୍ୱାକ୍ଷର କରିଛନ୍ତି।

### ଆମେରିକା ସୈନ୍ୟଙ୍କ ଉପରେ ଆକ୍ରମଣ ପାଇଁ ପ୍ରୋତ୍ସାହିତ କରୁଥିଲା ଚାଇନା

**ୱାଶିଂଟନ, ୧।୧:** ଆଫଗାନିସ୍ତାନରେ ନିୟୋଜିତ ଆମେରିକୀୟ ସୈନ୍ୟଙ୍କ ଉପରେ ଆକ୍ରମଣ ପାଇଁ ଚାଇନା ପ୍ରୋତ୍ସାହିତ କରୁଥିଲା। ଆମେରିକୀୟ ସୈନ୍ୟଙ୍କୁ ଆକ୍ରମଣ କରିଥିବା ଆଫଗାନିସ୍ତାନର ଯୋଦ୍ଧାମାନଙ୍କୁ ବେଜିଂ ଅର୍ଥ ଯାଚିଥିଲା ବୋଲି ଏକ ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଭଳି ସୂଚନାର ଉପଯୁକ୍ତ ପ୍ରମାଣ ନ ମିଳିବାରୁ ରୁଷିଆ ଅର୍ଥ ଦେଇଥିବା ସିଆଇଏର ଆକଳନକୁ ଟ୍ରମ୍ପ୍ ଖାରଜ କରିଦେଇଥିଲେ। ତେବେ ଚାଇନା ଅର୍ଥ ଦେଇଥିଲା କି ନାହିଁ ଏବଂ କେତେବେଳେ ଏହି ଆକ୍ରମଣ ଉଦ୍ୟମ ହୋଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ଡିସେମ୍ବର ୧୭ରେ ରାଷ୍ଟ୍ରପତିଙ୍କ ଲିଖିତ ସୂଚନାରେ ଚାଇନା ଆମେରିକା ସୈନ୍ୟଙ୍କ ଉପରେ ଆକ୍ରମଣକାରୀଙ୍କୁ ପୁରସ୍କାର ଯାଚିଥିବା କଥା ଉଲ୍ଲେଖ ଅଛି। ଜାତୀୟ ସୁରକ୍ଷା ଉପଦେଷ୍ଟା ରବର୍ଟ ଓ' ବ୍ରିଏନ୍ ମଧ ଏନେଇ ସୂଚନା ଦେଇଛନ୍ତି।

## ନୂଆବର୍ଷରେ ଜନ୍ମନେଲେ ୬୦ ହଜାର

**ନୂଆଦିଲ୍ଲୀ, ୧।୧:** ନୂତନ ବର୍ଷର ପ୍ରଥମ ଦିନରେ ଭାରତରେ ଭୂମିଷ୍ଠ ହୋଇଛନ୍ତି ୬୦ ହଜାର ଶିଶୁ। ନବବର୍ଷ ପହିଲାରେ ବିଶ୍ୱରେ ୩ ଲକ୍ଷ ୭୧ ହଜାର ଶିଶୁ ଜନ୍ମ ନେବେ ବୋଲି ୟୁନିସେଫ୍ ପକ୍ଷରୁ ଆକଳନ କରାଯାଇଥିବାବେଳେ ଏହି ସଂଖ୍ୟାରେ ଭାରତ ଆଗରେ ରହିଛି। ସେହିପରି ଚାଇନାରେ ଜାନୁୟାରୀ ୧ରେ ୩୫ ହଜାର ୬୫୧ ଶିଶୁ ଜନ୍ମ ନେଇଛନ୍ତି। ତଥ୍ୟ ଅନୁଯାୟୀ, ୨୦୨୧ରେ ପ୍ରାୟ ୧୪ କୋଟି ପିଲା ଦୁନିଆ ଦେଖିବେ। ସେମାନଙ୍କ ହାରାହାରି ଆୟୁ ୮୪ ବର୍ଷ ରହିବାର ସମ୍ଭାବନା ରହିଛି। ଚଳିତ ବର୍ଷ ଜନ୍ମ ନେବାକୁ ଶିଶୁଙ୍କ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ବିଶ୍ୱରେ କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟାର ପ୍ରାୟ ୭୮ ଗୁଣ ରହିବ ବୋଲି ଆକଳନ କରାଯାଇଛି। ସୂଚନା ଅନୁଯାୟୀ, ୨୦୨୦ ବର୍ଷର ପ୍ରଥମ ଦିନରେ ୨୦୨୧ର ପ୍ରଥମ ଦିନଠାରୁ ୭,୩୯୦ ଶିଶୁ ଅଧିକ ଜନ୍ମ ନେଇଥିଲେ।



## ଫ୍ରାନ୍ସ ନାଗରିକତ୍ୱ ଚାହାନ୍ତି ବୋରିସ୍‌ଙ୍କ ପିତା

**ମୁମ୍ବାଇ, ୧।୧:** ୟୁରୋପୀୟ ୟୁନିୟନରୁ ବ୍ରିଟେନ ଅଲଗା ହେବାପରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ପିତା ଷ୍ଟାନଲି ଜନସନ୍ ଫ୍ରାନ୍ସର ନାଗରିକ ହେବା ପାଇଁ ଇଚ୍ଛା କରିଛନ୍ତି। ଏଥିପାଇଁ ସେ ଆବେଦନ କରିଥିବା ଏକ ଫରାସୀ ରେଡିଓରେ ସାକ୍ଷାତ୍‌କାର ଦେବା ବେଳେ ପ୍ରକାଶ କରିଛନ୍ତି। ୟୁରୋପିଆନ ପାର୍ଲାମେଣ୍ଟର ସଦସ୍ୟ ଥିବାବେଳେ ୨୦୧୬ରେ ଷ୍ଟାନଲି ବ୍ରେକ୍‌ଜିଟ୍ ବିରୋଧରେ ଭୋଟ ଦେଇଥିଲେ। ତେବେ ଫ୍ରାନ୍ସ ନାଗରିକ ହେବା ପଛର କାରଣ ସମ୍ପର୍କରେ ଷ୍ଟାନଲି କହିଛନ୍ତି, ସେ ମୂଳତଃ ଜଣେ ଫରାସୀ।



## ବିଦେଶୀଙ୍କୁ ରୋକିବାକୁ ଶେଷ ଉଦ୍ୟମ

ୱାଶିଂଟନ, ୧।୧(ପି.ଟି.)




- ଏଚ୍-୧ବି ଭିଜା ଅଚଳ ଅବଧି ମାର୍ଚ୍ଚ ୩୧ ଯାଏ ବୃଦ୍ଧି କଲେ ଟ୍ରମ୍ପ୍
- କ୍ଷତିଗ୍ରସ୍ତ ହେବେ ଭାରତୀୟ ଆଇଟି ପେସାଦାର

ହ୍ୱାଇଟ୍ ହାଉସ୍ ଛାଡ଼ିବାର ୨୦ ଦିନ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶରେ ବାହାର ଲୋକଙ୍କ ପ୍ରବେଶ ରୋକିବା ଲାଗି ଶେଷ ପଦକ୍ଷେପ ନେଇଛନ୍ତି। ଏଚ୍-୧ବି ଭିଜା ସହ ଅନ୍ୟାନ୍ୟ ୱାର୍କିଂ ଭିଜା ଅଚଳ ଅବଧିକୁ ସେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ଭାରତୀୟ ଆଇଟି ପେସାଦାରଙ୍କ ସମେତ ଅନ୍ୟ ବିଦେଶୀ କର୍ମଚାରୀମାନେ କ୍ଷତିଗ୍ରସ୍ତ ହେବେ। ଆମେରିକୀୟ କର୍ମଚାରୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ରାଷ୍ଟ୍ରପତି ଏଭଳି ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ବର୍ଗର ୱାର୍କ ଭିଜା ଅଚଳ କରିବାକୁ ଟ୍ରମ୍ପ୍ ଗତବର୍ଷ ଏପ୍ରିଲ ୨୨ ଓ ଜୁନ୍ ୨୨ରେ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୩୧ରେ ଏହି ସମୟସୀମା ପୂରଣ ହେବା ପୂର୍ବରୁ ପୁଣିଥରେ ଏହାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ନିର୍ଦ୍ଦେଶନାମାରେ ଥିବା କଟକଣାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ଟ୍ରମ୍ପ୍ କହିଛନ୍ତି।

କ୍ଷମତାକୁ ଆସିବାର ପ୍ରଥମ ଦିନରୁ ଟ୍ରମ୍ପ୍ ବାହାର ଲୋକଙ୍କ ପ୍ରବେଶକୁ ବିରୋଧ କରି ଆସିଛନ୍ତି। ପ୍ରଥମ ଦିନରେ ସେ ୭ ମୁସଲମାନ ବହୁଳ ରାଷ୍ଟ୍ର ପାଇଁ ଯାତାୟାତ ଉପରେ କଟକଣା ଲଗାଇଥିଲେ। ଉକ୍ତ କଟକଣା ଏପର୍ଯ୍ୟନ୍ତ ଜାରି ରହିଛି। ତାଙ୍କର ଏଚ୍-୧ବି ଭିଜା କଟକଣାକୁ ଉଠାଇଦେବା ଲାଗି ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରତିଶ୍ରୁତି ଦେଇଥିଲେ। ଏଚ୍-୧ବି ହେଉଛି ଏକ ଅଣପ୍ରବାସୀ ଭିଜା ଯାହା ଆମେରିକୀୟ କମ୍ପାନୀଗୁଡ଼ିକୁ ବିଦେଶୀ କର୍ମଚାରୀ ନିଯୁକ୍ତି ଲାଗି ସୁଯୋଗ ଦେଇଥାଏ। ଏହାର ସୁଯୋଗ ନେଇ ସେଠାର ଟେକ୍‌ନୋଲୋଜି କମ୍ପାନୀଗୁଡ଼ିକ ଭାରତ ଓ ଚାଇନାରୁ ଲକ୍ଷ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିଲେ। ଏବେ ସେମାନଙ୍କୁ ଆଉ ୩ ମାସ ଅପେକ୍ଷା କରିବାକୁ ପଡ଼ିବ। ସେହିପରି ଏଚ୍-୧ବି ଭିଜା ନବୀକରଣ ଚାହୁଁଥିବା ବହୁସଂଖ୍ୟାରେ ଭାରତୀୟ ଆଇଟି ପେସାଦାରମାନେ ମଧ୍ୟ ପ୍ରଭାବିତ ହେବେ।

କରୋନା ମହାମାରୀ ଯୋଗୁ ଆମେରିକା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ଶ୍ରମ ବଜାର ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବ ଘୋଷଣାନାମାର ସମୟସୀମା ବଢ଼ାଗଲା ବୋଲି ଟ୍ରମ୍ପ୍ କହିଛନ୍ତି।

## ୟୁଏନ୍‌ଏସ୍‌ସି ଅସ୍ଥାୟୀ ସଦସ୍ୟ ହେଲା ଭାରତ

ଜାତିସଂଘ, ୧।୧(ଆଇଏଏନ୍‌ଏସ୍)

ସ୍ଥାୟୀ ସଦସ୍ୟତା ଦାବି କରିଆସୁଥିବା ଭାରତ ଶୁକ୍ରବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅସ୍ଥାୟୀ ସଦସ୍ୟ ହୋଇଛି। ଏବେ ସଦସ୍ୟ ଭାବେ ଭାରତ ଏହାର 'ବସୁଧୈବ କୁଟୁମ୍ବକମ୍' ବା ସାରା ବିଶ୍ୱ ଏକ ପରିବାର ନୀତିକୁ ପ୍ରସାର କରିପାରିବା ସହ ଆତଙ୍କବାଦ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିପାରିବ। ଏହା ବ୍ୟତୀତ କଶ୍ମୀର ପ୍ରସଙ୍ଗ ଉଠାଇବା ଲାଗି ଚାଇନା କରୁଥିବା ଉଦ୍ୟମର ମୁକାବିଲା କରିପାରିବ ଭାରତ। ବିଶ୍ୱ ଏବେ କୋଭିଡ୍-୧୯ ମହାମାରୀ ସମସ୍ୟାରୁ ମୁକୁଳି ପରିବର୍ତ୍ତନର ବାସ୍ତବତାକୁ ସମ୍ମୁଖୀନ ହେବାର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଥିଲାବେଳେ ନୂଆ ବ୍ୟବସ୍ଥାକୁ ରୂପ ଦେବାରେ ନୂଆଦିଲ୍ଲୀ ସହାୟତା କରିପାରିବ। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ୍. ତିରୁମୂର୍ତ୍ତି ସୋମବାର ସକାଳେ ଅନୁଷ୍ଠିତ କାଉନସିଲ୍ ବୈଠକରେ ଆନୁଷ୍ଠାନିକ ଭାବେ ଆସନ ଗ୍ରହଣ କରିବେ। ସେଦିନ ମଧ୍ୟାହ୍ନରେ (ଭାରତୀୟ ସମୟ ସକାଳ ୧୦ଟା ୩୦) ହେବାକୁ ଥିବା ଉତ୍ସବରେ କାଉନସିଲ୍ ଚାମ୍ବର ଆଗରେ ଭାରତର ପତାକା ଲାଗିବ। ୧୫ ସଦସ୍ୟ ବିଶିଷ୍ଟ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବେ ଭାରତ ଅଷ୍ଟମ ଥର ପାଇଁ ନିର୍ବାଚିତ ହୋଇଛି। ୧୯୨ ସଦସ୍ୟଙ୍କ ମଧ୍ୟରୁ ୧୮୪ ଜଣ ଭାରତର ସଦସ୍ୟତା ସପକ୍ଷରେ ଭୋଟ ଦେଇଥିଲେ।

## ୟୁପିରେ ଦୁର୍ଘଟଣା: ୧୨ ମୃତ

ଲକ୍ଷ୍ନୌ, ୧।୧

ଘନ କୁହୁଡ଼ି ଯୋଗୁ ଶୁକ୍ରବାର ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୨ ଜଣଙ୍କ ଜୀବନ ଯାଇଛି। ଉନ୍ନାଓ ଜିଲା ଲକ୍ଷ୍ନୌ-ଆଗ୍ରା ରୋଡ୍‌ରେ ଏକ ବସ୍ ଓ କଣ୍ଟେନର ମଧ୍ୟରେ ଧକ୍କା ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୩ ଜଣ ଗୁରୁତର ହୋଇଛନ୍ତି। ଆଗ୍ରାରେ ରାସ୍ତା ଦେଖା ନ ଯିବାରୁ ୨ଟି ଦୁର୍ଘଟଣାରେ ଏକାଧିକ ଗାଡ଼ି ମଧ୍ୟରେ ଧକ୍କା ହେବାରୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୋରଦାବାଦ୍‌ରେ କାର୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଶିଶୁଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି।


ବୋଧଗୟାର ମହାବୋଧି ମନ୍ଦିରରେ ଶିଶୁ ବୌଦ୍ଧ ସନ୍ନ୍ୟାସୀମାନେ ବିଶ୍ୱଶାନ୍ତି ଲାଗି ପ୍ରାର୍ଥନା କରୁଛନ୍ତି।

## ଭାରତ-ପାକ୍ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ

ନୂଆଦିଲ୍ଲୀ, ୧।୧(ପି.ଟି.)

ଭାରତ ଓ ପାକିସ୍ତାନ ଶୁକ୍ରବାର ପରସ୍ପର ମଧ୍ୟରେ ଆଣବିକ ପ୍ରତିଷ୍ଠାନର ତାଲିକା ବିନିମୟ କରିଛନ୍ତି। ଅନ୍ୟର ଆଣବିକ କେନ୍ଦ୍ର ଉପରେ ଆକ୍ରମଣ ନ କରିବା ଲାଗି ୩୦ ବର୍ଷ ହେଲା ଦୁଇଦେଶ ମଧ୍ୟରେ ଏହି ତାଲିକା ବିନିମୟ କରିଆସୁଛନ୍ତି। ନୂଆଦିଲ୍ଲୀ ଓ ଇସ୍‌ଲାମାବାଦରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏକସଙ୍ଗେ ଆଣବିକ କେନ୍ଦ୍ର ତାଲିକା ଅଦଳବଦଳ କରାଯାଇଥିଲା। ଏଥିପାଇଁ ୧୯୮୮ ଡିସେମ୍ବରରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା ଓ ୧୯୯୧ ଜାନୁୟାରୀ ୨୭ରୁ ଏହା କାର୍ଯ୍ୟକାରୀ ହୋଇଥିଲା। ସେହିପରି ନୂଆବର୍ଷ ଅବସରରେ ଦୁଇଦେଶ ପରସ୍ପର ମଧ୍ୟରେ ବନ୍ଦୀ ତାଲିକା ଅଦଳବଦଳ କରିଛନ୍ତି। ଦ୍ୱିପାକ୍ଷିକ ରାଜିନାମା ଅନୁଯାୟୀ ଭାରତୀୟ ଜେଲ୍‌ରେ ଥିବା ପାକ୍ ବନ୍ଦୀଙ୍କ ତାଲିକା ଇସ୍‌ଲାମାବାଦକୁ ଦିଆଯାଇଥିବାବେଳେ ପାକ୍ ସରକାର ସେଠାର ଜେଲ୍‌ରେ ଥିବା ଭାରତୀୟଙ୍କ ତାଲିକା ନୂଆଦିଲ୍ଲୀକୁ ହସ୍ତାନ୍ତର କରିଛନ୍ତି।

## ଦିଲ୍ଲୀରେ ୧.୧ ଡିଗ୍ରୀ ପାରଦ

ନୂଆଦିଲ୍ଲୀ, ୧।୧(ପି.ଟି.)

**୧୫ ବର୍ଷରେ ସବୁଠୁ ଥଣ୍ଡା ନୂଆବର୍ଷ**

ନୂଆବର୍ଷର ପ୍ରଥମ ଦିନରେ ଦିଲ୍ଲୀରେ ଘନ କୁହୁଡ଼ି ସାଙ୍ଗକୁ ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଯାଇଛି। ଗତ ୧୫ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ତାପମାତ୍ରା ବୋଲି କୁହାଯାଉଛି। ୨୦୦୬ ଜାନୁୟାରୀ ୮ରେ ଦିଲ୍ଲୀ ତାପମାତ୍ରା ସର୍ବନିମ୍ନ ୦.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ଗତବର୍ଷ ଜାନୁୟାରୀରେ ସର୍ବନିମ୍ନ ତାପମାତ୍ରା ଥିଲା ୨.୪ ଡିଗ୍ରୀ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି।

ଉତ୍ତରପଶ୍ଚିମ ଭାରତର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ଦୁଇଦିନ ହେଲା ଶୂନ ଡିଗ୍ରୀରୁ କମ୍ କିମ୍ବା ଏହାର ପାଖାପାଖି ତାପମାତ୍ରା ଅନୁଭୂତ ହେଉଛି। ଗୁରୁବାର ହରିୟାଣାର ହିସାର ଏବଂ ନର୍ନାଉଲ୍‌ରେ ତାପମାତ୍ରା ଯଥାକ୍ରମେ ବିୟୁକ୍ତ ୧.୨ ଡିଗ୍ରୀ ଏବଂ ୦.୫ ଡିଗ୍ରୀ ସେଲ୍‌ସିୟସ୍ ଥିଲା। ସେହିପରି ପଞ୍ଜାବର ବଠିଣ୍ଡା ଏବଂ ବଲୋୱାଲରେ ତାପମାତ୍ରା ଶୂନ ଡିଗ୍ରୀ ଏବଂ ୦.୨ ଡିଗ୍ରୀ ରେକର୍ଡ କରାଯାଇଛି। ରାଜସ୍ଥାନର ସିକର ଏବଂ ପିଲାନିରେ ୦ ଏବଂ ୦.୨ ଡିଗ୍ରୀ ଏବଂ ଚୁରୁରେ ବିୟୁକ୍ତ ୧.୩ ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଛି। ସେହିପରି ଉତ୍ତରାଖଣ୍ଡର ପନ୍ତନଗର ଏବଂ ହିମାଚଳପ୍ରଦେଶର ଉନାରେ ପାରଦ ଯଥାକ୍ରମେ ୦.୧ ଡିଗ୍ରୀ ଓ ୦.୫ ଡିଗ୍ରୀରେ ରହିଥିଲା।


ନୂଆଦିଲ୍ଲୀରେ ଘନ କୁହୁଡ଼ିବେଳେ ଜଣେ ବ୍ୟକ୍ତି ସାଇକେଲ୍‌ରେ ଯାଉଛନ୍ତି।

## ପୁଅ, ମନ୍ତ୍ରୀଙ୍କଠାରୁ ଗରିବ ନୀତୀଶ

ପାଟନା, ୧।୧



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କ ପୁଅ ନିଶାନ୍ତ ଏପରିକି କ୍ୟାବିନେଟ ମନ୍ତ୍ରୀଙ୍କଠାରୁ ଗରିବ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୀତୀଶ ଓ ତାଙ୍କ ସରକାରର ମନ୍ତ୍ରୀମାନେ ଦେଇଥିବା ବ୍ୟକ୍ତିଗତ ସମ୍ପତ୍ତି ସୂଚନାରୁ ଏହା ଜଣାପଡିଛି। କ୍ୟାବିନେଟ ସେକ୍ରେଟେରିଏଟ୍ ୱେବ୍‌ସାଇଟରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ନୀତୀଶ କୁମାରଙ୍କ ପାଖରେ ନଗଦ ୩୫,୮୮୫ ଏବଂ ବ୍ୟାଙ୍କରେ ପାଖାପାଖି ୩୪,୦୦୦ ଟଙ୍କା ଜମା ରହିଛି। ପୁଅ ନିଶାନ୍ତଙ୍କ ପାଖରେ ୨୮,୨୯୭ ନଗଦ ଏବଂ ୧ କୋଟି ଟଙ୍କା ସ୍ଥାୟୀ ଜମା ରହିଛି। ମୁଖ୍ୟମନ୍ତ୍ରୀଙ୍କଠାରେ ୯୮,୦୦୦ ଟଙ୍କାର ଅଳଙ୍କାର ଥିବାବେଳେ ନିଶାନ୍ତଙ୍କ ନିକଟରେ ୨୦ ଲକ୍ଷରୁ ଅଧିକ ମୂଲ୍ୟର ଗହଣା ରହିଛି। ଏନ୍‌ଡିଏ ସରକାରଙ୍କ ଅଂଶବିଶେଷ ଥିବା ବିକାଶଶୀଳ ଇନ୍‌ସାନ ପାର୍ଟି (ଭିଆଇପି)ର ପ୍ରତିଷ୍ଠାତା ମୁକେଶ ସାହାନି କ୍ୟାବିନେଟର ସବୁଠାରୁ ଧନୀ ମନ୍ତ୍ରୀ ବୋଲି ସୂଚନା ଦିଆଯାଇଛି। ୨୦୧୦ରେ ସମସ୍ତ କ୍ୟାବିନେଟ ମନ୍ତ୍ରୀଙ୍କ ପାଇଁ ବର୍ଷର ପ୍ରଥମ ଦିନରେ ସେମାନଙ୍କର ସମ୍ପତ୍ତି ବିବରଣୀ ପ୍ରକାଶ କରିବାକୁ ନୀତୀଶ ସରକାର ବାଧ୍ୟତାମୂଳକ କରିଥିଲେ।

## ୫ରୁ ଖୋଲିବ ରାଷ୍ଟ୍ରପତି ଭବନ ମ୍ୟୁଜିୟମ

**ନୂଆଦିଲ୍ଲୀ, ୧।୧:** ୧୦ ମାସ ଧରି ବନ୍ଦ ରହିଥିବା ରାଷ୍ଟ୍ରପତି ଭବନ ମ୍ୟୁଜିୟମ ଆସନ୍ତା ୫ ତାରିଖରେ ଜନସାଧାରଣଙ୍କ ପାଇଁ ଖୋଲାଯିବ। କେବଳ ଶୁକ୍ରବାର ଓ ସରକାରୀ ଛୁଟିଦିନକୁ ଛାଡ଼ି ଅନ୍ୟ ସମସ୍ତ ଦିନ ଖୋଲାରହିବ। ଗତ ମାର୍ଚ୍ଚ ୨୦୨୦ରେ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ମ୍ୟୁଜିୟମ ଲୋକଙ୍କ ପାଇଁ ବନ୍ଦ ରଖାଯାଇଥିଲା।

## ଭାଜପାରେ ଶୁଭେନ୍ଦୁଙ୍କ ଭାଇ

କୋଲକାତା, ୧।୧


ସୌମେନ୍ଦୁ ଅଧିକାରୀ

**୧୪ ଟିଏମ୍‌ସି କାଉନ୍‌ସିଲର ପଦ୍ମ ଧରିଲେ**

ନିକଟରେ ଭାଜପାରେ ଯୋଗଦେଇଥିବା ପଶ୍ଚିମବଙ୍ଗର ପୂର୍ବତନ ପରିବହନ ମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଭାଇ ତଥା ଟିଏମ୍‌ସି ନେତା ସୌମେନ୍ଦୁଙ୍କ ସମେତ ୧୪ ଜଣ କାଉନ୍‌ସିଲର ଏବଂ ଅନେକ ଦଳୀୟ କର୍ମୀ ନୂଆବର୍ଷରେ ପଦ୍ମ ଧରିଛନ୍ତି। ସୌମେନ୍ଦୁ ତୃଣମୂଳ କଂଗ୍ରେସ କାଉନସିଲର ଏବଂ ପୂର୍ବ ମିଦିନାପୁର ଅନ୍ତର୍ଗତ କଣ୍ଟି ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଥିଲେ। ମମତା ବାନାର୍ଜୀଙ୍କ ସରକାର ଗତ ସପ୍ତାହରେ ତାଙ୍କୁ ଏହି ପଦରୁ ହଟାଇଦେବାରୁ ସେ ଅସନ୍ତୁଷ୍ଟ ଥିଲେ। ଶୁଭେନ୍ଦୁଙ୍କ ଉପସ୍ଥିତିରେ ଏହି ନେତାମାନେ ଗୈରିକ ଦଳରେ ଯୋଗଦେଇଛନ୍ତି। ଶୁଭେନ୍ଦୁ ଡିସେମ୍ବର ୧୬ରେ ଟିଏମ୍‌ସିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ। ଏହା ପୂର୍ବରୁ ନଭେମ୍ବର ମାସରେ ସେ ମନ୍ତ୍ରିମଣ୍ଡଳ ଛାଡ଼ିଥିଲେ। ଏବେ ଶୁଭେନ୍ଦୁଙ୍କ ବାପା ଶିଶିର ଅଧିକାରୀ ଏବଂ ଅନ୍ୟ ଜଣେ ଭାଇ ଦିବ୍ୟେନ୍ଦୁ ଟିଏମ୍‌ସିରେ ଅଛନ୍ତି।

## ପ୍ରଦୂଷଣ ଯୋଗୁ ୨.୬ ଲକ୍ଷ କୋଟି କ୍ଷତି

**ପ୍ରଦୂଷଣ କବଳରେ ପୂରା ବିଶ୍ୱ। ଦିନକୁ ଦିନ ଏହାର ମାତ୍ରାଧିକ ବୃଦ୍ଧି ଜୀବନ ଧାରଣର ମାନ କମାଇଛି। ବିଭିନ୍ନ ଦେଶ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯଥେଷ୍ଟ ହେଉ ନ ଥିବାରୁ ଏହାର ସାମ୍ନା କରିବା ଏବେ ବଡ଼ ଆହ୍ୱାନ। କେବଳ ଭାରତରେ ବାୟୁ ପ୍ରଦୂଷଣ ଜନିତ ରୋଗ ଓ ମୃତ୍ୟୁ ଯୋଗୁ ୨୦୧୯ରେ ୨,୬୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଛି। ଏକ ଅନୁସନ୍ଧାନ ମୁତାବକ, ସେହିବର୍ଷ ଏହା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ୧.୪ ପ୍ରତିଶତ ହ୍ରାସ ପାଇବାର କାରଣ ହୋଇଥିଲା।**

ମୁମ୍ବାଇ, ୧।୧

ଭାରତରେ ବାୟୁ ପ୍ରଦୂଷଣର ମାତ୍ରା ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ୨୦୧୯ରେ ଦେଶରେ ଏଥିଜନିତ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି ଓ ମୃତକଙ୍କ ତଥ୍ୟକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏୟାର ପଲ୍ୟୁସନ ଦେଶର ଅର୍ଥନୀତିକୁ କିପରି ପ୍ରଭାବିତ କରିଛି ତାକୁ ନେଇ ଏମ୍ସ, ଆଇସିଏମ୍‌ଆର ଏବଂ ଦିଲ୍ଲୀ ଆଇଆଇଟିର ଅନୁସନ୍ଧାନକାରୀମାନେ ସାମିଲ କରିଥିଲେ। ଲାନ୍‌ସେଟ୍ ପ୍ଲାନେଟୋରି ହେଲ୍‌ଥ ଜର୍ନାଲରେ ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ ଷ୍ଟଡି ରିପୋର୍ଟ ପ୍ରକାଶିତ ହୋଇଛି।



ରିପୋର୍ଟ ମୁତାବକ, ଭାରତରେ ବାୟୁ ପ୍ରଦୂଷଣ ଯୋଗୁ ପ୍ରାୟ ୧୬.୭ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ସଂଖ୍ୟା ଦେଶରେ ସମୁଦାୟ ମୃତ୍ୟୁର ୧୮ ପ୍ରତିଶତ। ସେମାନଙ୍କ ମଧ୍ୟରୁ ୯.୮ ଲକ୍ଷ ଲୋକଙ୍କ ପର୍ଟିକୁଲେଟ ମ୍ୟାଟର ବା କଣିକା ପଦାର୍ଥ ଯୋଗୁ ଘଟିଛି। ଘରୋଇ ବାୟୁ ପ୍ରଦୂଷଣ ଯୋଗୁ ୬.୧ ଲକ୍ଷ ଲୋକଙ୍କ ଜୀବନ ଯାଇଛି। ଆର୍ଥିକ କ୍ଷତି ରୂପେ ହିସାବକୁ ନିଆଗଲେ ତାହା ୨.୬ ଲକ୍ଷ ଟଙ୍କାର ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନ, ଖଣିଜ ଧୂଳି ଧୂଆଁ, କୋଇଲା ବ୍ୟବହାର, ଶିଳ୍ପାନୁଷ୍ଠାନ ନିର୍ଗତ ବର୍ଜ୍ୟ, ନିର୍ମାଣ କାର୍ଯ୍ୟ, ମାତ୍ରାଧିକ ଯାନବାହନ ବ୍ୟବହାର, ଇଟା ଚୁଲା ଆଦି ଭାରତରେ ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସ ପାଲଟିଛି। ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣ ସମ୍ବନ୍ଧୀୟ ରୋଗ ପାଇଁ ନିମ୍ନମାନର ଚିକିତ୍ସା ବ୍ୟବସ୍ଥାକୁ ମଧ ଦାୟୀ କରାଯାଇଛି।

SMART SUPERSTORE

Reliance Growth is Life

@SMARTSuperStoreIndia
@SMARTStore_IN
@smartsuperstore



ସ୍ମାର୍ଟ୍ ର ପ୍ରତିଶ୍ରୁତି ।
ସେଭୀଙ୍ଗସ୍ ସବୁଠୁ ବେଶି ।
ତେବେ କରନ୍ତୁ ସ୍ମାର୍ଟଗିରି ।

ଅଫର୍ସ JioMart.com ରେ ବି ଉପଲବ୍ଧ

ଟମାଟର 1 kg — ବଜାର ମୂଲ୍ୟ ₹40 — ଆମ ମୂଲ୍ୟ ₹33

କିନୁ କମଳା 1 kg — ବଜାର ମୂଲ୍ୟ ₹55 — ଆମ ମୂଲ୍ୟ ₹33

ସର୍ବନିମ୍ନ# 5% ଏମ୍ଆରପିରୁ କମ୍ ପ୍ରତିଦିନ

ଚିନି କେବଳ ₹9* 1kg

*₹1499 ଏବଂ ଅଧିକ ର କ୍ରୟ ଉପରେ

* ଅଫର କେବଳ ସମସ୍ତ ସ୍ମାର୍ଟ ସୁପରଷ୍ଟୋରରେ ବୈଧ ଅଟେ

ଖୋଲା HMT କୋଲମ୍ ରାଇସ୍ 1 kg — ବଜାର ମୂଲ୍ୟ ₹50 — ଆମ ମୂଲ୍ୟ ₹45

ଡବଲ୍ ହିରନ୍ ସୋରିଷ ତେଲ 1 ℓ — MRP ₹173 — ସଞ୍ଚନ୍ତୁ ₹32 — ଆମ ମୂଲ୍ୟ ₹141

ଆଶୀର୍ବାଦ ସୁପିରିୟର ଏମପି ଅଟା 5 kg — MRP ₹208 — ସଞ୍ଚନ୍ତୁ ₹33 — ଆମ ମୂଲ୍ୟ ₹175

ହରଡ଼/ତୁର ଡାଲି 2 kg — MRP ₹320 — ସଞ୍ଚନ୍ତୁ ₹118 — ଆମ ମୂଲ୍ୟ ₹202 (₹101 / kg)

ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g — MRP ₹449/₹499 — ସଞ୍ଚନ୍ତୁ ₹150/₹70 — ଆମ ମୂଲ୍ୟ ₹299 / ₹429

ବେସନ/ ମଇଦା/ ରାଗୀ (500 g / 1 kg)/ ଗୁଡ୍ ଲାଇଫ୍ ସୋୟା ଚଙ୍କସ୍ 200 g — MRP ₹40 ତେଶିକି — BUY 1 GET 1 FREE

ଫର୍ଚ୍ୟୁନ ଚିନି 5 kg — MRP ₹295 — ସଞ୍ଚନ୍ତୁ ₹80 — ଆମ ମୂଲ୍ୟ ₹215

ଓମ୍ଫେଡ୍ ଘିଅ 1 ℓ — MRP ₹605 — ସଞ୍ଚନ୍ତୁ ₹40 — ଆମ ମୂଲ୍ୟ ₹565

ଗୋ ଚିଜ୍ ସ୍ଲାଇସ୍ 476 g — MRP ₹360 — BUY 1 GET 1 FREE

କଣ୍ଟ୍ରି ହାର୍ଭେଷ୍ଟ ରସ୍କ 200 g — MRP ₹50 ତେଶିକି — BUY 1 GET 1 FREE

ବିସ୍କୁଟ୍-ଲାର୍ଜ ପ୍ୟାକ୍ 300 g ତେଶିକି (ନିର୍ଦ୍ଦିଷ୍ଟ ରେଞ୍ଜ) — MRP ₹120 ତେଶିକି — ଆମ ମୂଲ୍ୟ ₹95 ତେଶିକି — ସଞ୍ଚନ୍ତୁ ₹25 ତେଶିକି

ଟାଟା ଗୋଲଡ୍ ଲିଫ୍ ଟି 500 g — MRP ₹315 — ଆମ ମୂଲ୍ୟ ₹265 — ସଞ୍ଚନ୍ତୁ ₹50

କେଲଗସ୍ କର୍ନ ଫ୍ଲେକ୍ସ 1.2 kg — MRP ₹425 — ଆମ ମୂଲ୍ୟ ₹299 — ସଞ୍ଚନ୍ତୁ ₹126

ଡାବର ଚ୍ୟବନପ୍ରାସ 2x ଇମ୍ୟୁନିଟି 1 କେଜି — MRP ₹340 — ଆମ ମୂଲ୍ୟ ₹291 — ସଞ୍ଚନ୍ତୁ ₹49

ୟିପି ନୁଡଲସ୍ ମ୍ୟାଜିକ ମସାଲା 360 g/ ଟପ ରାମେନ ମସାଲା ନୁଡଲସ୍ 420 g ତେଶିକି — MRP ₹64 ତେଶିକି — ଆମ ମୂଲ୍ୟ ₹49 — ସଞ୍ଚନ୍ତୁ ₹15 ତେଶିକି

ପ୍ରଭୁଜୀ ନମକୀନ୍ 200 g (ନିର୍ଦ୍ଦିଷ୍ଟ ପ୍ରକାର) — MRP ₹65 — BUY 2 GET 1 FREE

କୋଲଗେଟ୍ ମ୍ୟାକ୍ସଫ୍ରେଶ/ ମେସ୍ୱାକ/କ୍ଲୋଜଅପ ରେଜ ପେଷ୍ଟ 300 g (ନିର୍ଦ୍ଦିଷ୍ଟ ପ୍ରକାର) — MRP for each ₹149 ତେଶିକି — BUY 2 GET 1 FREE

ଡଭ/ହେଡ଼ ଆଣ୍ଡ ସୋଲଡର/ ଲୋରିଅଲ ଶାମ୍ପୁ 640 ml ତେଶିକି (ନିର୍ଦ୍ଦିଷ୍ଟ ପ୍ରକାର) — MRP ₹500 ତେଶିକି — ଆମ ମୂଲ୍ୟ ₹300 ତେଶିକି — ସଞ୍ଚନ୍ତୁ ₹200

ହ୍ୱିସ୍ପର/ଷ୍ଟେଫ୍ରୀ ସାନିଟାରୀ ପ୍ୟାଡସ୍ (ନିର୍ଦ୍ଦିଷ୍ଟ ପ୍ରକାର) — MRP ₹449 ତେଶିକି — ଆମ ମୂଲ୍ୟ ₹319 ତେଶିକି — ସଞ୍ଚନ୍ତୁ ₹130 ତେଶିକି

ଲାଇଫବୟ/ସନ୍ତୁର (କିଟେଡ ପ୍ୟାକ)/ ସେଫଲାଇଫ ହ୍ୟାଣ୍ଡୱାଶ 750 ml — MRP ₹175 ତେଶିକି — BUY 1 GET 1 FREE

ଡୋମେକ୍ସ ଟଏଲେଟ/ଫ୍ଲୋର କ୍ଲିନର 1 ℓ — MRP ₹170 ତେଶିକି — ଆମ ମୂଲ୍ୟ ₹110 ତେଶିକି — ସଞ୍ଚନ୍ତୁ ₹60

ସର୍ଫ ଏକ୍ସଲ ଇଜୀ ୱାଶ ଡିଟରଜେଣ୍ଟ ପାଉଡର 1.5 kg — MRP ₹186 — ଆମ ମୂଲ୍ୟ ₹141 — ସଞ୍ଚନ୍ତୁ ₹45

ହୋମ ୱାନ ଆଲୁମିନିୟମ୍ ଫଏଲ 9 ମିଟର — MRP ₹95 — BUY 1 GET 1 FREE

ଇଭାଙ୍କା କ୍ୟାସେରଲ 1000 ml (ଗୋଲାପୀ/ନୀଳ/ସବୁଜ) — MRP ₹242 — ସଞ୍ଚନ୍ତୁ ₹133 — Our Price ₹109

* Offers only valid on all SMART Superstore

ଆଉ ମଧ୍ୟ ଅଫର୍ସ ଉପଲବ୍ଧ

Reliance fresh | SMART POINT

Pay with MobiKwik GET 10%* SuperCash

*T&C Apply: On Minimum Transaction of ₹500 | Maximum SuperCash ₹100 Valid Once Per Month Per User

ଭୁବନେଶ୍ୱର - ଆନନ୍ଦ ଏକ୍ସପୋର୍ଟ୍, ପ୍ଲଟ୍ ନଂ. 468/4586 ଏବଂ 46/4254, ନୟାପଲ୍ଲୀ, କିଷ୍ଟା ଟାୱାର ପାଖ, ଭୁବନେଶ୍ୱର • ଭୁବନେଶ୍ୱର (ପଟିଆ) - ସାଇ ସୁମନ କମର୍ସିଆଲ୍ କମ୍ପ୍ଲେକ୍ସ (ଆଇଡ଼ିଏ ବିଲ୍ଡିଂ) ପ୍ଲଟ୍ ନଂ. 437/1858, ପଟିଆ ମେନ୍ ରୋଡ୍ ପଟିଆ ଭୁବନେଶ୍ୱର • ଭୁବନେଶ୍ୱର - ପ୍ଲଟ୍ ନଂ. 1473 ଏବଂ 1537, ଖାତା #444, ମାଷ୍ଟର କ୍ୟାଣ୍ଟିନ୍ ସ୍କୋୟାର୍, ୟୁନିଟ୍ 3, ଖାରବେଳ ନଗର, ଭୁବନେଶ୍ୱର • କଟକ - ପ୍ଲଟ୍ ନଂ. 350/934, 935, 936, 937 । ମୌଜା- କଟକ ଟାଉନ୍, ୟୁନିଟ୍ 10, କ୍ୟାଣ୍ଟୋନମେଣ୍ଟ • କଟକ - ପ୍ଲଟ୍ନଂ.972/3154, ଖାତା ନଂ. 783/385, ୟୁନିଟ୍ ନଂ. 24, କଲେଜ୍ ଛକ, କଟକ

ସର୍ତ୍ତ ଓ ନିୟମାବଳୀ ଲାଗୁ । ବ୍ୟାଙ୍କିଙ୍ଗ ଏବଂ ୱାଲେଟ୍ ଅଫର୍ସ କେବଳ ସ୍ମାର୍ଟ ସୁପରଷ୍ଟୋର, ସ୍ମାର୍ଟ ପଏଣ୍ଟ , ରିଲାଏନ୍ସ ଫ୍ରେସ ଉପରେ ବୈଧ । ଅଫରଗୁଡ଼ିକ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ କୌଣସି ପ୍ରାକ୍ ସୂଚନା ବିନା ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଉତ୍ପାଦର ଚିତ୍ର / ଫଟୋଗ୍ରାଫ୍ସ କେବଳ ଚିତ୍ରଣ ନିମନ୍ତେ । ସମସ୍ତ ଉତ୍ପାଦର ଏମ୍ଆରପିରେ ସମସ୍ତ କର ସାମିଲ ଅଟେ । ସମସ୍ତ ଅଫର୍ 03 ଜାନୁଆରୀ 2021 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବଇ ସ୍ଥିତ ସ୍ୱତନ୍ତ୍ର ନ୍ୟାୟାଳୟର ବିଚାରାଧିନ ଅଟେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଶ୍ରୀଲିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩ ଦିନ କୁହୁଡ଼ି

ଭୁବନେଶ୍ୱର,୧।୧(ବ୍ୟୁରୋ)



ରାଜ୍ୟରେ ଶୀତ ହ୍ରାସ ପାଇଛି। ଗୋଟିଏ ଦୁଇଟି ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ଥିବାବେଳେ ଅଧିକାଂଶ ସ୍ଥାନରେ ଏହା ଉପରେ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ସେଲ୍‌ସିୟସ ହୋଇଥିବାବେଳେ ଦାରିଙ୍ଗବାଡ଼ି ୧୦, ବାରିପଦା ୧୦.୨, ସୁନ୍ଦରଗଡ଼ ୧୧, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବା ସହ କେତେକ ଜିଲାରେ କୁହୁଡ଼ି ହେବା ସମ୍ଭାବନା ରହିଛି। ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ବୌଦ୍ଧ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ରାୟଗଡ଼ା ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ୩ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ବୌଦ୍ଧ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ରାୟଗଡ଼ା ଏବଂ କୋରାପୁଟ ଜିଲାରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ୪ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, କନ୍ଧମାଳ, କୋରାପୁଟ, ମାଲକାନଗିରି ଜିଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ହେବା ସମ୍ଭାବନା ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସଂଜେ ଧାନ, ସକାଳେ ପାନ**
**ଦି' ପହରିଆ ଦାରୀ**
**ଅଢ଼େଇ ପହରିଆ କପା କିଆରି**
**ପାଖ ନ ମାଡ଼ି ଆ ବାହାରି ।**

ଜନ୍ତୁଜୁନ୍ତା ବାହାରିବା ଦୃଷ୍ଟିରୁ ସଞ୍ଜ ବେଳେ ଧାନ କ୍ଷେତ ଏବଂ ସକାଳ ବେଳା ପାନ ବରଜକୁ ଯିବାରେ ବାରଣ ରହିଥାଏ। ସେହିପରି ଦି'ପହରରେ ଦାରୀ ଓ ଅଢ଼େଇ ପହରରେ କପା କିଆରି ଯିବା ମଧ୍ୟ ଅନୁଚିତ ହୋଇଥାଏ। ନିଷିଦ୍ଧ ସମୟରେ ଏସବୁକୁ ଅମାନ୍ୟ କଲେ ହାନି ଘଟୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସାତ ସତର**
**କେତେତୁ ଦେଖାଉ ପାନ ପତର।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ବ୍ୟକ୍ତି ତୁଚ୍ଛାକୁ ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ଆବଶ୍ୟକତାଠୁଁ ଅଧିକ ନିଜକୁ ଉଚ୍ଚ କରି ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ପ୍ରଥମ ପୃଷ୍ଠାରୁ...

### ଫାଇଜରକୁ...

କରିଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମୋଦନ କରିଥିବାରୁ ଏବେ ୟୁନିସେଫ୍ ଏବଂ ପାନ୍-ଆମେରିକୀୟ ସ୍ୱାସ୍ଥ୍ୟ ସଂଗଠନ ଫାଇଜର ଟିକା ସଂଗ୍ରହ କରିବା ସହ ଆବଶ୍ୟକ ଥିବା ଦେଶକୁ ଯୋଗାଇପାରିବ। ପୂର୍ବରୁ ଆମେରିକା, ବ୍ରିଟେନ ସମେତ କେତେକ ଦେଶ ଫାଇଜରକୁ ମଞ୍ଜୁରୀ ପ୍ରଦାନ କରିଥିଲେ।

### ଆଜିଠୁ ଡ୍ରାଏ...

କେନ୍ଦ୍ରରୁ ଟିକା ଆସିବା ପରେ ପ୍ରଥମେ ଟିକାକୁ ରାଜ୍ୟ ଟିକା ଷ୍ଟୋର୍‌ରେ ରଖାଯିବ। ପରେ ସେଠାରୁ ୨ଟି ଆଞ୍ଚଳିକ ଟିକା ଷ୍ଟୋର୍‌କୁ ପଠାଯିବ। ଆଞ୍ଚଳିକ ଟିକା ଷ୍ଟୋର୍‌ରୁ ୩୨ଟି ଷ୍ଟୋର୍‌କୁ ଟିକା ଯିବ। ସେଠାରୁ ୧,୨୨୨ କୋଲ୍ଡ ଚେନ୍ ପଏଣ୍ଟକୁ ଟିକା ପଠାଯିବ। ସେଠାରୁ ୨୯,୨୭୨ ସେସନ ସାଇଟ୍‌କୁ ପଠାଯିବ। ସେହିଠାରେ ହିଁ ଟିକାକରଣ ପାଇଁ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ୩ ଲକ୍ଷ ୭୦ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଟିକା ଦିଆଯିବ। କ୍ୟାପିଟାଲ ହସ୍ପିଟାଲ ସମେତ ରାଜ୍ୟର ୩୦ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ ଜାଗା ଚିହ୍ନଟ କରାଯାଇଛି। ପ୍ରତ୍ୟେକ ଟିକାକରଣ କେନ୍ଦ୍ରରେ ୨୫ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ସାମିଲ କରାଯିବ ଓ ଜଣେ ଭ୍ୟାକ୍ସିନେଟରଙ୍କୁ ମିଶାଇ ୫ଜଣିଆ ଟିମ୍ ଉପସ୍ଥିତ ରହିବେ ବୋଲି ଭ୍ୟାକ୍‌ସିନ ଇନ୍‌ଚାର୍ଜ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ମିସ୍‌ଡ କଲ୍‌ରେ...

ଚେନ୍ନାଇ, ବାଙ୍ଗାଲୋର, ହାଇଦ୍ରାବାଦ, କୋଲକାତା, କୋଚି ଏବଂ ଇନ୍ଦୋରରେ ଇଣ୍ଡିଆନ ଅଏଲ୍ ଦ୍ୱାରା ବିକଶିତ ପ୍ରିମିୟମ ଗ୍ରେଡ ପେଟ୍ରୋଲ 'ଅକ୍ଟେନ ୧୦୦' ତଥା 'ଏକ୍ସପି ୧୦୦' ପ୍ରଚଳନକୁ ମଧ୍ୟ ସେ ଉନ୍ମୋଚନ କରିଛନ୍ତି। ଏହାବାଦ ଭିଡିଓ କନଫରେନ୍ସି ମାଧ୍ୟମରେ ଆସାମର ଦିଗବୋଇ ବିଶୋଧନାଗାରରୁ ଏକ୍ସପି ୧୦୦ର ପ୍ରଥମ ବ୍ୟାଚ୍ ମଧ୍ୟ ଆରମ୍ଭ କରାଯାଇଛି। ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ଇଜ ଅଫ୍ ଲିଭିଂକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଭୁବନେଶ୍ୱରରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧା ଉପଲବ୍ଧ ହେବା ଏହାର ଏକ ବଡ଼ ଉଦାହରଣ। ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହା ଡିଜିଟାଲ ଉପହାର। ଶୀଘ୍ର ଇଣ୍ଡେନ ଗ୍ରାହକଙ୍କୁ ଏହି ମିସ୍‌ଡ କଲ୍ ଭିତ୍ତିକ ଗ୍ୟାସ୍ ପଞ୍ଜୀକରଣ ସୁବିଧା ଉପଲବ୍ଧ କରାଯିବ। ଆଗାମୀ କିଛି ମାସରେ ଏହା ଦେଶର ସବୁ ସ୍ଥାନରେ ଉପଲବ୍ଧ ହେବ। ଶୀଘ୍ର ରାଜ୍ୟର ଶତପ୍ରତିଶତ ଲୋକଙ୍କ ନିକଟରେ ଏଭଳି ଉପଲବ୍ଧ କରାଇବାକୁ ଏବେ ଯୋଜନା ହାତକୁ ନିଆଯାଉଥିବା ସେ ମତ ରଖିଛନ୍ତି।

ଏଭଳି ହାଇଗ୍ରେଡ ଯୁକ୍ତ ତୈଳ ଇନ୍ଧନକୁ ଇଣ୍ଡିଆନ ଅଏଲ ଏକ୍ସପି ୧୦୦ ନାମରେ ବ୍ରାଣ୍ଡିଂ କରିଛି। ପ୍ରିମିୟମ ଯାନରେ ଏହି ତୈଳର ବ୍ୟବହାର ଦ୍ୱାରା ଇଞ୍ଜିନର ଗତି ବଢ଼ିବ। ଡିସେମ୍ବର ପହିଲାରେ ଏହାକୁ ଦେଶର ୧୦ଟି ସହରରେ ଉପଲବ୍ଧ କରାଯାଇଥିଲା। ଆସାମର ଦିଗବୋଇ ବିଶୋଧନାଗାରରୁ ଏକ୍ସପି ୧୦୦ର ପ୍ରଥମ ବ୍ୟାଚ୍‌କୁ ଆରମ୍ଭ କରାଯାଇଛି। ମହାମାରୀ ସମୟରେ ସାରା ଦେଶରେ ତୈଳ ବିପଣନ କମ୍ପାନୀଗୁଡ଼ିକର ଇନ୍ଧନ ଯୋଗାଣ କାର୍ଯ୍ୟକ୍ରମକୁ ପ୍ରଧାନ ଏହି ଅବସରରେ ପ୍ରଶଂସା କରିଛନ୍ତି।

### ସହଜ ହେବ...

ସହ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡିବ ନାହିଁ ବୋଲି ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ତେବେ ଏଥିପାଇଁ କେତେକ ସର୍ତ୍ତ ରଖାଯାଇଛି। ପ୍ଲଟ୍‌ଗୁଡ଼ିକ ଷ୍ଟାଣ୍ଡାର୍ଡ ସାଇଜର ଆବାସିକ ହୋଇଥିବା ବେଳେ ବିଡିଏ, ବିଏମ୍‌ସି, ଜି.ଏ. ଟାଉନ ପ୍ଲାନିଂ କିମ୍ବା ବିଡିଏ ଦ୍ୱାରା ବିକଶିତ କରାଯାଉଥିବା ସ୍କିମ୍ ଅଞ୍ଚଳରେ ହୋଇଥିବା ଆବଶ୍ୟକ। ପ୍ଲଟ୍‌ଗୁଡ଼ିକ ୫୦୦ ବର୍ଗମିଟରର ଅଧିକ ହୋଇ ନ ଥିବ। ବିଲ୍ଡିଂର ଉଚ୍ଚତା ୧୦ ମିଟର ହେବ ନାହିଁ। ତେବେ ପ୍ଲଟ୍‌ଗୁଡିକ ସିଡିପିରେ ଆବାସିକ ହୋଇଥିବା ଆବଶ୍ୟକ। ଏଥିପାଇଁ କୌଣସି ଡିପି ଏବଂ ବିପି କମିଟିର ଅନୁମୋଦନ ଆବଶ୍ୟକ କରୁ ନ ଥିବ। ପ୍ଲଟ୍‌ଗୁଡିକ ଇକୋ ସେନ୍‌ସିଟିଭ, ପ୍ରତ୍ନତାତ୍ତ୍ୱିକ ଅଞ୍ଚଳରେ କିମ୍ବା ନିଷେଧାଞ୍ଚଳରେ ହୋଇ ନ ଥିବ। ଷ୍ଟାଣ୍ଡାର୍ଡ ବିଲ୍ଡିଂ ପ୍ଲାନ୍‌କୁ ଉଲ୍ଲଂଘନ କରୁ ନ ଥିଲେ ଘର ନିର୍ମାଣ ପାଇଁ ଅନୁମତି ଦିଆଯାଇପାରିବ।

### ୧.୧୫ ଲକ୍ଷ...

ହୋଇଥିବାରୁ ଘରୋଇ ବଜାର ପୁଣି ଥରେ ଟ୍ରାକ୍‌କୁ ଫେରୁଥିବା କୁହାଯାଉଛି। ଚଳିତ ଆର୍ଥିକ ବର୍ଷରେ ଲଗାତର ତୃତୀୟ ମାସ ଲାଗି ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପୁଛି। ଦେଶର ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ଏବଂ ଜିଏସ୍‌ଟି ଠକେଇ ରୋକିବା ଲାଗି ସରକାର ଆରମ୍ଭ କରିଥିବା ଅଭିଯାନ ଯୋଗୁ ଟିକସ ସଂଗ୍ରହରେ ଉନ୍ନତି ହେଉଥିବା ସରକାର କହିଛନ୍ତି। ୨୦୧୯ ଡିସେମ୍ବରରେ ୧.୦୩ ଲକ୍ଷ କୋଟି ଟଙ୍କା ପରୋକ୍ଷ ଟିକସ ଆଦାୟ ହୋଇଥିଲା। ହେଲେ ଚଳିତ ବର୍ଷ ସମାନ ସମୟ ଅବଧିରେ ଏଥିରେ ୧୨% ବୃଦ୍ଧି ପରିଲକ୍ଷିତ ହୋଇଛି। ଡିସେମ୍ବର ୩୧ ସୁଦ୍ଧା ୮୭ ଲକ୍ଷ ଜିଏସ୍‌ଟି ଆର୍‌୩ବି ଫାଇଲ କରାଯାଇଛି। କରୋନା ଯୋଗୁ ଏପ୍ରିଲରେ ୩୨,୧୭୨ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ମାତ୍ର ଲକ୍‌ଡାଉନ କଟକଣା କୋହଳ ହେବା ପରେ ଜିଏସ୍‌ଟି ସଂଗ୍ରହରେ ବେଶ୍ ଉନ୍ନତି ଆସିଛି।

ଅର୍ଥ ମନ୍ତ୍ରଣାଳୟ ରିପୋର୍ଟ ମୁତାବକ, ଡିସେମ୍ବରରେ ୨୧,୩୬୫ କୋଟି ଟଙ୍କାର କେନ୍ଦ୍ର ଜିଏସ୍‌ଟି (ସିଜିଏସ୍‌ଟି) ଆଦାୟ ହୋଇଛି। ସେହିଭଳି ୨୭,୮୦୪ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି), ୫୭, ୪୨୬ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ଏବଂ ୮୫୭୯ କୋଟି ଟଙ୍କାର ସେସ୍ ସଂଗ୍ରହ କରିବାକୁ ସରକାର ସକ୍ଷମ ହୋଇଛନ୍ତି। ଚଳିତ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଜିଏସ୍‌ଟି ରାଜସ୍ୱ ୧୪% ନିମ୍ନରେ ରହିଛି।

### ପୁରୀରେ ହେଉ...

ପୁରୀ ହିନ୍ଦୁମାନଙ୍କର ପବିତ୍ର ୪ ଧାମ ମଧ୍ୟରୁ ଅନ୍ୟତମ। ସାରା ବିଶ୍ୱର ଅନୁକୋଣରୁ ଯାତ୍ରୀମାନେ ପ୍ରତିଦିନ ଏଠାକୁ ଆସିଥାଆନ୍ତି। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମସ୍ତଙ୍କ ଆକର୍ଷଣର କେନ୍ଦ୍ର। ଦେଶ ବିଦେଶରୁ ଯାତ୍ରୀମାନେ ଆସି ପୁରୀରେ ସମବେତ ହୋଇଥାଆନ୍ତି। ମହାପ୍ରଭୁଙ୍କ ରଥଯାତ୍ରା ମଧ୍ୟ ବିଶ୍ୱର ୧୯୨ଟି ଦେଶରେ ସମାରୋହ ସହକାରେ ପାଳିତ ହୋଇଥାଏ। ତେଣୁ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ଥାପନ କରାଗଲେ ବିଦେଶରୁ ଯାତ୍ରୀମାନେ ସୁବିଧାରେ ପହଞ୍ଚି ପାରିବେ। ଏଥିସହିତ ବିଦେଶରୁ ଜଗନ୍ନାଥ ସଂସ୍କୃତିର ଆହୁରି ପ୍ରଚାର ପ୍ରସାର ଘଟିବ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ପୁରୀଠାରୁ ମାତ୍ର ୩୫ କି.ମି ଦୂରରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର କୋଣାର୍କ ରହିଛି। ପୁରୀ-କୋଣାର୍କ ରାସ୍ତାରେ ରାମଚଣ୍ଡୀ ଚନ୍ଦ୍ରଭାଗା ବେଳାଭୂମି ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ଅନୁଭବ। ସେହିପରି ପୁରୀ ମଧ୍ୟ ଚିଲିକା ଓ ଭିତରକନିକା ଜାତୀୟ ଉଦ୍ୟାନ ପରି ଦୁଇ ଦୁଇଟି ରାମସାର ସାଇଟ ସହିତ ସିଧାସଳଖ ସଂଯୁକ୍ତ। ଏହି ଦୁଇଟି ସ୍ଥାନରେ ଆନ୍ତର୍ଜାତିକ ପରିବେଶ ପର୍ଯ୍ୟଟନ ପାଇଁ ଭରପୂର ସୁଯୋଗ ରହିଛି। ନିକଟରେ ପର୍ଯ୍ୟଟକମାନଙ୍କୁ ପୁରୀ ବେଳାଭୂମିରେ ଏକ ଅନନ୍ୟ ଅନୁଭୂତି ଦେବା ପାଇଁ ବ୍ଲୁ ଫ୍ଲାଗ ବିଚ୍ ଭାବେ ବିକଶିତ କରାଯାଇଛି। ଧଉଳି, ରତ୍ନଗିରି ଓ ଉଦୟଗିରି ପରି ପ୍ରସିଦ୍ଧ ବୌଦ୍ଧ ଐତିହ୍ୟ ସ୍ଥଳ ମଧ୍ୟ ପୁରୀର ଅତି ନିକଟରେ ଅବସ୍ଥିତ। ଏଠାକୁ ସାରା ବିଶ୍ୱରୁ ବୌଦ୍ଧ ପର୍ଯ୍ୟଟକମାନେ ଆସିଥାଆନ୍ତି।

ପୁରୀ ବେଳାଭୂମି ଓ ସୁଦୀର୍ଘ ଉପକୂଳ ଅର୍ଥନୈତିକ କାର୍ଯ୍ୟକ୍ରମ ସହିତ ସ୍ୱାସ୍ଥ୍ୟ, ଆଧୁନିକ ତଥା ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିପାରିବ। ଉପକୂଳ ଜାତୀୟ ରାଜପଥ ପୁରୀ ଉପକୂଳ ଦେଇ ଯାଉଛି। ଏହା ପାରାଦୀପ ବନ୍ଦର ଓ ଅସ୍ତରଙ୍ଗ ବନ୍ଦର ସହିତ ମଧ୍ୟ ସଂଯୁକ୍ତ ଅଛି। ଏହି କରିଡରରେ ଅର୍ଥନୈତିକ ବିକାଶର ବିପୁଳ କ୍ଷମତା ରହିଛି।

ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ପର୍ଯ୍ୟଟନ ତଥା ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର ଭାବରେ ପୁରୀରେ ଥିବା ବିପୁଳ ସୁବିଧାର ଉପଯୋଗ ପାଇଁ ଏହି ଅନ୍ତର୍ଜାତୀୟ ବିମାନବନ୍ଦର ବିଶେଷ ଭାବେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି। ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଗ୍ରାଧିକାର ଏକ ପ୍ରାଥମିକତା ପ୍ରକଳ୍ପ ଭାବେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## କଟକଣାରେ ନବବର୍ଷ ପହିଲା

ଭୁବନେଶ୍ୱର,୧।୧(ବ୍ୟୁରୋ)

ଶୁକ୍ରବାର ଥିଲା ୨୦୨୧ର ପ୍ରଥମ ଦିବସ। କୋଭିଡ୍ କଟକଣା ଯୋଗୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ନ ଥିଲା ଗହଳି ଚହଳି। ଲୋକସେବା ଭବନଠାରୁ ଆରମ୍ଭ କରି ଖାରବେଳ ଭବନ, ମୁଖ୍ୟ ଦପ୍ତର ପର୍ଯ୍ୟନ୍ତ ସବୁଠି ଶୁନ୍‌ଶାନ। ବିଭାଗୀୟ କର୍ମଚାରୀମାନେ ନିଜ ବିଭାଗର କର୍ତ୍ତୃପକ୍ଷଙ୍କୁ ସାମାଜିକ ଦୂରତା ରକ୍ଷାକରି ନମସ୍କାର ସହ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଗତବର୍ଷ ଭଳି ଭୋଜିଭାତର ଆସର ନ ଥିଲା। କାର୍ଯ୍ୟାଳୟକୁ ଜନସାଧାରଣଙ୍କୁ ଅନୁମତି ନ ଥିବାରୁ ସବୁଠି ଶୂନ୍‌ଶାନ ରହିଥିଲା। କେତେକ ବିଭାଗ ସମ୍ମୁଖରେ ବ୍ୟାନର ଓ ପୋଷ୍ଟର ଜରିଆରେ ନବବର୍ଷର ଶୁଭେଚ୍ଛା ଦିଆଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେବ। ପରିବାର ସଦସ୍ୟଙ୍କ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇପାରନ୍ତି। ନିଜ ପରିସରରେ ରହୁଥିବା ଲୋକମାନେ ଅସୁବିଧାରେ ପକାଇ ବିଫଳ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି ପାଇବ।

**ବୃଷ** — ନିଜର କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ନିକଟରୁ ଅଯାଚିତ ଭାବେ ସହାୟତା ପାଇବେ। କୃତ୍ତିକା ନକ୍ଷତ୍ରର ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଆକସ୍ମିକ ଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** — ମୃଗଶିରା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ବୁଝାମଣା ମାଧ୍ୟମରେ ଶୃଙ୍ଖଳା ଆସିବ। ଆପଣଙ୍କ କୃତୀ ଓ କୃତିତ୍ୱକୁ ବନ୍ଧୁ ଓ ପଡୋଶୀମାନେ ପ୍ରଶଂସା କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ସାଙ୍ଗକୁ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବାର ଆଶା ରହିଛି।

**କର୍କଟ** — ଭାବପ୍ରବଣତା ବୃଦ୍ଧି ପାଇବା କାରଣରୁ କୌଣସି କାମ ସୁବିଧାରେ ହୋଇପାରିବ ନାହିଁ। ଅଶ୍ଳେଷା ନକ୍ଷତ୍ର ପାଇଁ ଆକସ୍ମିକ ଭାବରେ ମିତ୍ରମାନେ ମଧ୍ୟ ଶତ୍ରୁ ଭଳି କାମ କରିବେ। ବନ୍ଧୁଙ୍କ କାମ ନ ହେବା କାରଣରୁ ସେ ଆପଣଙ୍କ ଉପରେ ଅଭିମାନ କରିପାରନ୍ତି। ପ୍ରଶାସନିକ ପୁନଃ ଆଦେଶପ୍ରକାରେ ଦୂରଯାତ୍ରା ସ୍ଥଗିତ ରହିଯାଇପାରେ।

**ସିଂହ** — କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ ହେବାରେ ବନ୍ଧୁ ସହଯୋଗ କରିବେ। ପରିବହନ କ୍ଷେତ୍ରରେ ଆଶାନୁରୂପ ସୁଫଳ ଓ ଗବେଷଣା, ରାଜନୀତିରେ ଚେଷ୍ଟା ସଫଳ ହେବ। ପୂର୍ବାଫାଲଗୁନୀର ଆତ୍ମୀୟମାନେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇଯିବେ। କର୍ମାରମ୍ଭ ସକାଶେ ଆନୁଷଙ୍ଗିକ ସହଯୋଗ ପାଇବେ।

**କନ୍ୟା** — ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ଆଲୋଚନା ପରିସରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଆକସ୍ମିକ ଭାବରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା** — ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକୁ ପୂରା ଦମ୍‌ରେ କରି ଚାଲିବେ। ବନ୍ଧୁଙ୍କ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଆଜିର ଦୂର ଯାତ୍ରା ଓ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ସ୍ୱାତୀ ନକ୍ଷତ୍ର କଳା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିପାରନ୍ତି।

**ବିଛା** — ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟହାସଲରେ ଅସୁବିଧା ହେବ ନାହିଁ। ଅନୁରାଧାର ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବକେୟା ଅର୍ଥ ଆଦାୟ କରିବାରେ ବହୁତ ତକ୍‌ଲିଫ ଭୋଗିବାକୁ ପଡ଼ିବ। ଜମିଜମା ମାମଲାରେ ତଥା ପରିବହନ କ୍ଷେତ୍ରରେ ବିବାଦୀୟ ଘଟଣାର ଅବସାନ ଘଟିବ।

**ଧନୁ** — ଆକସ୍ମିକ ଶାରୀରିକ ଅସୁସ୍ଥତା ଦେଖା ଦେଇପାରେ। ବହୁତ ଦିନରୁ ରହିଯାଇଥିବା ଅଧାପନ୍ତରିଆ କାମଟିକୁ ଆଜି ହିଁ ପୂର୍ଣ୍ଣାଙ୍ଗ ରୂପ ଦେବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ମୂଳା ନକ୍ଷତ୍ରର ବନ୍ଧୁମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ।

**ମକର** — କୌଣସି ନୂଆ କାର୍ଯ୍ୟ ହାସଲରେ ଖୁସି ହେବେ। ଅସହିଷ୍ଣୁ ଲୋକମାନେ ଅପପ୍ରଚାର କରିବା ସଙ୍ଗକୁ କାର୍ଯ୍ୟରେ ବିଘ୍ନ ଘଟାଇପାରନ୍ତି। ଉତ୍ତରାଷାଢା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବାର ଆଶଙ୍କା ରହିଛି।

**କୁମ୍ଭ** — ଆପଣଙ୍କ ସରଳତାର ସୁଯୋଗ ନେଇ ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ଶତଭିଷା ନକ୍ଷତ୍ରର ପରିବାର ମଧ୍ୟରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ପରିବହନ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିପାରେ।

**ମୀନ** — ପରିବାରର କେତେକ ବ୍ୟତିକ୍ରମକୁ ନେଇ ଦୁର୍ଭାବନା ବୃଦ୍ଧିପାଇ ପାରେ। ପ୍ରତିବନ୍ଧକ କାରଣରୁ ବ୍ୟବସାୟ, ଶିଳ୍ପ ତଥା ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଳାନ୍ତି ବୋଧ କରିବେ। ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

ଆଜି ପୌଷକୃଷ୍ଣ ତୃତୀୟା ଶନିବାର, ଜାନୁୟାରୀ ୨ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/ଚତୁର୍ଥୀକର୍କଟର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୫ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୭.୫୨ମି. ଗତେ ଘ.୧୦.୦୨ମି. ମଧ୍ୟେ, ଘ.୧୨.୧୨ମି. ଗତେ ଘ.୦୩.୦୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୯.୦୮ମି. ଗତେ ଘ.୧୦.୨୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**6000 Plus Sqft. (49*130) Residential Plot for sale in Sishu Vihar, Patia. Ideal for Three storied Bunaglow for a Single Buyer. No Brokers. 9007467665.** D-19442

Bhubaneswar Janla residential purpose 2000sqft land near Aditya Hyundai opposite HP petrol pump for sale @1250 per sqft. M- 8260667978. D-19439

2BHK simplex at Gouri garden, Gouri Nagar, Ravi Talkies road, Bhubaneswar with parking. Contact: 7008297488. D-67582

**Bhubaneswar. Khordha NH side Pitapalli Chhaka ନିକଟରେ plot ମିଳୁଛି। 9090963952.** D-70141

Doctor's colony with facilities 1st time in Bhubaneswar, book individual house near Rasulgarh, Bhubaneswar Price-1.10 crore, Doctor's only contact: 8260595320. D-70079

**ଭୁବନେଶ୍ୱର ସୁନ୍ଦରପଦା Xavier University back sideରେ ଘରବାରି ପ୍ଲଟ୍ ମିଳୁଅଛି। 7848882166.** D-70142

**Plot For Sale, 2000sqft (10nos) per Sq.ft.-1700, Gharabari Plot and Sarada-2 (15nos) per sqft-1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165.** D-19368

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

**Immediate construction with ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868.** D-70135

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.-950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19208

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

**Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999.** D-69951

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/-ରେ ମିଳୁଛି। **9776862716, 7008068622.** D-69358

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600




**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70068




2BHK flat near Bhubaneswar Club, Unit-6, Contact: 9437778642. D-70208




Swarna SPA newly open positively health benefits with expert therapist. 9556978408. D-70080

Rejuvenate and Ayurvedic full body massage by smart therapist. 9348123330. D-70081

Revitalize your self with our ayurvedic massage and refreshment, Call: 7381239385. D-70075

Experience full body massage with expert therapists. Call: 7377048581. D-70076

**ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲିକ୍ଲିନିକ୍, ସାତ ମହଲା ହସ୍ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804.** D-19432

Newly open evergreen SPA Offer @ 799/- Jaydev Vihar. 7846814019. D-59973




Are you suffering from Vastu related problems? For solution. 7978736177. D-68267


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ଜନ୍ମଦିନ ଶୁଭେଚ୍ଛା



**ଶ୍ରୀଲିପ୍ସା ପାଣି**

ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ଆଜି ତୋର ଜନ୍ମଦିନରେ ପରମପିତା ପରମେଶ୍ୱର ଶ୍ରୀଜଗନ୍ନାଥ ଓ ମା' ମଣିନାଗଦୁର୍ଗାଙ୍କ ପଦକମଳରେ ଏତିକି ମିନତି ଆଗାମୀ ଭବିଷ୍ୟତକୁ ଉଜ୍ଜ୍ୱଳତର ଓ ଚଲାପଥକୁ କୁସୁମିତ କରନ୍ତୁ।

**-:ଶୁଭେଚ୍ଛା ସହ:-**

ଆଈ, ମମି, ଡାଡି, ମାମା, ପାପା, ବାଘା, ନନା, ବୋଉ, କୁଟୁଲୁ, ସୁଟୁଲୁ, କାକା, ଖୁଡୀ ଓ ଅନ୍ୟାନ୍ୟ ପରିବାରବର୍ଗ ।

ଧ-୬୯୦୩୭

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,
ଓଡ଼ିଶା ସରକାର

DSPL-138

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା



ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପରିବାର ପାଇଁ ବାର୍ଷିକ ୫ଲକ୍ଷ ଏବଂ ପରିବାରର ମହିଳାସଦସ୍ୟଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ସ୍ୱାସ୍ଥ୍ୟ କଭରେଜ୍ ଦ୍ୱାରା ଉପକୃତ ହୋଇପାରିବେ ।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ଆସୁଥିବା ମେଡିକାଲ୍‌ଗୁଡିକର ତାଲିକା

### ଓଡ଼ିଶା

| ଜିଲ୍ଲା | ହସ୍ପିଟାଲ୍‌ର ନାମ |
|---|---|
| ଅନୁଗୁଳ | କ୍ରିସ୍ ହସ୍ପିଟାଲ୍<br>କୃଷ୍ଣ କ୍ଲିନିକ୍ ଏଣ୍ଡ ନର୍ସିଂ ହୋମ୍<br>ଲାୟନ୍ସ ଭୂମିକା ଆଇ ହସ୍ପିଟାଲ୍<br>ସାମଲ୍ କେୟାର୍ ପ୍ରା. ଲି<br>ସରୋଜିନୀ ହେଲ୍‌ଥ କେୟାର୍<br>ସୁରେନ୍ଦ୍ର ହସ୍ପିଟାଲ୍ |
| ବାଲେଶ୍ୱର | ଆରୋଗ୍ୟମ୍ ହେଲ୍‌ଥ କେୟାର୍<br>ବାସନ୍ତୀ ଦୁର୍ଗା<br>ଜ୍ୟୋତି ହସ୍ପିଟାଲ୍<br>ମା ନର୍ସିଂ ହୋମ୍<br>ମା ତାରିଣୀ ନର୍ସିଂହୋମ୍<br>ଶ୍ରୀରାମ ହସ୍ପିଟାଲ୍ |
| ବରଗଡ଼ | ବିକାଶ ମଲ୍ଟି ସ୍ପେସିୟାଲିଟି ହସ୍ପିଟାଲ୍<br>ବେହେରା ନର୍ସିଂହୋମ୍<br>କିଶୋରୀ ନର୍ସିଂହୋମ୍<br>ସାଇ କୃପା ନର୍ସିଂହୋମ୍<br>ସାଇ ମଲ୍ଟି ସ୍ପେସିୟାଲିଟି ହସ୍ପିଟାଲ୍ |
| ଭଦ୍ରକ | ଭୂମିକା ହସ୍ପିଟାଲ୍<br>ଚିରାଗ ହସ୍ପିଟାଲ୍<br>ଓମ୍ ସାଇ ହସ୍ପିଟାଲ୍<br>ପାଢୀ ହେଲ୍‌ଥ କେୟାର<br>ପାଣିଗ୍ରାହୀ ହେଲ୍‌ଥ କେୟାର୍<br>ସାଇ ଭରଦ୍ୱାଜ ହସ୍ପିଟାଲ୍<br>ସାଇ ହସ୍ପିଟାଲ୍<br>ଶ୍ରୀରାମ ହସ୍ପିଟାଲ୍<br>ଶୁଭମ ହେଲ୍‌ଥ କେୟାର<br>ଉମା ଶଙ୍କର ହେଲ୍‌ଥ କେୟାର |
| ବଲାଙ୍ଗୀର | ଇଆର୍‌ବିଏଚ୍‌ଏସ୍ ନେତ୍ରନିକେତନ ଆଇ<br>ସୁପ୍ରିମ୍ ଟାସ୍କ ଜେନେରାଲ ହସ୍ପିଟାଲ୍<br>ନିୟୁ ଆପୋଲୋ ହସ୍ପିଟାଲ୍<br>ଏସ୍‌ସିଡି ଆଇ ହସ୍ପିଟାଲ୍ |
| କଟକ | ଅଗ୍ରୱାଲ୍ ଆଇ କ୍ଲିନିକ୍ ଏଣ୍ଡ ହସ୍ପିଟାଲ୍<br>ଚିତ୍ତରଞ୍ଜନ ସେବା ସଦନ ଏଣ୍ଡ ହସ୍ପିଟାଲ୍<br>କଟକ ଲାପ୍ରୋସ୍କୋପିକ୍ ହସ୍ପିଟାଲ୍<br>ଗୀତା ମେମୋରିୟାଲ୍ ହସ୍ପିଟାଲ୍<br>ଗୋପବନ୍ଧୁ ଇନ୍‌ଷ୍ଟିଟ୍ୟୁଟ୍ ଅଫ ମେଡ଼ିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ<br>ଏଚ୍‌ସିଜି ପଣ୍ଡା କିୟୋର୍ କ୍ୟାନ୍‌ସର ହସ୍ପିଟାଲ୍<br>ହେଲ୍‌ଥ କେୟାର୍ ନର୍ସିଂହୋମ୍<br>ଖଦିଜା ନର୍ସିଂହୋମ୍<br>ମେଲ୍‌ଭିନ୍ ଜୋନ୍ ଆଇ ହସ୍ପିଟାଲ୍<br>ମୁନ୍ ହସ୍ପିଟାଲ୍<br>ରୋଟାରୀ କ୍ଲବ୍ କଟକ ଚକ୍ଷୁ ଚିକିତ୍ସାଳୟ<br>ସାହାରା ନର୍ସିଂହୋମ୍ |
| କଟକ | ସାଇ ଆରୋଗ୍ୟମ୍ ନର୍ସିଂହୋମ<br>ସାଇ ଜୀବନ ହସ୍ପିଟାଲ୍ ପ୍ରା. ଲି<br>ସାଇ ସଞ୍ଜିବନୀ ହସ୍ପିଟାଲ୍<br>ସଞ୍ଜିବନୀ ନର୍ସିଂହୋମ<br>ଶକ୍ତି ସାଇ ହସ୍ପିଟାଲ<br>ଶ୍ରଦ୍ଧା କ୍ଲିନିକ୍ ଆଣ୍ଡ ନର୍ସିଂହୋମ୍<br>ସଦ୍‌ଗୁରୁ ମେଡିକାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍<br>ସିଫା ନର୍ସିଂହୋମ୍<br>ଶ୍ରୀମା ହସ୍ପିଟାଲ୍<br>ସନ୍ ହସ୍ପିଟାଲ୍<br>ଉଦୟଭାନୁ କ୍ଲିନିକ୍ ଆଣ୍ଡ ନର୍ସିଂହୋମ୍<br>ଉର୍ମିଳା ନର୍ସିଂହୋମ୍ |
| ଢେଙ୍କାନାଳ | ଆରୋଗ୍ୟ ନର୍ସିଂହୋମ୍<br>ଦିଶା ହସ୍ପିଟାଲ୍<br>ଜିକେଏମ୍‌ଏମ୍ ଚକ୍ଷୁ ଚିକିତ୍ସାଳୟ<br>କଳିଙ୍ଗ ଚକ୍ଷୁ ଚିକିତ୍ସାଳୟ<br>ପଣ୍ଡା ନର୍ସିଂହୋମ୍<br>ଶ୍ରୀ ଜଗନ୍ନାଥ ହସ୍ପିଟାଲ୍ |
| ଗଜପତି | ଡ଼. ରବି ନର୍ସିଂହୋମ୍<br>ଲକ୍ଷ୍ମୀ ନର୍ସିଂହୋମ୍<br>ଭି.ଭି.ଏଲ୍ ନର୍ସିଂହୋମ୍ |
| ଗଞ୍ଜାମ | ଆସ୍ଥା ହସ୍ପିଟାଲ୍<br>ଆଇସ୍‌ରତ୍ ହସ୍ପିଟାଲ୍<br>ଅମିତ୍ ହସ୍ପିଟାଲ୍<br>ଆଶୁତୋଷ୍ ହସ୍ପିଟାଲ୍<br>ଆୟୁଷ ହସ୍ପିଟାଲ୍<br>ଡିଭାଇନ୍ ହସ୍ପିଟାଲ୍<br>ଇକୋଜ୍ ଆଇ ହସ୍ପିଟାଲ୍<br>ମଡର୍ଣ୍ଣ ଆଇ କେୟାର୍ ସେଣ୍ଟର୍ ଆଣ୍ଡ ହସ୍ପିଟାଲ୍<br>ନିୟୁ ନିଳାଚଳ ହସ୍ପିଟାଲ୍<br>ରାଧା ସାମୀ ସେବା ସଦନ<br>ଶଙ୍କର ଆଇ ହସ୍ପିଟାଲ୍<br>ଶ୍ରୀରାମ ହସ୍ପିଟାଲ୍<br>ଶ୍ରୀ ସତ୍ୟସାଇ ହସ୍ପିଟାଲ୍ |
| ଜଗତସିଂହପୁର | କେୟାର୍ ୱେଲ୍ ହସ୍ପିଟାଲ୍<br>ଖାନ୍ ନର୍ସିଂହୋମ୍<br>ଏଲ୍ ଆଣ୍ଡ ପି ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍<br>ଲାଇଫ୍ ଲାଇନ୍ ନର୍ସିଂହୋମ୍<br>ମା ଶାରଳା ନର୍ସିଂହୋମ୍<br>ସନ୍ ହସ୍ପିଟାଲ୍<br>ସସ୍ତିକ୍ ନର୍ସିଂହୋମ୍<br>ତ୍ରିଲୋଚନ ନେତ୍ରାଳୟ |
| ଯାଜପୁର | ଅନୀମା ନର୍ସିଂହୋମ୍<br>ଭୂମିକା ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍<br>ଲକ୍ଷ୍ମୀ ହସ୍ପିଟାଲ୍<br>ସର୍ମିଷ୍ଠା ମେମୋରିଆଲ୍ ହସ୍ପିଟାଲ୍<br>ଶ୍ରୀମା ନର୍ସିଂହୋମ୍<br>ଟାଟା ମେଡିକା ହସ୍ପିଟାଲ୍, କଳିଙ୍ଗ ନଗର |
| ଝାରସୁଗୁଡା | ମୋତିଲାଲ୍ ୟାଦବ୍ ମେମୋରିଆଲ୍ ସମଲେଶ୍ୱରୀ ହସ୍ପିଟାଲ୍ |
| କଳାହାଣ୍ଡି | ବେଦାନ୍ତ ହସ୍ପିଟାଲ୍ |
| କେନ୍ଦ୍ରାପଡା | ଭଗବତୀ ହସ୍ପିଟାଲ୍<br>ଭୂମିକା ହସ୍ପିଟାଲ୍<br>ହେଲ୍‌ଥ କେୟାର୍ ନର୍ସିଂହୋମ୍<br>ଏମ୍.ବି ନର୍ସିଂହୋମ୍ |
| କେନ୍ଦୁଝର | ଆରତୀ ହସ୍ପିଟାଲ୍<br>କାଶିନାଥ ହେଲ୍‌ଥ କେୟାର୍<br>ଟ୍ରାଇବାଲ୍ ହେଲ୍‌ଥ ସେଣ୍ଟର୍ ୱିଥ୍ ମାଟର୍ନିଟି ଆଣ୍ଡ ନିୟୁ ବର୍ଣ୍ଣ କେୟାର୍ |
| ଖୋର୍ଦ୍ଧା | ଆଡ୍‌ଭାନ୍ସ ଆଇ କେୟାର୍ ହସ୍ପିଟାଲ୍<br>ଆରୋଗ୍ୟ ହସ୍ପିଟାଲ୍<br>ଅରୋ କେୟାର୍ ନର୍ସିଂହୋମ୍<br>ବୈଦ୍ୟନାଥ ମେମୋରିଆଲ୍ ହସ୍ପିଟାଲ୍<br>ଚତୁର୍ଭୁଜ ଜେନାମଣି ମେମୋରିଆଲ୍ ହସ୍ପିଟାଲ୍<br>ହାଇ-ଟେକ୍ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍<br>ଜୀବନ ଜ୍ୟୋତି ହସ୍ପିଟାଲ୍<br>କଳିଙ୍ଗ ହସ୍ପିଟାଲ୍<br>କଳିଙ୍ଗ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ହସ୍ପିଟାଲ୍<br>ଏଲ୍.ଭି ପ୍ରସାଦ ଆଇ ଇନ୍‌ଷ୍ଟିଟ୍ୟୁଟ୍<br>ମା ତାରିଣୀ ନର୍ସିଂହୋମ୍<br>ମଡର୍ଣ୍ଣ ହେଲ୍‌ଥ କେୟାର୍ ହସ୍ପିଟାଲ୍<br>ନନ୍ଦ ଟ୍ରିଟ୍‌ମେଣ୍ଟ ସେଣ୍ଟର୍<br>ନୀଳାଚଳ ହସ୍ପିଟାଲ୍<br>ପର୍କଲ୍ୟାଣ୍ଡ ହସ୍ପିଟାଲ୍<br>ରୋଟାରୀ ଆଇ ହସ୍ପିଟାଲ୍<br>ସହଯୋଗ ହସ୍ପିଟାଲ୍<br>ସଞ୍ଜିବନୀ ମେଡିକେୟାର୍ ହସ୍ପିଟାଲ୍<br>ଶାଶ୍ୱତ ହସ୍ପିଟାଲ୍<br>ସାଉଥ୍ ସିଟି ହସ୍ପିଟାଲ୍<br>ସ୍ୱର୍ଣ୍ଣ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍<br>ଶୁଭ ନର୍ସିଂହୋମ୍<br>ଶ୍ୱସ୍ତିକ କ୍ଲିନିକ୍ ଆଣ୍ଡ ହସ୍ପିଟାଲ୍<br>ବ୍ଲୁ ହ୍ୱିଲ୍ ହସ୍ପିଟାଲ୍ |
| ଖୋର୍ଦ୍ଧା | ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସ, ଭୁବନେଶ୍ୱର<br>ଉତ୍କଳ ହସ୍ପିଟାଲ୍<br>ଆଇ୍ଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍<br>ଭିଜନ୍ କେୟାର ଆଇ୍ ହସ୍ପିଟାଲ୍<br>ବିବେକାନନ୍ଦ ହସ୍ପିଟାଲ୍<br>ବିକାଶ ହସ୍ପିଟାଲ୍<br>ହେମଲତା ହସ୍ପିଟାଲ୍ ଲିମିଟେଡ୍<br>ପଣ୍ଡା ନର୍ସିଂହୋମ୍<br>ସମ୍ ଅଲ୍ଟିମେଟ୍<br>ଆପୋଲୋ ହସ୍ପିଟାଲ୍<br>ଆମ୍ରି ହସ୍ପିଟାଲ୍<br>କେୟାର୍ ହସ୍ପିଟାଲ୍ |
| ମୟୁରଭଞ୍ଜ | ଦୁର୍ଗା ନର୍ସିଂହୋମ୍<br>ଗାୟତ୍ରୀ ହସ୍ପିଟାଲ୍<br>ଜୀବନ ଦୀପ୍ ହେଲ୍‌ଥ କେୟାର |
| ନବରଙ୍ଗପୁର | ଖ୍ରୀଷ୍ଟିୟାନ ହସ୍ପିଟାଲ୍ |
| ନୟାଗଡ | ଦିବ୍ୟ ଜ୍ୟୋତି ହସ୍ପିଟାଲ୍<br>କୁମାର ହସ୍ପିଟାଲ୍<br>ଓମ୍ ନର୍ସିଂହୋମ୍<br>ସାହୁ ଭିକାରି ସେବାସଦନ |
| ପୁରି | ଆନନ୍ଦ ପଲିକ୍ଲିନିକ୍ ଆଣ୍ଡ ହସ୍ପିଟାଲ୍<br>ଇମର୍‌ଜେନ୍‌ସି ୨୪ ହସ୍ପିଟାଲ୍ ପ୍ରା. ଲି<br>ରଘୁନାଥ ଚାରିଟେବୁଲ୍ ଟ୍ରଷ୍ଟ ହସ୍ପିଟାଲ୍<br>ଶରଧା ନର୍ସିଂହୋମ୍<br>ସେବା ନର୍ସିଂହୋମ୍<br>ଶିବାନନ୍ଦ ନର୍ସିଂହୋମ୍<br>ଶ୍ରୀ କୃଷ୍ଣ ହେଲ୍‌ଥ କେୟାର ଆଣ୍ଡ ରିପ୍ରଡକ୍ଟିଭ୍ ରିସର୍ଚ ସେଣ୍ଟର<br>ଉଷା ମେମୋରିୟାଲ୍ କ୍ଲିନିକ୍<br>ଉଷାରାଣୀ ନର୍ସିଂହୋମ୍ |
| ସମ୍ବଲପୁର | ଅରୁଣଶକ୍ତି ନର୍ସିଂହୋମ୍<br>ଗୌରୀଶଙ୍କର ନର୍ସିଂହୋମ୍<br>ସମଲେଶ୍ୱରୀ ନର୍ସିଂହୋମ୍<br>ସୁଷ୍ଟ୍ରତ ନର୍ସିଂହୋମ୍<br>ତ୍ରିଲୋଚନ ନେତ୍ରାଳୟ |
| ସୋନ୍‌ପୁର | ଲେପ୍ରା ମହାନଦୀ ଆଇ ହସ୍ପିଟାଲ୍ |
| ସୁନ୍ଦରଗଡ | ହାଇଟେକ୍ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ୍<br>ଜୟ ପ୍ରକାଶ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର |

NEW

### ଆପୋଲୋ ହସ୍ପିଟାଲ୍ ଭୁବନେଶ୍ୱର

ପ୍ଲଟ ନଂ-୨୫୧, ସୈନିକ ସ୍କୁଲ୍ ରୋଡ୍, ୟୁନିଟ୍-୧୫
ଭୁବନେଶ୍ୱର, ଓଡିଶା - ୭୫୧୦୦୫

**ଉପଲବ୍ଧ ସେବାଗୁଡିକ**

- କାର୍ଡିଓଲୋଜି
- କାର୍ଡିଓଥୋରାସିକ୍ ଏବଂ ଭାସ୍କୁଲାର୍ ସର୍ଜରୀ
- ମେଡିକାଲ୍ ଅଙ୍କୋଲୋଜି
- ସର୍ଜିକାଲ୍ ଅଙ୍କୋଲୋଜି
- ରାଡିଏସନ୍ ଅଙ୍କୋଲୋଜି
- ନ୍ୟୁକ୍ଲିୟର୍ ମେଡିସିନ୍
- ଇଣ୍ଟର୍‌ଭେନ୍ସନାଲ୍ ରେଡିଓଲୋଜୀ

NEW

### ଆମ୍ରି ହସ୍ପିଟାଲ୍ ଭୁବନେଶ୍ୱର

ପ୍ଲଟ ନଂ-୧, ସତ୍ୟସାଇ ଇନ୍‌କ୍ଲବ୍ ପଛ, ଖଣ୍ଡଗିରି
ଭୁବନେଶ୍ୱର - ୭୫୧୦୩୦

**ଉପଲବ୍ଧ ସେବାଗୁଡିକ**

- କାର୍ଡିଓଲୋଜି
- କାର୍ଡିଓଥୋରାସିକ୍ ଏବଂ ଭାସ୍କୁଲାର୍ ସର୍ଜରୀ
- ମେଡିକାଲ୍ ଅଙ୍କୋଲୋଜି
- ସର୍ଜିକାଲ୍ ଅଙ୍କୋଲୋଜି
- ଇଣ୍ଟର୍‌ଭେନ୍ସନାଲ୍ ରେଡିଓଲୋଜୀ

NEW

### କେୟାର୍ ସୁପର୍ ସ୍ପେସିଆଲିଟି ହସ୍ପିଟାଲ୍ ଭୁବନେଶ୍ୱର

ପ୍ଲଟ ନଂ-୩୨୪, ପ୍ରାଚୀ ଇନ୍‌କ୍ଲବ୍, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର - ୭୫୧୦୧୬

**ଉପଲବ୍ଧ ସେବାଗୁଡିକ**

- କାର୍ଡିଓଲୋଜି
- କାର୍ଡିଓଥୋରାସିକ୍ ଏବଂ ଭାସ୍କୁଲାର୍ ସର୍ଜରୀ

ତାଲିକାଭୁକ୍ତ ଘରୋଇ ଡାକ୍ତରଖାନା ଗୁଡିକରେ ନିୟୋଜିତ ସ୍କିମ୍ ଏବଂ ସ୍ୱାସ୍ଥ୍ୟ ମିତ୍ର ବିଷୟରେ
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ :

ଟୋଲ୍ ଫ୍ରୀ ନମ୍ବର : ୧୦୪ | ୱେବ୍‌ସାଇଟ୍ : www.nrhmodisha.gov.in | www.health.odisha.gov.in

**ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା**

OIPR-10001/13/0005/2021

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ । ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର । ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ । –ଶ୍ରୀଅରବିନ୍ଦ



# ବଦଳି ନୀତି

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମେ ୨୦୨୧ରେ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । କେଉଁ ବାବୁମାନେ ଏହି ନିର୍ବାଚନ ଦାୟିତ୍ୱରେ ରହିବେ ସେଥିପାଇଁ ନିର୍ବାଚନ କମିଶନ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଲେଣି । ନିକଟରେ ତାମିଲନାଡୁ ମୁଖ୍ୟ ନିର୍ବାଚନ ଅଧିକାରୀ ସତ୍ୟବ୍ରତ ସାହୁ ଏବଂ ମୁଖ୍ୟ ଶାସନ ସଚିବ କେ.ଷନ୍ମୁଗମଙ୍କୁ ନିର୍ବାଚନ କମିଶନ ଏକ ଚିଠି ଜାରି କରି ଏଥିରେ ଅଧିକାରୀମାନଙ୍କ ବଦଳି ଉପରେ ଗୁରୁତ୍ୱ ଦେଇଛନ୍ତି । ଯେଉଁ ଅଧିକାରୀମାନେ ସେମାନଙ୍କ ପଦବୀରେ ତିନି ବର୍ଷ ବିତାଇ ସାରିଛନ୍ତି ସେମାନଙ୍କ ବଦଳି କାର୍ଯ୍ୟକାରୀ କରିବା ଉପରେ ଜୋର ଦେବାଲାଗି ସେ ଚିଠିରେ ଦର୍ଶାଇଛନ୍ତି । କେବଳ ଏତିକି ନୁହେଁ,କୌଣସି ଅଧିକାରୀ ଯେପରି ତାଙ୍କ ମୂଳ ଜିଲାରେ ଅବସ୍ଥାପିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବାକୁ କହିଛନ୍ତି । ୬ ମାସ ମଧ୍ୟରେ ଅବସର ନେବାକୁ ଯାଉଥିବା ଅଧିକାରୀମାନଙ୍କୁ ତଥା ପୂର୍ବ ନିର୍ବାଚନରେ ଦାୟିତ୍ୱରେ ଅବହେଳା କରିବା ଯୋଗୁ ଯେଉଁ ଅଧିକାରୀମାନଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ସୁପାରିସ କ୍ରମେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେମାନଙ୍କୁ ଏହି ନିର୍ବାଚନରେ କୌଣସି ଦାୟିତ୍ୱ ଦିଆଯିବା ଉଚିତ ନୁହେଁ ବୋଲି କୁହାଯାଇଛି । ପୁନଶ୍ଚ ଯେଉଁ ଅଧିକାରୀମାନେ ମେ ୩୧ ପୂର୍ବରୁ ନିର୍ବାଚନ ସମ୍ବନ୍ଧିତ କୌଣସି ଏକ ପଦବୀରେ ତିନି ବର୍ଷ ପୂରଣ କରୁଥିବେ ସେମାନଙ୍କୁ ବଦଳି କରାଯିବା ଉଚିତ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ସୂତ୍ରରୁ ପ୍ରକାଶ ଯେ, ଗତ ଦୁଇ ମାସରେ ତାମିଲନାଡୁ ସରକାର ୨୦ଟିରୁ ଊର୍ଦ୍ଧ୍ୱ ଜିଲାର ଅନେକ ଜିଲାପାଳ ଓ ଏସ୍‌ପିଙ୍କ ସମେତ ୫୦ରୁ ଅଧିକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିସାରିଛନ୍ତି ।

### ସେବାକୁ ଅନାଦର

ଭାରତରେ ଆଶାୟୀ ଯୁବପିଢ଼ିଙ୍କ ପାଇଁ ସିଭିଲ ସର୍ଭିସ ଆଉ ସ୍ୱପ୍ନର କ୍ୟାରିୟର ହୋଇ ରହୁନାହିଁ କି ? ଏହା ହୋଇପାରେ ବୋଲି ଗତ ୨୦ ବର୍ଷ ମଧ୍ୟରେ ନ୍ୟାଶନାଲ ସ୍କୁଲ ବୋର୍ଡ ଟପ୍ପରମାନଙ୍କ ଉପରେ କରାଯାଇଥିବା ଏକ ସର୍ଭେରୁ ସୂଚନା ମିଳୁଛି । ୧୯୯୫ରୁ ୨୦୧୫ ମଧ୍ୟରେ ସ୍କୁଲ ବୋର୍ଡ ପରୀକ୍ଷାରେ ଟପ୍ପର ହୋଇଥିବା ୮୬ ଜଣ ପୁରୁଷ ଓ ମହିଳାଙ୍କ ମଧ୍ୟରୁ ଅଧାରୁ ଅଧିକ ବିଦେଶରେ ରହି ସାଇନ୍ସ ଆଣ୍ଡ୍ ଟେକ୍‌ନୋଲୋଜି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି କିମ୍ବା ଏକ୍ଷେତ୍ରରେ ଉଚ୍ଚ ଡିଗ୍ରୀ ହାସଲ ଲାଗି ପ୍ରୟାସ କରୁଛନ୍ତି । ଏମାନଙ୍କର ପ୍ରଥମ ପସନ୍ଦ ହେଉଛି ଟେକ୍‌ନୋଲୋଜି ସେକ୍ଟର ଓ ଏହି ସେକ୍ଟରରେ ଏମାନେ ବେଶି କାର୍ଯ୍ୟ କରୁଛନ୍ତି । ତା’ପଛକୁ ରହିଛି ମେଡିସିନ୍ ଏବଂ ଫାଇନାନ୍ସ ସେକ୍ଟର । ଏମାନଙ୍କ ମଧ୍ୟରୁ ଅଧାରୁ ଅଧିକ ଭାରତର ମେଟ୍ରୋଗୁଡ଼ିକରେ ନୁହେଁ,ବରଂ ଦ୍ୱିତୀୟ କିମ୍ବା ତୃତୀୟ ବର୍ଗର ସହରଗୁଡ଼ିକରେ ବଢ଼ିଛନ୍ତି । ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ! କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏମାନଙ୍କ ମଧ୍ୟରୁ କେବଳ ଜଣେ ଟପ୍ପର ସିଭିଲ ସର୍ଭିସରେ ଯୋଗ ଦେଇଛନ୍ତି । ୨୦୦୬ ସିବିଏସ୍‌ଇ (୧୦ମ) ପରୀକ୍ଷାର ଟପ୍ପର ଶୁଭଙ୍କର ମହାପାତ୍ର ମେଡିକାଲ ସାଇନ୍ସରେ ଶିକ୍ଷା ସମାପ୍ତ କରିବା ପରେ ହିଁ ସିଭିଲ ସର୍ଭାଣ୍ଟ ହେବାକୁ ପସନ୍ଦ କରିଛନ୍ତି । ସେ ୨୦୧୬ରେ ଆଇଆର୍‌ଏସ୍ ପରୀକ୍ଷା, ୨୦୧୭ରେ ଆଇପିଏସ୍ ଏବଂ ଶେଷରେ ୨୦୧୮ରେ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇଥିଲେ । ଏହି ଓଡ଼ିଶା କ୍ୟାଡ୍‌ର ଅଧିକାରୀ ଏବେ କନ୍ଧମାଳ(ଓଡ଼ିଶା)ଜିଲାର ଉପ-ଜିଲାପାଳ ଓ ଏସ୍‌ଡିଏମ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଟପ୍ପର କ୍ଲବ୍‌ରୁ ଆଉ ଦୁଇଜଣ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ବାସ୍ ଏହା ହିଁ ଫଳାଫଳ । ଏବେ ଆମ ଟପ୍ପରମାନଙ୍କୁ କ୍ୟାରିୟର ଏବଂ ଆର୍ଥିକ ଦୃଷ୍ଟିରୁ ସିଭିଲ ସର୍ଭିସଠାରୁ ଅଧିକ ଲାଭ ମିଳୁଥିବା ଆହୁରି ଅନେକ ଆକର୍ଷଣୀୟ କ୍ୟାରିୟର ଉପଲବ୍ଧ ହେଉଛି କି ? ଏହା ହୋଇଥାଇପାରେ । ଦଶନ୍ଧି ଦଶନ୍ଧି ଧରି ସିଭିଲ ସର୍ଭିସ ଏକ ଅପୂର୍ବ ସମାଜିକ ପ୍ରତିଷ୍ଠା ଭୋଗ କରିଆସୁଛି । ଏହି ଅଧିକାରୀମାନଙ୍କ ମଧ୍ୟରୁ ଅନେକ ସିଭିଲ ସର୍ଭିସ ଛାଡ଼ି ବାହାରେ ଭଲ ସୁଯୋଗ ପାଇ ପ୍ରାଇଭେଟ ସେକ୍ଟର ଏବଂ ରାଜନୀତିରେ ଯୋଗଦେବା ଧାରା ନିରନ୍ତର ଚାଲିଆସୁଥିବାବେଳେ ଆଇଏଏସ୍ ଏବଂ ଆଲାଏଡ ସର୍ଭିସର ସାମାଜିକ ପ୍ରତିଷ୍ଠାକୁ ଲକ୍ଷ୍ୟ କରି ଲକ୍ଷ ଲକ୍ଷ ମେଧାବୀ ଆଶାୟୀ ଯୁବପିଢ଼ି ୟୁପିଏସ୍‌ସି ପରୀକ୍ଷା ଦେଇଆସୁଛନ୍ତି । କିନ୍ତୁ ଏବେ ତାହା ପରିବର୍ତ୍ତନ ହେଉଥିବା ଜଣାପଡୁଛି ।

### ବିବାଦୀୟ ଟ୍ରେଣ୍ଡ୍

ପଞ୍ଜାବ ସରକାରଙ୍କ ଗୃହ ଓ ନ୍ୟାୟ ବିଭାଗର ସଚିବ ପଦବୀରେ ଆଇଏଏସ୍ କ୍ୟାଡର ରହିବାର ପରମ୍ପରା ରହିଆସିଥିବାବେଳେ ୧୯୯୫ କ୍ୟାଡର ଆଇପିଏସ୍ ଅଧିକାରୀ ଜି.ନାଗେଶ୍ୱର ରାଓଙ୍କୁ ଏବେ ଏହି ପଦବୀରେ ସରକାର ନିଯୁକ୍ତି ଦେଇଛନ୍ତି । ରାଜ୍ୟରେ କ୍ୟାପ୍‌ଟେନ ଅମରିନ୍ଦର ସିଂଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରରେ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବଡ ବିବାଦ ମଧ୍ୟରେ ଏହି ନିଯୁକ୍ତି ଏକ ଅଂଶ ପାଲଟିଯାଇଛି । ତେବେ ସରକାରଙ୍କ ଏହି ପଦକ୍ଷେପ ଆଇପିଏସ୍ ଏବଂ ଆଇଏଏସ୍‌ଙ୍କ ଦୀର୍ଘ ଦିନର ବିବାଦକୁ ତେଜିବାରେ ସହାୟକ ହେବ ବୋଲି ବିଶ୍ୱାସ ହେଉ ନାହିଁ । ସମ୍ଭବତଃ ଆଇଏଏସ୍ ଅଧିକାରୀମାନେ ଏହି ନିଯୁକ୍ତିକୁ ସେମାନଙ୍କ ଅଧିକାର କ୍ଷେତ୍ରରେ ଆଉ ଏକ ଜବରଦଖଲ ବୋଲି ମନେକରୁଥିଲେ ବି ସେମାନେ ଏହାକୁ ଏକ ଟ୍ରେଣ୍ଡ ଭାବେ ଦେଖୁଛନ୍ତି । କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିଲା ପରେ ଏହି ଟ୍ରେଣ୍ଡ୍ ଅଧିକ ସ୍ପଷ୍ଟ ହୋଇଯାଇଛି । କେନ୍ଦ୍ରରେ ହେଉ ଅବା ରାଜ୍ୟସ୍ତରରେ ସମାନତା ପ୍ରଦାନ କରିବା, ପଦୋନ୍ନତି, କେନ୍ଦ୍ରୀୟ ସ୍ତରରେ ନିଯୁକ୍ତି ଲାଗି ତାଲିକା ପ୍ରସ୍ତୁତ କରିବା, ଡେପୁଟେଶନ ପଦ୍ଧତି ଏବଂ ପ୍ରଶିକ୍ଷଣ ପାଠ୍ୟକ୍ରମ ଭଳି ସମସ୍ୟା ଉପରେ ଏହି ଦୁଇ ସମ୍ଭ୍ରାନ୍ତୀୟ ସର୍ଭିସ ମଧ୍ୟରେ ବିବାଦ ଲାଗି ରହିଛି ।

Email: dilipcherian@gmail.com

# ବିପର୍ଯ୍ୟୟମୁଖୀ ଭାରତୀୟ ଅର୍ଥନୀତି

ଡ. ସନ୍ତୋଷ କୁମାର ମହାପାତ୍ର

ରୋମ ଜଳୁଥିବାବେଳେ ସେଠାର ସର୍ବମୟକର୍ତ୍ତା, ଶାସକ ନିରୋ ବଂଶୀ ବଦନରେ ବ୍ୟସ୍ତଥିଲେ । ବର୍ତ୍ତମାନ କରୋନା ସଂକ୍ରମଣର କୁପ୍ରଭାବରେ କେତେ ପରିବାର ଉଜୁଡିଗଲାଣି, କେତେ ଲୋକ ପ୍ରାଣ ହରାଇଲେଣି, କେତେ ଲୋକ ଜୀବିକା ହରାଇ ବେକାରି ହେଲେଣି କେହି ଠିକ ଭାବେ କହିପାରିବେ ନାହିଁ । କରୋନା ସଂକ୍ରମଣର କୁପ୍ରଭାବ ଜୀବନ ଓ ଜୀବିକା ଉପରେ ଏତେ ଅଧିକ ମାତ୍ରାରେ ପଡିଛି ଯେ ତାହା ଜୀବିକା ହରାଇଥିବା ବା ଯେଉଁ ପରିବାରରେ କାହାର ଜୀବନ ଯାଇଛି, ସେମାନଙ୍କୁ ନ ପଚାରିଲେ ଜଣେ ଜାଣିପାରିବ ନାହିଁ । ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ସରକାର ଭୁଲିଯାଉଛନ୍ତି । ବର୍ତ୍ତମାନ ଯେତେବେଳେ ଲୋକମାନେ ଜୀବନ ଓ ଜୀବିକା ପାଇଁ ସଂଗ୍ରାମ କରୁଛନ୍ତି, ସେତେବେଳେ ସରକାର ଏହାର ସମାଧାନ କରିବା ପରିବର୍ତ୍ତେ କେବଳ ପ୍ରଚାରରେ ବ୍ୟସ୍ତ ରହୁଛନ୍ତି । ଅନେକ ରଙ୍ଗେଲି ସ୍ୱପ୍ନ ଅଯଥାରେ ଦେଖୁଛନ୍ତି ଏବଂ ବର୍ତ୍ତମାନ ପାଇଁ ଅନାବଶ୍ୟକ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି । ପ୍ରତ୍ୟେକ ଦିନ ନୂଆ ନୂଆ ସ୍ଲୋଗାନ ଦିଆଯାଉଛି । ତାହା ଆଲୋଚନା ନ କରି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ସରକାର ଆତ୍ମନିର୍ଭର ଭାରତ, ଆର୍ଥିକ ସୁଧାର, କମ୍ ମୃତ୍ୟୁହାର, ପାଞ୍ଚ ଟ୍ରିଲିୟନ ଡଲାର ଅର୍ଥନୀତି କଥା କହୁଛନ୍ତି । ରାମମନ୍ଦିର ନିର୍ମାଣରେ ବ୍ୟସ୍ତରହିବା, ୧୦୦୦କୋଟି ଟଙ୍କାରେ ସଂସଦ ଭବନ ନିର୍ମାଣ ଆଉ ଏକ ଉଦାହରଣ । ସରକାର କରୋନା ସମୟରେ ଲୋକଙ୍କ ପ୍ରତିବାଦ କରିବାର କ୍ଷମତା କ୍ଷୀଣହେବା ଯୋଗୁ ତାହାର ଫାଇଦା ନେଇ ଜନବିରୋଧୀ ବିଲ୍ ସବୁ ସଂସଦରେ ଗୃହୀତ କରାଉଛନ୍ତି । ସରକାର କ’ଣ କରିଛନ୍ତି ନ କହି, ଖାଲି ଭବିଷ୍ୟତରେ କ’ଣ କରିବେ ବୋଲି କହୁଛନ୍ତି । ଭବିଷ୍ୟତରେ ସମସ୍ତେ ମୃତ ଏବଂ ଆସନ୍ତାକାଲି କେହି ଦେଖିନାହିଁ । ବିଫଳତା ପାଇଁ ଭଗବାନଙ୍କୁ ଦାୟୀ କରାଯାଉଛି ଏବଂ ବିଫଳତାକୁ ସଫଳତାର ରୂପେ ଗଣମାଧ୍ୟମରେ ଅହରହ ପ୍ରଚାର କରାଯାଉଛି । ପ୍ରବଳକ୍ଷୁଧା, ଉତ୍କଟ ଦାରିଦ୍ର୍ୟ, ଭୟଙ୍କର ଅନାହାର, ବାସହୀନତା, ଭୟଙ୍କର ବେକାରି ଓ ବୈଷମ୍ୟ ପ୍ରତି ସରକାରଙ୍କ ଟିକେ ନିଘା ନାହିଁ । ପ୍ରତ୍ୟେକ କଥାରେ ଏହା ଦେଲୁ ତାହା ଦେଲୁ କହୁଛନ୍ତି । ପ୍ରତିବର୍ଷ ଯିଏ ଶାସନ କରୁନା କାହିଁକି ୩୦ଲକ୍ଷ କୋଟି ଟଙ୍କ ପାଖାପାଖି ରାଜସ୍ୱ ଆଦାୟ ହେବ । ଯିଏ ଶାସନ କରୁନା କାହିଁକି ଖର୍ଚ୍ଚ ନ କରିବା ଏବଂ ରାଜ୍ୟମାନଙ୍କୁ ତା’ର ଅଂଶ ଦେବା । ଏଣୁ ପ୍ରଚାର କରିବା ଆବଶ୍ୟକତା ରହିଲା କେଉଁଠି ?

ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ, ନିୟନ୍ତ୍ରଣ ବିହୀନ । ତ୍ରୁଟିପୂର୍ଣ୍ଣ ଆର୍ଥିକ ପରିଚାଳନା, କ୍ରୁର ବିମୁଦ୍ରୀକରଣ ଏବଂ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି କାରଣରୁ ଜାନୁୟାରୀ–ମାର୍ଚ୍ଚ ୨୦୧୮ ଭାରତୀୟ ଅର୍ଥନୀତିରେ ଯେଉଁ ଆର୍ଥିକ ଅଭିବୃଦ୍ଧି ମନ୍ଥର ହୋଇଥିଲା ତାହା କରୋନା ମହାମାରୀ ପ୍ରଭାବରେ ଜୁଲାଇ–ସେପ୍ଟେମ୍ବର ୨୦୨୦ରେ ଟେକ୍‌ନିକାଲ ରିସେସନ ରୂପ ନେଇଛି । ଅନ୍ଧାଦୁନିଆ, ଯୋଜନା ବିହୀନ ତାଲାବନ୍ଦ ଭାରତୀୟ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି । ଏପ୍ରିଲ – ଜୁନ ୨୦୨୦ ତ୍ରୈମାସିକରେ ଜିଡିପି ୨୩.୯% ସଂକୋଚନ ( –୨୩.୯%) ପରେ ଦ୍ୱିତୀୟ ତ୍ରୈମାସିକ ଜୁଲାଇ–ସେପ୍ଟେମ୍ବର ୨୦୨୦ରେ ଏହି ହ୍ରାସ ହାର କମି –୭.୫% ହୋଇଛି । ଏକ ଅର୍ଥନୀତିରେ ଟେକ୍‌ନିକାଲ ରିସେସନ ଦେଖାଦେଇଛି ବୋଲି କୁହାଯିବ ; ଯେତେବେଳେ ଲଗାତର ଦୁଇଟି ତ୍ରୈମାସିକରେ ଅଭିବୃଦ୍ଧି ନେଗେଟିଭ ବା ବିଯୁକ୍ତାତ୍ମକ ହୋଇଥାଏ । ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏହି ସମସ୍ୟା ଦେଖାଦେଇଛି ।

ଏକ ଦେଶର ଅର୍ଥନୀତିରେ ଡିପ୍ରେସନ ଦେଖାଦେଇଛି ବୋଲି କୁହାଯିବ, ଯଦି ଅଭିବୃଦ୍ଧି ଲଗାତର ଭାବେ ୩ବର୍ଷ ଧରି ବିଯୁକ୍ତାତ୍ମକ ହୁଏ ବା ଜିଡିପି ଏକ ବର୍ଷରେ ୧୦%ରୁ ଊର୍ଦ୍ଧ୍ୱ ହ୍ରାସ ପାଏ ବା ବେକାରି ହାର ୨୫% ବା ତାହାଠାରୁ ଅଧିକ ହୋଇଥାଏ । ଗତ ୬୯ ବର୍ଷ ମଧ୍ୟରେ ଭାରତ ୧୯୫୮, ୧୯୬୬ ଏବଂ ୧୯୮୦ ଆର୍ଥିକ ବର୍ଷରେ ବିଯୁକ୍ତାତ୍ମକ ଅଭିବୃଦ୍ଧି ଦେଖିଛି, କିନ୍ତୁ କ୍ରମାଗତ ଦୁଇଟି ତ୍ରୈମାସିକରେ ବିଯୁକ୍ତାତ୍ମକ ଅଭିବୃଦ୍ଧି ଦେଖାଦେଇ ନ ଥିଲା । ବର୍ତ୍ତମାନ ସବୁଠାରୁ ଚିନ୍ତାର ବିଷୟ ହେଉଛି ଯେ ଭାରତୀୟ ଅର୍ଥନୀତିରେ କେବଳ ଜିଡିପି ହ୍ରାସ ହୋଇନାହିଁ ବରଂ ଅର୍ଥନୀତି ଭୟଙ୍କର ବିପର୍ଯ୍ୟୟ ଆଡକୁ ଗତିକରୁଛି । ଭୟାନକ ଷ୍ଟାଗଫ୍ଲେସନ,ରିସେସନ ଏପରି କି ଡିପ୍ରେସନ ସମ୍ମୁଖୀନ ହୋଇଛି । ଏକ ଅର୍ଥନୀତିରେ ଷ୍ଟାଗଫ୍ଲେସନ ବା ସ୍ଥାଣୁତ୍ୱ ଯୁକ୍ତମୁଦ୍ରାସ୍ଫୀତି ଦେଖାଦେଇଛି ବୋଲି ଜାଣିବ, ଯେତେବେଳେ ମୁଦ୍ରାସ୍ଫୀତି ସାଙ୍ଗକୁ ଅଭିବୃଦ୍ଧି ହ୍ରାସପାଏ/ମନ୍ଥର ହୁଏ ଏବଂ ଚାକିରି/ନିଯୁକ୍ତି ହ୍ରାସଘଟେ । ଏକ ମହାମାରୀ ସମୟରେ ଯଦି ସବୁଦେଶ ପ୍ରଭାବିତ ହେଉଥାଏ, ତେବେ ଏକ ଦେଶର ସରକାର ବା ଶାସନ କର୍ତ୍ତାଙ୍କୁ ଦକ୍ଷ କୁହାଯିବ ଯଦି ଅନ୍ୟ ଦେଶ ତୁଳନାରେ ତାଙ୍କ ଦେଶ କମ୍ ପ୍ରଭାବିତ ହୁଏ । ୧୦ଟି ଶ୍ରେଷ୍ଠ ଅର୍ଥନୀତି ମଧ୍ୟରେ ଭାରତ ଉଭୟ ତ୍ରୈମାସରେ ସର୍ବାଧିକ ଖରାପ ପ୍ରଦର୍ଶନ କରିଛି । ପୂର୍ବତନ ରିଜର୍ଭବ୍ୟାଙ୍କ ଗଭର୍ନର ଡୁଭୁରୀ ସୁବାରାଓ କହିଛନ୍ତି ଯେ, ଜିଡିପି ଆକଳନ ବେଳେ ଅଣଆନୁଷ୍ଠାନିକ କ୍ଷେତ୍ରରେ କରୋନା ମହାମାରୀର କୁପ୍ରଭାବ ବିଚାରକୁ ନିଆଯାଇନାହିଁ । ପୂର୍ବତନ ମୁଖ୍ୟ ପରିସଂଖ୍ୟାନ ବିଶେଷଜ୍ଞ ପ୍ରୋନବସେନଙ୍କ ଅନୁଯାୟୀ ଭାରତରେ ବର୍ତ୍ତମାନର ଅର୍ଥନୈତିକ ଅବସ୍ଥା ଅତ୍ୟନ୍ତ ଅନିଶ୍ଚିତ । ବିଭିନ୍ନ ପ୍ରକାର ଆକଳନରୁ ଜଣାପଡିଛି ୨୦୨୦–୨୧ରେ ଜିଡିପି ୭.୫%ରୁ ୧୦% ହ୍ରାସପାଇବ । ଜିଡିପି ହ୍ରାସର ମାତ୍ର ୧% ଅର୍ଥ ହେଉଛି ଜାତୀୟ ଆୟର ପ୍ରାୟ ୨ଲକ୍ଷ କୋଟି ଟଙ୍କା ହ୍ରାସ ଘଟିବା । ଦଶ ପ୍ରତିଶତ ହ୍ରାସ ଅର୍ଥ ୨୦୨୦–୨୧ ପାଇଁ ଜାତୀୟ ଆୟ ୨୦ଲକ୍ଷ କୋଟି ଟଙ୍କା ହ୍ରାସପାଇବ । ସରକାର ପ୍ରଚାର କରୁଛନ୍ତି ଯେ, କରୋନା ପାଇଁ ଯେଉଁ ଆର୍ଥିକ ପ୍ୟାକେଜ ଦେଇଛନ୍ତି ତାହାର ମୂଲ୍ୟ ଜିଡିପିର ୧୫% ।

ସେଣ୍ଟର ଫର ମନିଟରିଂ ଅଫ୍ ଇଣ୍ଡିଆନ୍ ଇକୋନୋମି (ସିଏମଆଇଇ)ର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୪ ତାଲାବନ୍ଦ ପୂର୍ବରୁ ମାର୍ଚ୍ଚ ୨୨ରେ ବେକାରି ହାର ୮.୪% ଥିଲା । କୋଭିଡ୍ –୧୯ର ପ୍ରସାରକୁ ରୋକିବା ପାଇଁ ତାଲାବନ୍ଦ ଯୋଗୁ ମେ ୩, ୨୦୨୦ ଶେଷ ହୋଇଥିବା ସପ୍ତାହରେ ଭାରତର ବେକାରି ହାର ୨୭.୧ % ବୃଦ୍ଧିପାଇଥିଲା । ଅର୍ଥନୀତିରେ ତାଲାବନ୍ଦ କୋହଳ ହେବା ଯୋଗୁ ଗତ କିଛି ମାସ ବେକାରି ହାର ୬%ରୁ ୮% ମଧ୍ୟରେ ଥିଲା । ସରକାର ଅର୍ଥନୀତିରେ ସୁଧାର ଆସିଛି ବୋଲି ବାରମ୍ବାର କହିଲେ ମଧ୍ୟ ତାହା ବାସ୍ତବରେ ବିପରୀତ । ଭାରତର ସାମଗ୍ରିକ ବେକାରି ହାର ବା ବେରୋଜଗାର ହାର ବୃଦ୍ଧି ପାଇ ୧୩ ଡିସେମ୍ବରରେ ଶେଷ ହୋଇଥିବା ସପ୍ତାହରେ ୧୧.୬୩%ରେ ପହଞ୍ଚିଛି, ଯାହା ଗତ ୨୩ ସପ୍ତାହର ସର୍ବାଧିକ । ଏପ୍ରିଲରେ ପ୍ରାୟ ୧୨.୧୫ କୋଟି ଭାରତୀୟ ନିଯୁକ୍ତି ହରାଇଛନ୍ତି । ଅବଶ୍ୟ ଏହି ହାର ବାସ୍ତବରେ ବହୁ ଅଧିକ । ଏତିକିରେ ରହିବାର କାରଣ ହେଲା, କରୋନା ଯୋଗୁ ଲୋକ ନିଯୁକ୍ତି ଚାହୁଁ ନାହାନ୍ତି ।

ଭାରତରେ ହୋଲସେଲ ବା ପାଇକାରୀ ମୂଲ୍ୟ ସୂଚକାଙ୍କଭିତ୍ତିକ ମୁଦ୍ରାସ୍ଫୀତି ନଭେମ୍ବରରେ ୧.୫୫% ବୃଦ୍ଧିପାଇଛି ; ଯାହା ଗତ ନଅମାସରେ ସର୍ବାଧିକ । କ୍ରମାଗତ ୧୦ମାସ ପାଇଁ ଗ୍ରାହକ ବା ଖୁଚୁରା ମୁଦ୍ରାସ୍ଫୀତି ୬%ରୁ ଅଧିକ । ଅକ୍ଟୋବରରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ୭.୬୧% ଛୁଇଁଛି, ନଭେମ୍ବରରେ ଏହା ୬.୯୩%କୁ ହ୍ରାସପାଇଥିଲେ ମଧ୍ୟ, ତଥାପି ରିଜର୍ଭବ୍ୟାଙ୍କର ଲକ୍ଷ୍ୟଠାରୁ ବହୁଅଧିକ । ଖାଦ୍ୟ ମୁଦ୍ରାସ୍ଫୀତି ଯାହା ଗରିବ ଏବଂ ନିମ୍ନମାନର ଲୋକଙ୍କୁ ପ୍ରଭାବିତ କରିଥାଏ ତାହା ନିୟନ୍ତ୍ରଣ ବାହାରେ । ଉଚ୍ଚ ମୁଦ୍ରାସ୍ଫୀତି, ସ୍ୱଳ୍ପ ସୁଧହାର ଯୋଗୁ ସଞ୍ଚୟକାରୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି କାରଣ ସେମାନେ ସେମାନଙ୍କ ଜମାରୁ ଏକ ବିଯୁକ୍ତାତ୍ମକ ବାସ୍ତବ ସୁଧହାର (ନାମମାତ୍ର ସୁଧହାର–ମୁଦ୍ରାସ୍ଫୀତି) ପାଉଛନ୍ତି । ଅପରପକ୍ଷେ, ସରକାର ଏବଂ କର୍ପୋରେଟ ଲାଭବାନ ହେଉଛନ୍ତି କାରଣ ସେମାନେ ସର୍ବାଧିକ ଋଣ କରିଥାନ୍ତି ଏବଂ ବର୍ତ୍ତମାନ ବାସ୍ତବରେ କମ୍ ନାମାଙ୍କନ ସୁଧ ବା ବିଯୁକ୍ତାତ୍ମକ ସୁଧ ଦେଉଛନ୍ତି । ବର୍ତ୍ତମାନ ବ୍ୟାଙ୍କର ଅଚଳ ସମ୍ପତ୍ତି ବା ଖରାପ ଋଣ, ବ୍ୟାଙ୍କ ଜାଲିଆତି, ଠକାମି ଅହେତୁକ ବୃଦ୍ଧି ପାଇବାରୁ ବ୍ୟାଙ୍କ ଶିଳ୍ପ ଧ୍ୱସ୍ତବିଧ୍ୱସ୍ତ ହୋଇଛି । ଏକ ଦେଶର ଅର୍ଥନୀତି ବ୍ୟାଙ୍କ ଉପରେ ନିର୍ଭର କରେ । ଚଳିତ ଆର୍ଥିକବର୍ଷରେ ଯେତିକି ଟିକସ ଆଦାୟ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା ତାହାଠାରୁ ପ୍ରାୟ ୪ଲକ୍ଷ କୋଟି ଟଙ୍କା କମ୍ ଆଦାୟ ହେବ । ଋଣ–ଜିଡିପି ଅନୁପାତ ୮୦% ଅତିକ୍ରମ କରିବ । ବିତ୍ତୀୟ ନିଅଣ୍ଟ ବହୁଆଗରୁ ନିୟନ୍ତ୍ରଣ ବାହାରକୁ ଗଲାଣି । ରାଜ୍ୟଗୁଡ଼ିକର ଆର୍ଥିକ ଅବସ୍ଥା ଆହୁରି ଭୟାନକ, କାରଣ ସେମାନଙ୍କର କେବଳ ରାଜସ୍ୱ ହ୍ରାସପାଉନି, କେନ୍ଦ୍ର ସହାୟତା ହ୍ରାସପାଉଛି । ଶିକ୍ଷା ସ୍ୱାସ୍ଥ୍ୟ ଆଜି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । କରୋନା ମାହାମାରୀ ପରେ ଅନେକ ସେବାର ମୂଲ୍ୟ ଦ୍ୱିଗୁଣିତ ବୃଦ୍ଧିପାଇଛି । ଛାତ୍ରୀଛାତ୍ର, ଯେଉଁମାନେ ଦେଶର ଭବିଷ୍ୟତ, ସେମାନେ ଆଜି ବିଦ୍ୟାଳୟ, ମହାବିଦ୍ୟାଳୟକୁ ଯାଇ ପାରୁନାହାନ୍ତି । ବର୍ତ୍ତମାନ ବେଶି ଲୋକ କ୍ଷୁଧାର ଗହ୍ୱରକୁ ଠେଲି ହୋଇଯାଇଛନ୍ତି । ଭବିଷ୍ୟତର ଅନିଶ୍ଚିତତା ଯୋଗୁଁ ଅନେକ ମାନସିକ ରୋଗର ଶିକାର ହେଉଛନ୍ତି । କିନ୍ତୁ ଏହି ସମୟରେ ଧନିକ ଶ୍ରେଣୀ କର୍ପୋରେଟଙ୍କ ସମ୍ପଦ ଅହେତୁକ ବୃଦ୍ଧିପାଉଛି ; ଯାହା ଭୟଙ୍କର ‘କେ’ ଆକୃତିର ସୁଧାର ଦର୍ଶାଉଛି । କିନ୍ତୁ ଯଦି ସରକାରୀ ବ୍ୟୟ କଥା ବିଚାର କରାଯାଏ, ବିଶ୍ୱରେ ଏହା ହାରାହାରି ଜିଡିପିର ୧୦ରୁ ୧୫% ହୋଇଥିଲା ବେଳେ ଭାରତରେ ମାତ୍ର ୨.୫% ।

ମୋ–୯୪୩୭୨୦୮୭୬୨
skmohapatra67@gmail.com

# ବେଦପାଠ ଓ ସ୍ମୃତିଶକ୍ତି

ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବେଦକୁ ‘ଶ୍ରୁତି’ ବୋଲି କୁହାଯାଏ । କାରଣ ବୈଦିକ ଯୁଗରେ ଶିଷ୍ୟମାନେ ଗୁରୁଙ୍କଠାରୁ ଏହାକୁ ଶୁଣି ଶୁଣି ମନେରଖୁଥିଲେ । ଭାବିଲେ ବିସ୍ମୟ ଲାଗେ, ଚାରିଖଣ୍ଡ ଏହି ବିଶାଳ ମହାଗ୍ରନ୍ଥକୁ ସେମାନେ ଏତେ ନିର୍ଭୁଲ୍ ଭାବେ ମନେରଖି ଦେଉଥିଲେ କିପରି ? ଏ ପ୍ରଶ୍ନର ଏକ ସମ୍ଭାବ୍ୟ ବିଜ୍ଞାନଭିତ୍ତିକ ଉତ୍ତର ରଖିଛନ୍ତି ଇଟାଲିର ସ୍ନାୟୁବିଜ୍ଞାନୀ ଡ.ଜେମସ ହାର୍ଟଜେଲ ଏବଂ ତାଙ୍କ ସହଯୋଗୀମାନେ । ୨୦୧୯ରେ ବିଜ୍ଞାନ ପତ୍ରିକା ‘ସାଇଣ୍ଟିଫିକ୍ ଆମେରିକାନ୍’ରେ ପ୍ରକାଶିତ ଏକ ନିବନ୍ଧରେ ସେମାନେ ସୂଚିତ କରିଛନ୍ତି ଯେ, ବେଦରେ ଥିବା ମନ୍ତ୍ରଗୁଡିକୁ ବାରମ୍ବାର ପଢି ମନେରଖିବାକୁ ଚେଷ୍ଟା କରିବା ଦ୍ୱାରା ଉଭୟ ଦୀର୍ଘସ୍ଥାୟୀ ଏବଂ ସ୍ୱଳ୍ପସ୍ଥାୟୀ ସ୍ମୃତିଶକ୍ତି ଭଳି ବୋଧଶକ୍ତି ସହିତ ସଂପୃକ୍ତ ମସ୍ତିଷ୍କର ଅଂଶଗୁଡିକର ଆକାର ବୃଦ୍ଧି ପାଏ । ବୋଧହୁଏ ଏହା ହିଁ ତାହାର କାରଣ । ସେମାନେ ଏହାକୁ ‘ସଂସ୍କୃତି ପ୍ରଭାବ’ ବୋଲି ନାମିତ କରିଛନ୍ତି ।

ହାର୍ଟଜେଲ ଏବଂ ଟରଣ୍ଟୋ ବିଶ୍ୱବିଦ୍ୟାଳୟର ତାଙ୍କ ସହଯୋଗୀମାନେ ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ପରୀକ୍ଷାଟିଏ କରିଥିଲେ । ଏଥିରେ ସେମାନେ ହରିୟାଣା(ଭାରତ)ର ମାନେସରଠାରେ ଅବସ୍ଥିତ ‘ନ୍ୟାଶନାଲ ବ୍ରେନ ରିସର୍ଚ୍ଚ ସେଣ୍ଟର’ ବା ‘ଏନ୍‌ବିଆରସି’ର ଡ. ତନ୍ମୟ ନାଥ ଏବଂ ଡ.ନନ୍ଦିନୀ ଚାଟାର୍ଜୀ ସିଂଙ୍କୁ ମଧ୍ୟ ସହଭାଗୀ କରିଥିଲେ । ସେମାନେ ଏଥିରେ ୪୨ଜଣ ୨୧–୨୨ବର୍ଷୀୟ ସ୍ୱେଚ୍ଛାସେବୀଙ୍କୁ ନେଇଥିଲେ । ତାଙ୍କ ମଧ୍ୟରୁ ୨୧ଜଣ ଥିଲେ ଉଚ୍ଚଶିକ୍ଷାପ୍ରାପ୍ତ ସଂସ୍କୃତ ପଣ୍ଡିତ ; ଯେଉଁମାନେ କି ପିଲାଦିନୁ ବର୍ଷ ବର୍ଷ ଧରି ନିୟମିତ ଭାବେ ଯଜୁର୍ବେଦ ପଠନ ଏବଂ ଗାନ କରୁଥିଲେ । ସେମାନଙ୍କୁ ଦିଲ୍ଲୀର ଏକ ବୈଦିକ–ପଣ୍ଡିତ ଶିକ୍ଷାନୁଷ୍ଠାନରୁ ନିଆଯାଇଥିଲା, ଅବଶିଷ୍ଟ ୨୧ଜଣ ଥିଲେ ଏକ ସାଧାରଣ କଲେଜର ଛାତ୍ର ।

‘ଏନବିଆରସି’ଠାରେ ସେ ସମସ୍ତଙ୍କ ମସ୍ତିଷ୍କର ‘ମାଗ୍ନେଟିକ ରେଜୋନାନ୍ସ ଇମେଜିଂ’ କରାଯାଇଥିଲା । ମସ୍ତିଷ୍କରେ ଥିବା ତଥାକଥିତ ‘ଧୂସର ପଦାର୍ଥ’ (ଗ୍ରେ ମାଟର) ଅଞ୍ଚଳରେ ଭରି ରହିଥାଏ ସ୍ନାୟୁକୋଷ । ଏହା ମାଂସପେଶୀ ନିୟନ୍ତ୍ରଣ, ଇନ୍ଦ୍ରିୟାନୁଭୂତି, ସ୍ମରଣଶକ୍ତି, ଭାବପ୍ରବଣତା, କଥା କହିବା ଏବଂ ନିଷ୍ପତ୍ତି ନେବା ଆଦି କାର୍ଯ୍ୟ ସହିତ ସଂପୃକ୍ତ । ଏଥି ମଧ୍ୟକୁ ସୂଚନା ବହନ କରିନିଏ ତହିଁରେ ଥିବା ସ୍ନାୟୁକୋଷଗୁଡ଼ିକର ଏକ ବିଡା ହୋଇଥିବା ‘ଧବଳ ପଦାର୍ଥ’ (ହ୍ୱାଇଟ ମାଟର) । ଅନ୍ୟପକ୍ଷରେ ହିପୋକ୍ୟାମ୍ପସ ହେଉଛି ମସ୍ତିଷ୍କର କେନ୍ଦ୍ରାଞ୍ଚଳରେ ଥିବା ଏକ ଛୋଟିଆ ଅଙ୍ଗ । ଏହା ସ୍ମୃତି ସହିତ ସଂପୃକ୍ତ ଭାବପ୍ରବଣତା, ବିଶେଷକରି ଦୀର୍ଘସ୍ଥାୟୀ ସ୍ମୃତିକୁ ସ୍ୱୟଂକ୍ରିୟ ଭାବେ ଲିପିବଦ୍ଧ ଏବଂ ନିୟନ୍ତ୍ରଣ କରିଥାଏ । ଏହାର ଦୁଇଟି ଭାଗ ରହିଛି– ଆଗ ଏବଂ ପଛ । ତହିଁରୁ ପଛପାଖଟି ଉତ୍ତମ ସ୍ମୃତି ଏବଂ ପୁରୁଣା ସ୍ମୃତିକୁ ମନେରଖିବା ସହିତ ଜଡିତ ଭଳି ମନେହୁଏ । ଅନ୍ୟପକ୍ଷରେ, ମସ୍ତିଷ୍କକୁ ଘେରି ରହିଥିବା ବାହ୍ୟାଂଶ ବା ‘କୋରଟେକସ’ (ମୁଖ୍ୟତଃ ଏକ ଆବରଣ) ଦୃଢ଼ ଭାବେ ବାନ୍ଧି ହୋଇଥିବା ସ୍ନାୟୁକୋଷଗୁଡ଼ିକରେ ଭର୍ତ୍ତି । ଏହା ନିଷ୍ପତ୍ତି ଗ୍ରହଣ ଭଳି ଉଚ୍ଚତର ଚିନ୍ତାର ପ୍ରକ୍ରିୟାକରଣ ଲାଗି ଦାୟୀ ।

ଇଟାଲି ଓ ଭାରତର ଉପରୋକ୍ତ ବୈଜ୍ଞାନିକମାନେ କରିଥିବା ୨୧ଜଣ ପଣ୍ଡିତ ଏବଂ ୨୧ଜଣ ଅନ୍ୟ ସ୍ୱେଚ୍ଛାସେବୀଙ୍କ ମସ୍ତିଷ୍କର ମାଗ୍ନେଟିଂ ରେଜୋନାନ୍ସର ଇମେଜିଂରୁ ସେ ଉଭୟ ଗୋଷ୍ଠୀଙ୍କ କ୍ଷେତ୍ରରେ ଏହାର ବିଭିନ୍ନ ଅଂଶର ଗଠନରେ ଉଲ୍ଲେଖନୀୟ ପ୍ରଭେଦ ପରିଲକ୍ଷିତ ହେଲା । ତହିଁରୁ ଜଣାପଡିଲା ଯେ, ପଣ୍ଡିତମାନଙ୍କର ‘ଧୂସର ପଦାର୍ଥ’ ଅଧିକ ଘନ ଏବଂ ‘କୋରଟେକସ୍’ ଅଧିକ ମୋଟା ହେଲାବେଳେ ଦୀର୍ଘସ୍ଥାୟୀ ଏବଂ ସ୍ୱଳ୍ପସ୍ଥାୟୀ ସ୍ମୃତି ସହିତ ସଂପୃକ୍ତ ‘ହିପୋକ୍ୟାମ୍ପସ’ ମଧ୍ୟ ଅଧିକ ସୁସ୍ପଷ୍ଟ । ପୁନଶ୍ଚ ମସ୍ତିଷ୍କର ଏ ପ୍ରକାର ପରିବର୍ତ୍ତନ ଦୀର୍ଘସ୍ଥାୟୀ ବୋଲି ତହିଁରୁ ଜଣାପଡିଥିଲା । ଅତଏବ ଗବେଷକମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ବେଦଭ୍ୟାସ କରୁଥିବା ପଣ୍ଡିତମାନଙ୍କର ଅନ୍ୟ ଗୋଷ୍ଠୀ ତୁଳନାରେ ସ୍ମୃତିଶକ୍ତି, ନିଷ୍ପତ୍ତି ନେବା ଶକ୍ତି, ଇନ୍ଦ୍ରିୟାନୁଭବ ଆଦି ଅଧିକ ଏବଂ ଦୀର୍ଘସ୍ଥାୟୀ ।

ଏହା ଆଗରୁ ଆମେରିକାର ହଷ୍ଟନଠାରେ ଭାରତୀୟ ବଂଶୋଦ୍ଭବ ସ୍ନାୟୁବିଜ୍ଞାନୀ ଡ. ଗିରିଧର କଲମାଙ୍ଗଲମ୍ ଏବଂ ଡ. ଟି.ଏମ. ଇଲମୋରେ ମଧ୍ୟ ସଂସ୍କୃତି ପଣ୍ଡିତମାନଙ୍କଠାରେ ଏହି ଏକାଭଳି ପରୀକ୍ଷାଟିଏ କରିଥିଲେ । ଏମାନଙ୍କର ‘କୋରଟେକ୍ସ’ ଅଧିକ ମୋଟା ହୋଇଥିବାର ତହିଁରୁ ଜଣାପଡିଥିଲା । ଅତଏବ ନିୟମିତ ବେଦପାଠ ପଣ୍ଡିତମାନଙ୍କ (ବୈଦିକ ଯୁଗର ମୁନି ଋଷିମାନଙ୍କର ମଧ୍ୟ) ମସ୍ତିଷ୍କରେ ସେମାନଙ୍କ ବୌଦ୍ଧିକ ବିକାଶ ଲାଗି ଆବଶ୍ୟକ ପରିବର୍ତ୍ତନ ଆଣେ ବୋଲି ମନେ କରାଗଲା । ତେବେ କେବଳ ବେଦାଭ୍ୟାସର ମସ୍ତିଷ୍କ ଉପରେ ଏଭଳି ସକାରାତ୍ମକ ପ୍ରଭାବ ରହିଛି ବୋଲି ବିଚାର କରିବା ଠିକ୍ ନୁହେଁ । କାରଣ ହାର୍ଟଜେଲଙ୍କ ମତରେ ଏହା ମସ୍ତିଷ୍କକୁ ଉପଯୁକ୍ତ ବ୍ୟାୟାମର ସୁଯୋଗ ଦେଉଥିବାରୁ ଏପରି ଘଟେ । ଅତଏବ ଗୀର୍ଜାରେ ନିୟମିତ ପ୍ରାର୍ଥନାରତ ରହୁଥିବା ଧର୍ମଗୁରୁ, ସଙ୍ଗୀତ ସାଧନା କରୁଥିବା ସଙ୍ଗୀତଜ୍ଞ ଏବଂ ଦୀର୍ଘକାଳ ଧରି ବିଦ୍ୟାଭାସ କରୁଥିବା ବିଦ୍ୟାର୍ଥୀମାନଙ୍କଠାରେ ମଧ୍ୟ ଏ ପ୍ରଭାବ ପରିଲକ୍ଷିତ ହୋଇପାରିବ । ଏହା ମନକୁ ଆଣିଥାଏ ଏକ ପ୍ରଚଳିତ ଉକ୍ତିର ସାରତା–‘ଘୋଷଣଂ ବିଦ୍ୟା’, ଅର୍ଥାତ ଯିଏ ଯେତେ ଅଭ୍ୟାସ କରି ପଢିବ ସେ ସେତେ ଅଧିକ ବିଦ୍ୟା ଅର୍ଜନ କରିବାକୁ ସମର୍ଥ ହେବ । ଆଗେ ଆମ ବିଦ୍ୟାଳୟଗୁଡ଼ିକରେ ପଣିକିଆ ଡାକିବା କିମ୍ବା କୌଣସି କବିତା ବା ପ୍ରାର୍ଥନା ବାରମ୍ବାର ଆବୃତ୍ତି କରିବାକୁ କୁହାଯାଉଥିଲା । ସମ୍ଭବତଃ ଏହା ଛାତ୍ରୀଛାତ୍ରଙ୍କ ମସ୍ତିଷ୍କ ତଥା ସ୍ମରଣଶକ୍ତି ଉପରେ ଅନୁକୂଳ ପ୍ରଭାବ ପକାଉଥିଲା । ଅତଏବ ଏହାକୁ ପୁନର୍ବାର ଶିକ୍ଷାର ଏକ ଅଙ୍ଗ କରିବା ସଙ୍ଗେ ସଙ୍ଗେ ବେଦ ଅଥବା ସେ ପ୍ରକାର ଗ୍ରନ୍ଥମାନ ଅଭ୍ୟାସ କରି ପାଠ କରିବା ଲାଗି ଛାତ୍ରୀଛାତ୍ରମାନଙ୍କୁ ପ୍ରରୋଚିତ କରାଯିବା ଉଚିତ । ଅନ୍ୟପକ୍ଷରେ ବୟସ୍କ ଲୋକେ ସ୍ମୃତିହୀନତାର ପ୍ରତିରୋଧ ଲାଗି ମଧ୍ୟ ଏ ପ୍ରକାର ‘ମସ୍ତିଷ୍କ ବ୍ୟାୟାମ’ କରିବା ଦରକାର ।

ଉଷା ନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ–୯୯୩୭୦୯୮୫୭୬୭

### ଏଇ ଭାରତରେ

ପ୍ଲାଷ୍ଟିକ ବର୍ଜ୍ୟ ବହୁ ସମୟରେ ଆମମାନଙ୍କର ଚିନ୍ତା ବଢ଼ାଇ ଦେଉଥିବାବେଳେ ଏହାର ରିସାଇକ୍ଲିଂ ପ୍ରୋସେସର ଅଭିନବ ପଦ୍ଧତି ଆମକୁ କିଛିଟା ସାନ୍ତ୍ୱନା ଦେଉଛି । ଏଭଳି ଏକ ଉପାୟ ନେଇ ଆସିଛନ୍ତି ଜୋରଓ୍ୱାର ପୁରୋହିତ ଓ ତାଙ୍କର ତିନି ବନ୍ଧୁ । ସେମାନେ ୫ ଲକ୍ଷରୁ ଅଧିକ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ଏକ ହୋଟେଲ ନିର୍ମାଣ କରିଛନ୍ତି । ଜୋରାଓ୍ୱାର ତାଙ୍କ ତିନି ବନ୍ଧୁ ଅଖିଲ ବର୍ମା, ଆଦିତ୍ୟ ବର୍ମା ଓ ରୋହିତ ପାଠକଙ୍କ ସହ ମିଶି ଆଉଟବ୍ୟାକ୍ ହାଭେଲକ୍ ସଂସ୍ଥା ଗଠନ କରି ତା’ ମାଧ୍ୟମରେ ଏହି ହୋଟେଲ ନିର୍ମାଣ କରିଛନ୍ତି । ଆଣ୍ଡାମାନରେ ୨୦୧୨ରେ ଜୋରଓ୍ୱାର ଜଣେ ଡାଇଭିଂ ଇନ୍‌ଷ୍ଟ୍ରକ୍ଟର ଭାବେ କାର୍ଯ୍ୟ କରୁଥିଲେ । ଏଠାରେ ପ୍ଲାଷ୍ଟିକ ରିସାଇକ୍ଲିଂ ଲାଗି କୌଣସି ବ୍ୟବସ୍ଥା ନଥିବାରୁ ଏଭଳି ଧାରଣା ତାଙ୍କ ମୁଣ୍ଡକୁ ଆସିଥିଲା । ୨୦୧୭ରେ ଜୋରଓ୍ୱାର ଆଣ୍ଡାମାନରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ବର୍ଜ୍ୟ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ଫ୍ରେଞ୍ଚ ଆର୍କିଟେକରେ ହୋଟେଲ ନିର୍ମାଣ କରିଛନ୍ତି । ପ୍ଲାଷ୍ଟିକ ବୋତଲରେ ବାଲି ଓ ଡଷ୍ଟ ଭର୍ତ୍ତିକରି ତାହାକୁ ବ୍ୟବହାର କରିଛନ୍ତି । ଏହା ଇଟାଠାରୁ ୧୦ ଗୁଣ ମଜଭୁତ ବୋଲି କହନ୍ତି ଜୋରଓ୍ୱାର । ଏହା ମଧ୍ୟ ଓ୍ୱାଟର ରେଜିଷ୍ଟାଣ୍ଟ । ଏହି ସବୁ ବୋତଲଗୁଡ଼ିକୁ ଆଣ୍ଡାମାନର ବିଭିନ୍ନ ଡମ୍ପିୟାର୍ଡରୁ ସଂଗ୍ରହ କରାଯାଇଛି । କେବଳ ଏତିକି ନୁହେଁ ୫୦୦ କେ.ଜି. ରବର ବର୍ଜ୍ୟ ସଂଗ୍ରହ କରି ତାହାକୁ ଘର ନିର୍ମାଣରେ ଲଗାଇଛନ୍ତି ଏମାନେ । ଏହାକୁ ରିଜର୍ଟରେ ଫୁଟପାଥ କରିବାରେ ଉପଯୋଗ କରାଯାଇଛି । ଏହି ରିଜର୍ଟରେ ୮ଟି ବିଳାସମୟ ରୁମ୍ ଓ ୬୦ ଶିଟ୍ ବିଶିଷ୍ଟ କାଫେ ରହିଛି । ଏହି ହୋଟେଲରେ ଅର୍ଗାନିକ କିଚେନ୍ ରହିଛି, ଯେଉଁଠି ପର୍ଯ୍ୟଟକମାନେ ରୋଷେଇ କରିବାର ସୁବିଧା କରାଯାଇଛି ।

### ଚିରନ୍ତନୀ

ଜଗତେ ଯେହୁ ଯେତିକି ଦୀନ
ସକଳ ସୁଖ–ସୋହାଗ–ହୀନ
ନୟନବାରି କେବଳ ତା’ର ସମ୍ବଳ
ଯେ ଧନେ ଆଜି ଉଠଇ ଭରି ଅମ୍ବର ।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | D | | | | | | 2 | 5 | A | C | | | | |
| | 2 | | | | | B | | | 4 | 9 | | D | | |
| | | | | | 1 | | 4 | | 6 | | | | B | |
| A | | | 9 | | | | | 0 | | | | 8 | | 3 |
| | | | | 0 | 8 | | | | 3 | | 1 | | E | |
| 3 | | 4 | | | 0 | 2 | | | D | | | 6 | | B |
| | 6 | | B | | 7 | | | | | | | | | C |
| 5 | E | | | | 4 | | | | | 1 | 6 | | | |
| 9 | | A | | 6 | | E | | | 2 | 5 | | | | |
| | | 1 | 2 | | D | 9 | C | | | | | | | |
| | 0 | 8 | C | 7 | | A | E | | | | | B | | |
| | 1 | B | | | | | | 3 | | | 4 | | | |
| | | | 8 | | | | | | | | 5 | | | |
| | 5 | | | | E | C | | | B | A | | 3 | 2 | |
| D | | | A | | | 6 | 8 | | C | | | E | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 6 | 8 | 1 | C | 4 | 9 | D | B | 2 | 0 | 3 | 5 | E | 7 |
| 0 | 7 | B | 3 | 5 | 9 | E | 6 | 2 | 1 | D | 8 | C | A | 4 |
| 9 | 5 | 2 | D | A | B | 0 | 3 | 7 | C | E | 4 | 1 | 8 | 6 |
| 4 | E | D | 8 | 6 | 0 | 1 | C | A | 9 | 5 | 7 | 3 | 2 | B |
| C | 3 | 1 | 7 | 2 | E | 8 | 5 | 4 | B | A | 6 | 0 | D | 9 |
| 8 | B | 6 | A | 0 | D | 3 | 2 | 1 | 4 | 7 | 5 | E | 9 | C |
| D | 9 | 7 | 5 | 8 | C | B | 4 | 0 | E | 3 | 1 | A | 6 | 2 |
| E | 0 | A | 4 | 1 | 6 | C | 9 | 5 | 8 | 2 | B | 7 | 3 | D |
| 1 | 2 | 4 | 9 | B | 3 | 7 | E | D | A | 6 | C | 8 | 0 | 5 |
| 5 | C | 3 | E | 7 | 2 | 6 | A | 8 | 0 | 9 | D | B | 4 | 1 |
| 2 | 8 | 9 | 6 | 4 | 7 | A | 1 | 3 | 5 | C | 0 | D | B | E |
| 3 | 1 | E | 0 | 9 | 8 | 5 | B | C | D | 4 | 2 | 6 | 7 | A |
| 7 | D | 5 | B | 3 | A | 4 | 0 | 9 | 6 | 1 | E | 2 | C | 8 |
| 6 | A | 0 | C | D | 5 | 2 | 8 | E | 7 | B | 9 | 4 | 1 | 3 |
| B | 4 | C | 2 | E | 1 | D | 7 | 6 | 3 | 8 | A | 9 | 5 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତରେ ଜଟିଳ ହୋଇପାରେ କରୋନା

ମହାଶୟ,

କରୋନା ସାରା ଭାରତବର୍ଷକୁ ଆତଙ୍କିତ କରିରଖିଛି । ବିଶେଷକରି ଦେଖାଯାଇଛି କରୋନା ଯେଉଁ ଦେଶମାନଙ୍କରେ ଅଧିକ କ୍ଷତି କରିଛି ସେଗୁଡିକ ସବୁ ଶୀତପ୍ରଧାନ ଦେଶ । ଓଡ଼ିଶାରେ ଶୀତ ପ୍ରକୋପ ବଢିଲେ ଏହି ମହାମାରୀର ଜଟିଳ ହୋଇପାରେ ବୋଲି ଆକଳନ କରାଯାଉଛି । ଥଣ୍ଡାର ପ୍ରକୋପରେ ଯଦି ଜଣକୁ ସାଧାରଣ ଥଣ୍ଡା କି ଜ୍ୱର ହେଉଛି ପରିବାରର ସମସ୍ତେ ଛାନିଆ ହୋଇପଡୁଛନ୍ତି । କାଳେ ପଜିଟିଭ ହୋଇଥିବେ ସେହି ଭୟରେ ମଧ୍ୟ ମନସ୍ତାପ ଭିତରେ ସମୟ କାଟିବାକୁ ପଡୁଛି । ରାଜ୍ୟରେ କରୋନା ନିୟନ୍ତ୍ରଣ ଭିତରେ ରହିଥିଲେ ବି ହଠାତ ଶୀତର ପ୍ରଭାବ କାରଣରୁ ତାହା ଏବେ ପୁଣି ବୃଦ୍ଧି ପାଇବାରେ ଲାଗିଛି । ଟିକା ବଜାରକୁ ନ ଆସିବା ଯାଏ କରୋନା ଭଲ ହେବା କଥା କେହି ଜଣେ ଦମ୍ଭର ସହ କହିପାରୁନାହାନ୍ତି । ଏଣୁ କେବଳ ସରକାର କି ପ୍ରଶାସନ ନୁହେଁ ଜନସାଧାରଣ ମଧ୍ୟ ସଚେତନ ହେବା ଜରୁରୀ । ଯେଉଁଭଳି ଭାବରେ ଗାଇଡ ଲାଇନ ଲୋକଙ୍କ ପାଇଁ ଅଣାଯାଇଛି ସେସବୁକୁ ପାଳନ କଲେ ବୋଧେ ଏତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡି ନ ପାରେ । ଏଣୁ ଯଦି ବିଶ୍ୱସ୍ତରରେ କରୋନା ସଂକ୍ରମଣ ପରିସଂଖ୍ୟାନର ହାରକୁ ଦେଖାଯାଏ ତା’ ହେଲେ ଅନୁଧ୍ୟାନ କରାଯିବ ଯେ କରୋନା ଉତ୍ପତ୍ତି ଓ ବିପତ୍ତି ଯେମିତି ତାହା ଏବେ ସହଜରେ କମି ନ ପାରେ । ଶୀତରେ ଅଧିକ ସତର୍କ ହେବା ଦରକାର ।

–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୨ ଜାନୁୟାରୀ, ୨୦୨୧

## ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ପୌରାଞ୍ଚଳର ୪ ନଂ. ୱାର୍ଡ ଉଦୟବଟ ବସ୍ତିରେ ଶୁକ୍ରବାର ନୂଆବର୍ଷରେ ଅଗ୍ନିକାଣ୍ଡ ଘଟିଛି। ସନ୍ଧ୍ୟା ଧୂପ ନିଆଁ ଚାଳରେ ଲାଗିଯିବାରୁ ୨ବଖରା ପୋଡିଯାଇଛି। ଯୁଗଳ ସାମଲଙ୍କ ପରିବାର ଲୋକେ ଘରେ ସନ୍ଧ୍ୟା ଧୂପ ଦେଇ ସାରି ଅଲଗା କାମରେ ବ୍ୟସ୍ତ ଥିଲେ। ସେହି ଧୂପ ନିଆଁ କୌଣସି କାରଣରୁ ପ୍ରଥମେ କପଡା ଓ ପରେ ଚାଳରେ ଲାଗିଯାଇଥିଲା। ନିଆଁ ଲାଗିବା ପରେ କୁଜଙ୍ଗ ଅଗ୍ନିଶମ ବିଭାଗକୁ ସୂଚନା ଦେବାରେ ସେମାନେ ଆସି ପହଞ୍ଚିବା ବେଳକୁ ଘର ପୋଡି ସାରିଥିଲା। ଅଗ୍ନିକାଣ୍ଡରେ ସାମଲଙ୍କର ଘରେ ଥିବା ସମସ୍ତ ଆସବାବପତ୍ର ପୋଡିଯାଇଛି।



## ସଂକ୍ଷେପରେ

### ମାନବାଧିକାର କମିଶନରେ ଆବେଦନପତ୍ର ଦାଖଲ

**ଚିକିତ୍ସା ଅଭାବରୁ ପ୍ରସୂତି ମୃତ୍ୟୁ ଘଟଣା**

**କେନ୍ଦ୍ରାପଡ଼ା ଅଫିସ, ୧୧:** କେନ୍ଦ୍ରାପଡ଼ା ଜିଲା ରାଜନଗର ସିଏଚ୍‌ସିରେ ଚିକିତ୍ସା ଅଭାବରୁ ଗତ ଡିସେମ୍ବର ୨୩ରେ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗ୍ରାମର ପ୍ରସୂତି ମାମୁନି ବେହେରାଙ୍କ ମୃତ୍ୟୁ ହୋଇଥିବା ପରିବାର ସଦସ୍ୟ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଏଣ୍ଡର ଗ୍ରାମର ମାନବାଧିକାର କର୍ମୀ ସାଗର କୁମାର ଜେନା ମାନବାଧିକାର କମିଶନଙ୍କ ନିକଟରେ ଏକ ଆବେଦନପତ୍ର (ନଂ. ୭/୨୧) ଶୁକ୍ରବାର ଦାଖଲ କରିଛନ୍ତି। ଏ ସମ୍ପର୍କରେ ଜେନା କହିଛନ୍ତି, ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇ ମାମୁନି ରାଜନଗର ସିଏଚ୍‌ସିକୁ ଆସିଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନ ଥିବାରୁ ଜଣେ ନର୍ସଙ୍କ ଦ୍ୱାରା ଶିଶୁକନ୍ୟା ଜନ୍ମ ହୋଇଥିଲା। ତେବେ ପ୍ରସୂତିଙ୍କ ରକ୍ତସ୍ରାବ ଯୋଗୁ ଅବସ୍ଥା ଜଟିଳ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସମ୍ପୃକ୍ତ ନର୍ସ ପଠାଇଥିଲେ। ଜଗତପୁରଠାରେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ଚିକିତ୍ସାରେ ଅବହେଳା ନେଇ ଅଡିଓ କ୍ଲିପ ଭାଇରାଲ ହୋଇଛି। ଏଥିପାଇଁ ପରିବାର ସଦସ୍ୟଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ୪ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ କମିଶନରେ ଆବେଦନ କରାଯାଇଛି।

### କଣ୍ଟିଲୋରେ ନିର୍ମିତ ବ୍ରୋଞ୍ଜ ମୂର୍ତ୍ତି ଝାରସୁଗୁଡ଼ା ଗଲା



ଖଣ୍ଡପଡ଼ା,୧୧(ସ୍ୱ.ପ୍ର.): କଣ୍ଟିଲୋର ଶିଳ୍ପୀଶ୍ରୀ ଅନୁଷ୍ଠାନ ପକ୍ଷରୁ ସରୋଜ ମହାରଣାଙ୍କ ତତ୍ତ୍ୱାବଧାନରେ ନିର୍ମିତ ଅଶ୍ୱାରୋହୀ ବୀର ସୁରେନ୍ଦ୍ର ସାଏଙ୍କ ମୂର୍ତ୍ତି ଝାରସୁଗୁଡ଼ା ପଠାଯାଇଛି। ଏହି ମୂର୍ତ୍ତି ବ୍ରୋଞ୍ଜରେ ନିର୍ମାଣ କରାଯାଇଛି। ମୂର୍ତ୍ତିର ଓଜନ ୧ ଟନ୍ ରହିଛି। ୧୦ଫୁଟ ଲମ୍ବ ୯ଫୁଟ ଓସାର ବିଶିଷ୍ଟ ଏହି ମୂର୍ତ୍ତି ଝାରସୁଗୁଡା ବିମାନ ବନ୍ଦରକୁ ପଠାଯାଇଥିବା କାରିଗରମାନେ କହିଛନ୍ତି। ଗତବର୍ଷ ଏହି ଅନୁଷ୍ଠାନର ଶିଳ୍ପୀ ପ୍ରଶାନ୍ତ ମହାରଣା ଓ ସନ୍ତୋଷ ମହାରଣାଙ୍କ ଦ୍ୱାରା ନିର୍ମିତ ୧୦ଟନ ଓଜନର ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସ୍ଥାନିତ କରାଯାଇଛି।

### ବିଦ୍ୟୁତ୍ ତାର ଛିଣ୍ଡି ଧାନ, ବିରି ଗଦା ଜଳିଗଲା

**ଭାପୁର,୧୧(ଡି.ଏନ୍.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ନୀଳକଣ୍ଠପ୍ରସାଦ ଗ୍ରାମରେ ଗୁରୁବାର ରାତିରେ ୧୧କେଭି ବିଦ୍ୟୁତ୍ ତାର ଛିଣ୍ଡି ଗ୍ରାମର ୫ ଚାଷୀଙ୍କ ଗୋଟିଏ ଧାନ ଗଦା, ୩ ପାଳ ଗଦା, ୨ ନଡା ଗଦା ଓ ବିରି ଗଦା ଜଳିଯାଇଛି। ଭାପୁର ଦମକଳ ବାହିନୀ ପହଁଞ୍ଚି ନିଆଁକୁ ଆୟତ କରିଛନ୍ତି। ଭାପୁରରୁ ସାଗରଗା ଯାଇଥିବା ୧୧କେଭି ବିଦ୍ୟୁତ୍ ଲାଇନ ନୀଳକଣ୍ଠପ୍ରସାଦ-ଗଡତଳମାଳସାହିଠାରେ ରାତି ୧୨ରେ ହଠାତ୍ ଛିଣ୍ଡି ପଡିଥିଲା। ଫଳରେ ଗ୍ରାମର ଗୋବିନ୍ଦ ପଲେଇ, ଜୟ ପଲେଇ, ଶିଖର ପଲେଇ, ସୁଦର୍ଶନ ପଲେଇ, ଦୋଳି ପଲେଇଙ୍କ ଧାନ, ପାଳ, ନଡା ଓ ବିରି ଗଦା ପୋଡି ପାଉଁଶ ହୋଇଯାଇଛି।

### ଶିଶୁମେଳା ବନ୍ଦ

**ଖଣ୍ଡପଡ଼ା,୧୧(ସ୍ୱ.ପ୍ର.):** କରୋନା କଟକଣା ଯୋଗୁ ଚଳିତ ବର୍ଷ ଖଣ୍ଡପଡାରେ ହେବାକୁ ଥିବା ଶିଶୁମେଳାକୁ ବନ୍ଦ କରାଯାଇଛି। ଜାନୁୟାରୀ ୨ ଅର୍ଥାତ୍ ଶନିବାର ପଠାଣି ସାମନ୍ତଙ୍କ ଜୟନ୍ତୀରେ ମେଳା ହେବାକୁ ଥିଲା। ମାତ୍ର ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ଥିବାରୁ ଶିଶୁମେଳାକୁ ବନ୍ଦ ରଖାଗଲା ବୋଲି ଶିଶୁମେଳାର ଆୟୋଜକ ତଥା ଗିରିଜା ଶଙ୍କର ତରାସିଆ ପ୍ରକାଶ କରିଛନ୍ତି।

# ସେତୁ ନିର୍ମାଣରେ ବାଧକ ଜାତୀୟ ଜଳପଥ

**କେନ୍ଦ୍ରାପଡ଼ା ଅଫିସ, ୧୧**

**କେନ୍ଦ୍ର, ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବ**
- ୩ ରାଜସ୍ୱ ଗ୍ରାମ ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ
- ସିଂହଗାଁକୁ ଯାଇପାରୁନି ଆମ୍ବୁଲାନ୍ସ



ସିଂହଗାଁ ପଞ୍ଚାୟତ କଣ୍ଟିଆନାଳ ଉପରେ ନିର୍ମାଣାଧୀନ ସେତୁ।

କେନ୍ଦ୍ରାପଡ଼ା ସହରଠାରୁ ୨୬ କି.ମି. ଦୂର ସିଂହଗାଁର ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ଅପହଞ୍ଚ ହୋଇଛି। ଗର୍ଭବତୀ ଭାର ସାହାଯ୍ୟରେ ୧୦ କି.ମି. ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କି.ମି. ଦୂର ଆଳି ସିଏଚ୍‌ସିକୁ ଯାଉଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ହେଲେ ଦମକଳ ପହଞ୍ଚି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବାକୁ କଣ୍ଟିଆନାଳ ବାଧା ସୃଷ୍ଟି କରୁଛି। ବର୍ଷକ ମଧ୍ୟରେ ପ୍ରାୟ ୮ମାସ ଧୋୟା ଅଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ସିଂହଗାଁ ସେତୁ ନିର୍ମାଣ ହୋଇପାରିନାହିଁ। ଜାତୀୟ ଜଳପଥ ନଂ.୫ ଏଥିପାଇଁ ବାଧକ ସାଜିଥିବା ବୁଦ୍ଧିଜୀବୀ, ପ୍ରଶାସକ ଓ ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୨୦୦୮ରେ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧୀକରଣ ଅଧୀନରେ ଥିବା ୬୨୩ କି.ମି. ଲମ୍ବର ୫ ନଂ. ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏଥିମଧ୍ୟରୁ ପଶ୍ଚିମବଙ୍ଗରେ ୯୧ କି.ମି. ଥିବାବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କି.ମି. ରହିଛି। ବ୍ରାହ୍ମଣୀ ନଦୀର ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ଉପଯୋଗୀ ପାଇଁ ଅନୁଦାନ ଅର୍ଥ ଦିଆଯାଇଛି। ଜଳପଥ ପ୍ରକଳ୍ପ କେତେକ କାରଣରୁ ନିର୍ମାଣ ବନ୍ଦ ହୋଇଥିବାବେଳେ ଉଭୟ ସରକାରଙ୍କ ସମନ୍ୱୟ ଅଭାବରୁ ଅଗ୍ରଗତି ହୋଇପାରୁନାହିଁ। ଜଳପଥ ମଧ୍ୟରେ ସିଂହଗାଁ କଣ୍ଟିଆନାଳ ଅନ୍ତର୍ଭୁକ୍ତ। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅନ୍ତର୍ଭୁକ୍ତ ହେବାରୁ ତାହା ବନ୍ଦ ହୋଇଛି। ଜାତୀୟ ଜଳପଥ ନିର୍ମାଣରେ ବିଳମ୍ବ ଏବେ ଜିଲାର ଧୋୟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ମଲ୍ଲିକ କହିଛନ୍ତି, ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୩୦୦୦ରୁ ଅଧିକ ଅଧିବାସୀଙ୍କ ସମସ୍ୟା ତୁଟିଯିବ। କେନ୍ଦ୍ରାପଡା ସଦରକୁ ରାସ୍ତା ମିଳିବା ସହ ଯାଜପୁର ଜିଲାକୁ ସଂଯୋଗ ହେବ। ସେତୁ ନିର୍ମାଣ ସମୟରେ କେତେକ ଜମି ସମସ୍ୟା ଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ପ୍ରସ୍ତାବ ସମସ୍ୟାର ସମାଧାନ ହୋଇଛି। ପରେ ସେତୁ ନିର୍ମାଣ ବିଳମ୍ବକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି। କଣ୍ଟିଆନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସେତୁ ନିର୍ମାଣ ହୋଇଥିଲେ କୁମ୍ଭୀର ଆତଙ୍କ କମିଥାନ୍ତା। ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି। ସରପଞ୍ଚ ଜୟନ୍ତୀ ଦାସଙ୍କୁ ପଚାରିବାରେ, ସିଂହଗାଁ ସେତୁ ନିର୍ମାଣ ନ ହେବାରୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଜଳପଥ ପ୍ରକଳ୍ପ ବନ୍ଦ ହୋଇଥିବାରୁ ରାଜ୍ୟ ସରକାର ଏହି ସେତୁ ନିର୍ମାଣକୁ ଗୁରୁତ୍ୱ ଦେବା କଥା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ପଚାରିବାରେ ସେତୁ ପାଇଁ ପ୍ରାଥମିକ ଅବସ୍ଥାରେ ବାଧା ସୃଷ୍ଟି କରୁଥିବା ଜମି ସମସ୍ୟାର ସମାଧାନ ହୋଇଛି। ଏହି ବାଟ ଦେଇ ଜାତୀୟ ଜଳପଥ ଯାଉଥିବାରୁ ସିଂହଗାଁ ସେତୁ ନିର୍ମାଣ ବିଳମ୍ବ ହୋଇଛି। ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।

## ଫାଟିଲାଣି ପିଲାର, ଭୁଶୁଡ଼ିବ ଘର

**ବୁଦ୍ଧରାଜ ବିଦ୍ୟାପୀଠ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର**



ବିଦ୍ୟାଳୟରେ ନିର୍ମିତ ପିଲାରରେ ଫାଟ ସୃଷ୍ଟି ହୋଇଛି।

କଳିଙ୍ଗନଗର,୧୧(ଡି.ଏନ.ଏ.): ଦାନଗଦୀ ବ୍ଲକ୍ ଅଧୀନ ବିଭିନ୍ନ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ତେବେ କେତକ ବିଦ୍ୟାଳୟରେ ଏହି ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ଉଦାହରଣ ଦାନଗଦୀସ୍ଥିତ ବୁଦ୍ଧରାଜ ବିଦ୍ୟାପୀଠ। ଏହି ବିଦ୍ୟାପୀଠରେ ପ୍ରାୟ ୫୪ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହ, ପାଚେରି ଏବଂ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଚାଲିଛି। ମାତ୍ର ଗୃହ ନିର୍ମାଣ ନ ସରୁଣୁ ପିଲାର ଫାଟିଥିବା ଦେଖିବାକୁ ମିଳିଛି। ଫଳରେ ଉକ୍ତ ବିଦ୍ୟାପୀଠ ଗୃହ ଭୁଶୁଡ଼ିବା ଆଶଙ୍କା ପ୍ରକାଶ ପାଇଛି। ସେହିପରି ପାଚେରି ନିର୍ମାଣରେ ମଧ୍ୟ ଅନିୟମିତତା ହୋଇଥିବା ଦେଖାଯାଇଛି। ଦୁଇଟି ପିଲର ମଧ୍ୟରେ ବ୍ୟବଧାନ ୧୦ ଫୁଟ ରହିବା କଥା। ଏଠାରେ କିନ୍ତୁ ପ୍ରାୟ ଦୁଇ ଗୁଣ ଦୂରତାରେ ପିଲର କରାଯାଇ କାର୍ଯ୍ୟ ହେଉଛି। କେଉଁ କାର୍ଯ୍ୟରେ କେତେ ଟଙ୍କା ଖର୍ଚ୍ଚ ହେଉଛି ଏବଂ କେବେ ତାହା ଶେଷ ହେବ ସେ ସମ୍ପର୍କରେ କୌଣସି ସୂଚନା ଫଳକ ଲଗା ଯାଇନାହିଁ। ଏହାର ସୁଯୋଗ ନେଇ ସମ୍ପୃକ୍ତ ଠିକାଦାର ନିମ୍ନମାନର ରଡ୍ ଏବଂ ସିମେଣ୍ଟ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଯାହାକି କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଞ୍ଚଳରେ ଓଡ଼ିଶା ଖଣିଜ ପ୍ରଭାବିତ ବିକାଶ ପାଣ୍ଠି ଏବଂ ଖଣିଜ ନ୍ୟାସ ପାଣ୍ଠିରେ ଚାଲିଥିବା ବହୁ ଉନ୍ନୟନ କାର୍ଯ୍ୟର ଏଭଳି ଅନିୟମିତତା କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜେଶ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ଆସିନାହିଁ। କେଉଁଠାରେ ପିଲାର ଫାଟିଛି ତାହାକୁ ଦେଖିନାହିଁ। ଦେଖିବା ପରେ ତଦନ୍ତ କରିବି।

## ଚିରଞ୍ଜୀବଙ୍କ କାର୍ଯ୍ୟାଳୟ ସାମ୍ନାରେ ମାଡ଼, କାର୍ ଭଙ୍ଗାରୁଜା

**ଜଗତ୍‌ସିଂହପୁର ଅଫିସ, ୧୧**



କଂଗ୍ରେସ କର୍ମୀମାନେ ୨ ଯୁବକଙ୍କୁ ମାଡ ମାରିବା ସହ କାରକୁ ଭଙ୍ଗାରୁଜା କରୁଛନ୍ତି।

- ବିଜେଡି, ଭାଜପା ପକ୍ଷରୁ ଷଡ଼ଯନ୍ତ୍ର ହୋଇଛି: ନଟବର
- ସତ୍ୟତା ନ ଥିବା କହିଲା ବିଜେଡି
- କଂଗ୍ରେସର ଅଭିଯୋଗ ଅମୂଳକ ଭାଜପା

ନୂଆବର୍ଷ ପାଳନ ଅବସରରେ ଶୁକ୍ରବାର ଅପରାହ୍ନରେ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ସିପିସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନେତାଙ୍କୁ ଅଭିନନ୍ଦନ ପାଇଁ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀରେ ଏକାଧିକ କଂଗ୍ରେସ ନେତା ଓ କର୍ମୀ ସେଠାରେ ରୁଣ୍ଡ ହୋଇଥିଲେ। ହଠାତ୍ ଏକ କାରରେ ନାଉଗାଁ ବ୍ଲକ ଅଞ୍ଚଳର ୨ ଜଣ ବ୍ୟକ୍ତି ବିଶ୍ୱାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଉଚ୍ଚ ସ୍ୱରରେ ଚିରଞ୍ଜୀବ ଆମ ନେତା, ସେ କହିଲେ ଜୀବନ ଦେଇଦେବୁ। ଆଉ କାହା କଥା ଶୁଣିବୁ ନାହିଁ କହି ଖରାପ ଭାଷା କହି ହୋ ହଲ୍ଲା କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଦ୍ୱୟଙ୍କ ଏତାଦୃଶ ଆଚରଣ ଦେଖି ସେଠାରେ ଉପସ୍ଥିତ କେତେଜଣ ଯୁବକ ବାରମ୍ବାର ବୁଝାଶୁଝା କରି ବିଦା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବ୍ୟକ୍ତିଦ୍ୱୟ ସେମାନଙ୍କ କାର ଭିତରେ ପଶିଲା ପରେ ମଧ୍ୟ ଗାଳିଗୁଲଜ କରିବାରୁ ପରିସ୍ଥିତି ଜଟିଳ ରୂପ ନେଇଥିଲା। ସେଠାରେ ଉପସ୍ଥିତ କେତେଜଣ କଂଗ୍ରେସ କର୍ମୀ ସମ୍ପୃକ୍ତ ବ୍ୟକ୍ତିଦ୍ୱୟଙ୍କୁ ନିସ୍ଥୁକ ପିଟିବା ସହ ସେମାନଙ୍କ କାର ଭଙ୍ଗାରୁଜା କରି ଦେଇଥିଲେ। ଖବରପାଇ ଜଗତ୍‌ସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ସୁଦ୍ଧା ସେତେବେଳକୁ ମାଡ ଖାଇଥିବା ବ୍ୟକ୍ତିଦ୍ୱୟ ସ୍ଥାନ ଛାଡି ପଳାଇଥିଲେ। ଖବର ଲେଖାହେଲା ବେଳକୁ ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ କୌଣସି ଅଭିଯୋଗ ପହଞ୍ଚି ନ ଥିବା ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଶ୍ୱାଳଙ୍କୁ ତାଙ୍କ ମୋବାଇଲ ନଂ. ୯୮୬୧୦୨୭୦୭୭ରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ। ଦଳ ଜିଲା ସଭାପତି ନଟବର ବାରିକ କହିଛନ୍ତି, ପ୍ରତିବର୍ଷ ନୂଆବର୍ଷରେ ବିଶ୍ୱାଳଙ୍କ ଉପସ୍ଥିତିରେ ବନ୍ଧୁମିଳନ ହୁଏ। ଚଳିତବର୍ଷ ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ଦୁଇଜଣ ଯୁବକ ମଦ୍ୟପାନ କରି ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ତାଙ୍କୁ ଦଳୀୟ ଯୁବକମାନେ ବୁଝାଶୁଝା କରି ବିଦା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ରାସ୍ତା ଉପରେ ସେ ଖରାପ ଭାଷାରେ ଗାଳିଗୁଲଜ ପୁଣି କରିବାରୁ ତାଙ୍କୁ ମାଡ ମରାଯାଇଥିବା କୁହାଯାଉଛି। ସେ କଂଗ୍ରେସ ପିଲା ନୁହନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରେ ଚିରଞ୍ଜୀବଙ୍କ ଲୋକପ୍ରିୟତା ବଢିଛି। ବନ୍ଧୁମିଳନରେ ତା'ର ପ୍ରତିଫଳନ ହୋଇଥିଲା। ଚିରଞ୍ଜୀବଙ୍କ ଲୋକପ୍ରିୟତାକୁ ସହି ନ ପାରି ଖରାପ ବାର୍ତ୍ତା ଦେବାକୁ ବିଜେଡି କିମ୍ବା ଭାଜପା ପକ୍ଷରୁ ଏଭଳି ଷଡଯନ୍ତ୍ର ରଚା ଥାଇପାରେ ବୋଲି ସେ ଭାବୁଛନ୍ତି। ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ତଥା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ପଚାରିବାରେ ଅଭିଯୋଗର ସତ୍ୟତା ନାହିଁ। ସେଭଳି ମାନସିକତା ଯୋଗୁ କଂଗ୍ରେସ ତଳକୁତଳ ଯାଉଥିବା ସେ କହିଥିଲେ। ଏ ସଂକ୍ରାନ୍ତରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କୁ ପଚାରିବାରେ, କଂଗ୍ରେସର ଏହି ଅଭିଯୋଗ ଅମୂଳକ। ଏହାର କୌଣସି ସତ୍ୟତା ନାହିଁ। ନିଜ ନିଜ ଭିତରେ ମାରପିଟ୍ ହୋଇ ଅନ୍ୟ ଦଳ ଉପରେ ଦୋଷ ଲଦିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

## ୪ ଗାଈ ଦଗ୍ଧ, ୩ ଅର୍ଦ୍ଧଦଗ୍ଧ

**ବିଞ୍ଝାରପୁର,୧୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତ ପଦାସାହି ଗ୍ରାମର ଦୀନବନ୍ଧୁ ଯେନାଙ୍କ ଘରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୨ବଖରା ଘର ଜଳିଯିବା ସହ ୪ ଗାଈ ଦଗ୍ଧ ହୋଇଛନ୍ତି। ୨ ଗାଈ ଓ ଗୋଟିଏ ବାଛୁରୀ ମଧ୍ୟ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଦୀନବନ୍ଧୁଙ୍କ ପରିବାର ଶୋଇଥିବା ବେଳେ ନିଆଁ ଲାଗିଯାଇଥିଲା। ଘର ସହ ଗୁହାଳ ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ କୋର୍ଟଚାଲାଣ

**ତିର୍ତ୍ତୋଲ,୧୧(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅଧୀନ ବିଦ୍ୟାଧରପୁର ପଞ୍ଚାୟତ ଦୋହୁଅ ଗାଁର ଦିପ୍ତୀରଞ୍ଜନ ମଲ୍ଲିକଙ୍କ ସ୍ତ୍ରୀ ସୀମାଙ୍କୁ ଯୌତୁକ ପାଇଁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୪୭୪/୨୦ରେ ମାମଲା ରୁଜୁ କରି ସ୍ୱାମୀ ଦିପ୍ତୀରଞ୍ଜନଙ୍କୁ ଅଟକ ରଖିଥିଲେ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି। କେନ୍ଦ୍ରାପଡା ଜିଲା ପାଟକୁରା ଥାନା ବନ୍ଧକଟା ଗାଁର ତ୍ରିଲୋଚନ ମଲ୍ଲିକଙ୍କ ଝିଅ ସୀମାରାଣୀ ୨୦୧୮ରେ ଦିପ୍ତୀରଞ୍ଜନଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ସୀମାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏକଥା ସୀମା ବାପଘରେ ଜଣାଇବା ପରେ ବହୁବାର ଆପୋସ ସମାଧାନ ହୋଇଥିଲା। ତ୍ରିଲୋଚନ ଝିଅଙ୍କର ମୃତ୍ୟୁ ହୋଇଥିବା ଖବରପାଇ ଶାଶୁଘର ଲୋକେ ଯୌତୁକ ପାଇଁ ମାରି ଦେଇଥିବା ଥାନାରେ ଅଭିଯୋଗ କରିଥିଲେ।

## ଟ୍ରକ୍ ପଛରେ ପିଟିହେଲା କାର୍, ୪ ସଙ୍କଟାପନ୍ନ

**ଚଣ୍ଡିଖୋଲ, ୧୧(ଡି.ଏନ.ଏ.)**



ଟ୍ରକ୍ ସହ କାର୍ ପିଟି ହୋଇଛି।

୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଛକ ମିଡ୍‌ଇଷ୍ଟ ହୋଟେଲ ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ପଛରେ ଏକ କାର୍ ଧକ୍କା ହେବାରୁ କାର୍‌ରେ ଥିବା ୬ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ଡୁମୁଡୁମା ହାଉସିଂବୋର୍ଡ କଲୋନୀର ଡା. ସସ୍ମିତା ରାୟ(୪୦), ବଡ଼ପ୍ରକାଶ ବାରିକ(୧୨), ଭବେଶ ବାରିକ(୮) ଓ ମାନସ୍ୱିନୀ ବାରିକ(୧୨)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମନୋରଞ୍ଜନ ବାରିକ(୫୦) ଓ ସସ୍ମିତା ପରିଡ଼ା ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳରୁ ଯାଜପୁରକୁ ଉକ୍ତ ୬ଜଣ କାର୍ ନଂ(ଓଆର-୦୨-ବିଆର-୭୮୫୫) ଆସି ଫେରୁଥିଲେ। ଚଣ୍ଡିଖୋଲ ଛକ ହମ୍ପସ୍ ନିକଟରେ ଟ୍ରକ୍ ନଂ(ଓଡି-୦୪-ଏମ-୦୬୭୩) ହଠାତ ବ୍ରେକ ମାରିବାରୁ ପଛରେ ଆସୁଥିବା କାର ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। କାରରେ ଥିବା ଚାଳକଙ୍କ ସମେତ ୬ଜଣ ଯାତ୍ରୀ ଦୁର୍ଘଟଣାସ୍ଥଳରେ କାରରେ ଫସି ରହିଥିଲେ। ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁଙ୍କ ନେତୃତ୍ୱରେ ଏକ ଟିମ ସମସ୍ତଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶୀଲ ନାୟକ ଗାଡି ଦ୍ୱୟକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

URGENTLY REQUIRED 23NOS CANDIDATES
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନଗୁଳ, କଟକ, ରାୟଗଡା, ଟିଟିଲାଗଡ, ପାରାଦ୍ୱୀପ ଝାରସୁଗୁଡା ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Email your CV to : starrichplants12@gmail.com
WhatsApp : 8984171871

Required Home Loan Sales Officer for Bhubaneswar & Cuttack Maruti Associate, Bhubaneswar (An authorised DSA for Home & Mortgage Loan) (Minimum 1 year experience in relevant field should only send resume in maruti.associate8080@gmail.com).
Mob. No.-7846907309
Lan. No.-0674-2386045

Required
VCI- Urgent openings:
Fresher & Experienced,
Male & Female can apply.
Salary package:
40,000 upto Rs 70,000/- per Months
Qualifications:
12th on words upto graduations.
Sarika: 8298908593
Zoya : 9534426993

# ଖର୍ଚ୍ଚ ଉଠାଇ ପାରୁନାହାନ୍ତି କୋବିଚାଷୀ

**ରସୁଲପୁର,୧୧(ଡି.ଏନ.ଏ.)**



ରସୁଲପୁର ବ୍ଲକ ଅଞ୍ଚଳରେ ହୋଇଥିବା କୋବିଚାଷ।

**ପରିବା ବଜାରକୁ କବ୍‌ଜା କରିଛି କୋଲକାତା, ବେଙ୍ଗାଲୁରୁ କୋବି**

ରସୁଲପୁର ବ୍ଲକ ଅଞ୍ଚଳରେ କୋବିର ଅଭାବୀ ବିକ୍ରି ଦେଖାଦେଇଛି। ଗୋଟିଏ କୋବି ଉତ୍ପାଦନରେ ପାଖାପାଖି ୭ଟଙ୍କା ଖର୍ଚ୍ଚ ହେଉଥିବାବେଳେ ତାହା ବର୍ତ୍ତମାନ ୬ ଟଙ୍କାରେ ବିକ୍ରି ହେଉଛି। କୋଲକାତା, ବେଙ୍ଗାଲୁରୁରୁ ଆସୁଥିବା କୋବି କମ୍ ଦରରେ ବିକ୍ରି ହେଉଥିବାରୁ ସ୍ଥାନୀୟ ଚାଷୀ ଏଭଳି କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏପରି କି ସେମାନେ ଖର୍ଚ୍ଚ କରିଥିବା ଅର୍ଥ ଉଠାଇ ପାରୁ ନ ଥିବା କହିଛନ୍ତି।

ଚାଷୀଙ୍କ କହିବା ଅନୁସାରେ, ହାଟ ବାଜର ନିକଟରେ ସରକାରୀ ଶୀତଳ ଭଣ୍ଡାର ନାହିଁ। ଏଥିଯୋଗୁ ପରିବା ଦରଦାମ ଉପରେ ନିୟନ୍ତ୍ରଣ ରହୁନି। ବାରବାଟୀ ପରିବାହାଟରେ କୋଲକାତା, ବେଙ୍ଗାଲୁରୁ ଆଦିସ୍ଥାନରୁ ବେପାରୀମାନେ ଟ୍ରକ୍‌ଟ୍ରକ୍ କୋବି ଆଣି ବିକ୍ରି କରୁଛନ୍ତି। ପ୍ରତ୍ୟେକ ପ୍ୟାକେଟରେ ୨୦ଟି ଲେଖାଏ କୋବି ରହୁଛି। ଯାହାର ମୂଲ୍ୟ ୧୫୦ରୁ ୨୦୦ଟଙ୍କାରେ ବିକ୍ରି ହେଉଛି। ସେହି ହିସାବରେ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ କୋବି ଗୋଟାକୁ ବ୍ୟବସାୟୀ ୬/୭ ଟଙ୍କାରେ କ୍ରୟ କରୁଛନ୍ତି। ୧୦୦୦ କୋବି ଚାରାରୋପଣ କଲେ ସେଥିରୁ ୧୦୦ରୁ୨୦୦ କୋବି ଗଛ ନଷ୍ଟ ହୋଇଯାଉଛି। ଏହିଭଳି ହିସାବ କଲେ ୧୦୦୦ ଗଛରେ ୮ରୁ ୧୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହାବାଦ୍ କୋବି ଚାଷୀର ନିଜସ୍ୱ ମଜୁରି ରହୁଛି। ତେବେ ଗୋଟିଏ କୋବି ଅତିକମ୍‌ରେ ୧୫ଟଙ୍କାରେ ବିକ୍ରି ହେଲେ ଚାଷୀ ଲାଭବାନ ହୋଇପାରନ୍ତେ। ଏଠାରେ ବଜାର ସ୍ଥିତି ଯାହା ଅଛି କୋବି ଗୋଟିକୁ ୧୫ଟଙ୍କାରେ ବିକ୍ରି ହେବାରେ ଅସୁବିଧା ନାହିଁ। ହେଲେ ବାହାର କୋବି ଆମଦାନୀ ଉପରେ ନିୟନ୍ତ୍ରଣ ରହୁନାହିଁ। ଚାଷୀହାଟ ବ୍ୟବସାୟୀଙ୍କ କବ୍‌ଜାରେ ରହୁଛି। ତେଣୁ ଚାଷୀ ଶାଗମୁଗ ଦରରେ ପରିବା ବିକ୍ରି କରିବାକୁ ବାଧ୍ୟ ହେଉଛି। ସେହିପରି ଟମାଟୋର ବଜାର ଦର ଅଚାନକ କମିଯିବାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଲେଣି।

ଗ୍ରାମାଞ୍ଚଳରେ କୃଷି ଶ୍ରମିକର ଅଭାବ ଯୋଗୁ ମଜୁରି ବୃଦ୍ଧି ଚାଷୀର ଉତ୍ପାଦନ ଖର୍ଚ୍ଚ ବଢ଼ାଇ ଦେଉଛି। ସାର ଓ କୀଟନାଶକ ସରକାରୀ ଭାବରେ ପ୍ରଦାନ କରା ନ ଯିବା, ଗୋଟିଏ ଫସଲକୁ ଏକାଧିକ ଚାଷୀଙ୍କ ଦ୍ୱାରା ଚାଷ କରାଯିବା ଫଳରେ ଏଭଳି ଘଟୁଛି ବୋଲି କୋବି ଚାଷୀ ବାଇଧର ନାୟକ, ଜ୍ୟୋତିପ୍ରକାଶ ନାୟକ, ପୂର୍ଣ୍ଣ ସ୍ୱାଇଁ, ବିଜୟ ପ୍ରଧାନ, ପ୍ରମୋଦ ପରିଡା, ପ୍ରଭଞ୍ଜନ ବାରିକ, ଅଭୟ ନାୟକ ମଣି ରାଉତ ପ୍ରମୁଖ ମତ ରଖିଛନ୍ତି। ଏହାଛଡା ଅର୍ତ୍ତିଆ ଗ୍ରାମର ଇଞ୍ଜିନିଅର ଧର୍ମେନ୍ଦ୍ର ସ୍ୱାଇଁ କରୋନା ଯୋଗୁ କାମ ହରାଇ ଚାଷକୁ ଭରସା କରିଥିଲେ। ଚଳିତ ଋତୁରେ କୋବି ଚାଷକରି ଆତ୍ମନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖିଥିଲେ। ସେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା କହିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ରାଜ୍ୟ ବାହାର ବ୍ୟବସାୟୀଙ୍କ କାରବାର ଉପରେ ନିୟନ୍ତ୍ରଣ ଲଗାଇବାକୁ ଚାଷୀ ଦାବି କରିଛନ୍ତି।

Required for an ISO 9001:2015 Certified Organisation in the field of Service & Repair of Turbochargers
Headquarters at Mumbai with workshops at Vizag, Singapore, Bangladesh & Dubai, UAE.
- Trainee Diploma Engineers (Diploma in Mechanical/Industrial Engineering)
- Trainee Technicians (ITI- Fitter, Turner & Welder)
- Trainee Marketing Executives (Good communication skills with English speaking)
Maximum 1 year experience and freshers also can apply. Please send your complete resume with all details by January 2021 to below mentioned address or email id.
DALWIN MARINE
R-307, Rabale, TTC Industrial Area, MIDC, Navi Mumbai - 400701
E-mail: dalwin@dalwin.com, Mob: +91-9820044878
Online interviews will be conducted for only shortlisted candidates.
Remuneration and perks are attractive in the industry.

SAMALESWARI REGIONAL CO-OP. MILK PRODUCERS' UNION LTD.
SAKHIPARA, SARLA CANAL ROAD, SAMBALPUR- 768006
Tel. No. 0663-2548590, Fax No.- 0663-2548520
TENDER NOTICE
Tender Notice floated for Engagement of Security Agency for deployment of Security Guard at various Units of this Milk Union- 11 Nos., Detail Tender documents can be purchased from Milk Union office or download from our website www.samul.in From 01.01.2021 onward. Last date of submission is 15th January' 2021 by 3.00 P.M. The cost of Tender Paper- Rs. 6,720/- (including GST)
Sd/- General Manager

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୪୦,୮୮,୦୬୦ | ୧୮,୩୦,୪୬୧ | ୫,୯୫,୩୦,୬୫୮ |
| ଭାରତ | ୧,୦୨,୯୮,୦୬୯ | ୧,୪୯,୧୭୯ | ୯୮,୯୫,୯୬୧ |
| ଓଡ଼ିଶା | ୩,୨୯,୮୬୬ | ୧୮୭୬(+୫୩) | ୩,୨୫,୭୩୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧।୧(ବ୍ୟୁରୋ):ନବବର୍ଷ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମହାପ୍ରଭୁଙ୍କ କୃପାରୁ ୨୦୨୧ ସୁଖ, ସମୃଦ୍ଧି ଓ ପ୍ରଗତିର ବର୍ଷ ହେଉ ବୋଲି କାମନା କରିଛନ୍ତି। ଏହି ଅବସରରେ ରାଜ୍ୟର ସବୁ ମନ୍ତ୍ରୀ, ବିଧାୟକ, ବରିଷ୍ଠ ଅଧିକାରୀ, ଲୋକସେବା ଭବନର ଅଧିକାରୀଙ୍କୁ ଭର୍ଚୁଆଲ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରିବା ସହ ରାଜ୍ୟର ବିକାଶରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଛନ୍ତି। କୋଭିଡ୍-୧୯ ପ୍ରତିରୋଧରେ ଏକାଠି ହୋଇ କାର୍ଯ୍ୟ କରିଥିବା ଅଫିସର ଏବଂ କର୍ମଚାରୀଙ୍କ ସମର୍ପିତ ସେବାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ନବବର୍ଷର ଶୁଭକାମନା ଜଣାଇଛନ୍ତି।

### ନାବାଳକଙ୍କୁ ଅପହରଣ କରି ରାସ୍ତାରେ ଫିଙ୍ଗିଦେଲେ

ବିଞ୍ଝାରପୁର,୧।୧(ଡି.ଏନ.ଏ.): ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମ ପଞ୍ଚାୟତର ଜଣେ ନାବାଳକଙ୍କୁ ଶୁକ୍ରବାର ଦୁର୍ବୃତ୍ତ ଅପହରଣ କରି ଯାଜପୁର-ସିଂହପୁର ମୁଖ୍ୟରାସ୍ତା ବିଜିପୁରଠାରେ ଫିଙ୍ଗି ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛି। ସୂଚନା ମୁତାବକ, ନାବାଳକ ସୀତାଂଶୁ ଯେନା(୧୩) କୌଣସି କାମରେ ବଜାରକୁ ସାଇକେଲରେ ଆସୁଥିଲେ। ୪ଜଣ ଦୁର୍ବୃତ୍ତ ରାସ୍ତାରୁ ତାଙ୍କୁ ଅପହରଣ କରି ନେଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଅପହର୍ତ୍ତାମାନେ ତାଙ୍କୁ ନେଇ ନ ପାରି ରାସ୍ତାରେ ଫିଙ୍ଗିଦେଇ ପଳାଇଥିଲେ। ସ୍ଥାନୀୟ ଗ୍ରାମବାସୀ ନାବାଳକଙ୍କୁ ଉଦ୍ଧାର କରିବା ସହିତ ବିଞ୍ଝାରପୁର ପୋଲିସକୁ ଜଣାଇଥିଲେ। ଏସଆଇ କେ.ସି. ଦାସ ପହଞ୍ଚି ନାବାଳକଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ନାବାଳକଙ୍କୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଅପହରଣକାରୀ ପିଲାଚୋରି ଗ୍ୟାଙ୍ଗର ବୋଲି ଆଲୋଚନା ହେଉଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ୨ ଅପହୃତ ସୁପରଭାଇଜର ଝାଡ଼ଖଣ୍ଡରୁ ଉଦ୍ଧାର

ପାଲଲହଡ଼ା, ୧।୧(ସ୍ୱ.ପ୍ର.):ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଶିଗଡ଼ ପଞ୍ଚାୟତ ଅନ୍ତର୍ଗତ କମ୍ପରକେଲାସ୍ଥିତ ଏକ ଠିକାସଂସ୍ଥା କ୍ୟାମ୍ପରୁ ଅପହୃତ ୨ ସୁପରଭାଇଜର ସନାତନ ବେହେରା ଏବଂ ନରୋତ୍ତମ ବିଶ୍ୱାଳଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ପଚରାଉଚୁରା କରିବାକୁ ଅନୁଗୋଳ ଅଣାଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। କମ୍ପରକେଲା ଗ୍ରାମ ନିକଟ ମାଙ୍କଡ଼ା ନାଳ ଉପରେ ବ୍ରିଜ୍ ନିର୍ମାଣ କରୁଥିବା ଠିକାସଂସ୍ଥା ସମ୍ପୃକ୍ତ ୨ ସୁପରଭାଇଜରଙ୍କୁ ନିଯୁକ୍ତି ଦେଇଥିଲା। ସୋମବାର ବିଳମ୍ବିତ ରାତିରେ ଦୁଇଟି ଗାଡ଼ିରେ ୧୦ରୁ ଊର୍ଦ୍ଧ ଦୁର୍ବୃତ୍ତ ଆସି ଉଭୟଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ଏ ନେଇ ମଙ୍ଗଳବାର ପାଲଲହଡ଼ା ଥାନାରେ ଅଭିଯୋଗ ହୋଇଥିଲା। ସେମାନଙ୍କୁ ଉଦ୍ଧାର କରିବା ଲାଗି ଏସ୍‌ପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତମାନେ ସୁପରଭାଇଜରଙ୍କୁ ଉଠାଇ ନେବାପରେ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନ ବୁଲାଇଥିଲେ। ଶେଷରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଛାଡ଼ିଦେଇଥିବା ପୋଲିସ କହିଛି।

### ଭିଜିଲାନ୍ସ ଜାଲରେ ଉପନିବନ୍ଧକ

**ବାଲେଶ୍ୱର ଅଫିସ,୧।୧:** ବାଲେଶ୍ୱର ସଦର ସବ୍‌ରେଜିଷ୍ଟ୍ରାର ଅଫିସର ଉପନିବନ୍ଧକ ରଞ୍ଜନ କୁମାର ଦାସ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଶୁକ୍ରବାର ତାଙ୍କ ନିକଟରୁ ୨ଲକ୍ଷରୁ ଊର୍ଦ୍ଧ ଟଙ୍କା ଜବତ କରାଯାଇଛି। ଏହାକୁ ନେଇ ତଦନ୍ତ ଜାରି ରହିଛି। ଅପରାହ୍ନରେ ଉପନିବନ୍ଧକ ଦାସ ବାଲେଶ୍ୱରରୁ ଏକ କାର୍ ଯୋଗେ ନିଜ ଘର ପୁରୀକୁ ଯାଉଥିବା ବେଳେ ଶେରଗଡ଼ ଟୋଲଗେଟ୍ ନିକଟରେ ବାଲେଶ୍ୱର ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ପରେ ତାଙ୍କ ଗାଡ଼ି ଯାଞ୍ଚ କରାଯିବାରୁ ସେଥିରୁ ୨ଲକ୍ଷ ୨୩ହଜାର ୫୮୦ ଟଙ୍କା ଜବତ ହୋଇଥିଲା। ଜବତ ଟଙ୍କାକୁ ନେଇ ଭିଜିଲାନ୍ସ ଖୋଳତାଡ଼ ଜାରି ରଖିଛି। ଜବତ ଟଙ୍କା ସମ୍ପର୍କରେ ଭିଜିଲାନ୍ସ ଅଧିକାରୀଙ୍କ ପ୍ରଶ୍ନରେ ଉପନିବନ୍ଧକ ଦାସ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇପାରିବାରୁ ତାଙ୍କୁ ଅଟକ ରଖାଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ମାମଲା (ନଂ. ୧/୨୦୨୧) ରୁଜୁ ସହ ଦଫା ୧୩(୨)/୧୩(୧)(ବି)ପି.ସି.(ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୮ ଧାରା ରୁଜୁ ହୋଇଛି।

# ୮୪ ନୂଆ ୧୦୮ ଆମ୍ବୁଲାନ୍ସ ଲୋକାର୍ପଣ





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ୧୦୮ ଆମ୍ବୁଲାନ୍ସ ଲୋକାର୍ପଣ କରୁଛନ୍ତି (ଡାହାଣ)। କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ।

ଭୁବନେଶ୍ୱର, ୧।୧(ବ୍ୟୁରୋ)

ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଆଉ ୮୪ଟି ନୂଆ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଏହାର ଲୋକାର୍ପଣ କରିଛନ୍ତି। ଆମ୍ବୁଲାନ୍ସ ସେବାରେ ବିଭିନ୍ନ ମାନକଗୁଡ଼ିକର ବ୍ୟାପକ ତଦାରଖରେ ବୈଷୟିକ ଜ୍ଞାନକୌଶଳର ଉପଯୋଗକୁ ପ୍ରାଧାନ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। '୫-ଟି' ଓ 'ମୋ ସରକାର' ଉପରେ ଗୁରୁତ୍ୱ ଦେବା ସହ ଆମ୍ବୁଲାନ୍ସ କର୍ମଚାରୀମାନେ ରୋଗୀ ତଥା ସେମାନଙ୍କ ଆତ୍ମୀୟଙ୍କ ସହିତ ସହାନୁଭୂତିସମ୍ପନ୍ନ ବ୍ୟବହାର ପ୍ରଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ଏସବୁ ଆମ୍ବୁଲାନ୍ସ କିଣିଥିବାବେଳେ ୨୭ ଜିଲାରେ ସେବା ଯୋଗାଇବ। ତେବେ ଏଥିମଧ୍ୟରୁ ବାଲେଶ୍ୱର ଜିଲାକୁ ସର୍ବାଧିକ ୧୧ ଆମ୍ବୁଲାନ୍ସ ଯିବ। ୨୦୧୩ରୁ ରାଜ୍ୟବାସୀଙ୍କୁ ଏହି ଜରୁରିକାଳୀନ ସେବା ଯୋଗାଉଛନ୍ତି ସରକାର। ଏବେ ରାଜ୍ୟରେ ମୋଟ ୫୧୮ଟି ୧୦୮ ଆମ୍ବୁଲାନ୍ସ ଓ ୫୦୦ଟି

**୨୭ ଜିଲାରେ ରୋଗୀଙ୍କୁ ସେବା ଯୋଗାଇବ**

ଜନନୀ ଏକ୍ସପ୍ରେସ ରହିଛି। ସେହିପରି ମାଲକାନଗିରି ବିଚ୍ଛିନ୍ନାଞ୍ଚଳରେ ୬ଟି ୧୦୮ ବୋଟ ଆମ୍ବୁଲାନ୍ସ ମଧ ଚାଲୁଛି। ପ୍ରତି ଆମ୍ବୁଲାନ୍ସରେ ୩ଜଣ ଲେଖାଏ ଦୁଇଟି ସିଫ୍ଟରେ ୬ଜଣ ହିସାବରେ ୮୪ଟି ଗାଡ଼ି ପାଇଁ ୫୦୪ଜଣ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର। ଆଗାମୀ ସମୟରେ ପର୍ଯ୍ୟାୟ କ୍ରମେ ୧୯ ଓ ୨୮ଟି ଆମ୍ବୁଲାନ୍ସ ସେବା ଆରମ୍ଭ କରାଯିବାର ଯୋଜନା କରାଯାଇଥିବା ସେ କହିଛନ୍ତି।

ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ପ୍ରକାର ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତି ବିନା ମୂଲ୍ୟରେ ଆଶୁ ଚିକିତ୍ସା ସହ ଡାକ୍ତରଖାନାକୁ ଯିବା ପାଇଁ ଟୋଲ୍ ଫ୍ରି ନଂ.୧୦୮କୁ ଫୋନ୍ କରି ଜରୁରିକାଳୀନ ଆମ୍ବୁଲାନ୍ସ ସେବାର ସୁବିଧା ନେବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ଟ୍ରକ ଚାପାରେ ଦମ୍ପତି ମୃତ

ସମ୍ବଲପୁର, ୧।୧ (ବ୍ୟୁରୋ)

ସମ୍ବଲପୁର ୫୩ନଂ. ଜାତୀୟ ରାଜପଥର ଧନୁପାଲି ଥାନା ସର୍ଲାକାନୀ ଛକରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମନ୍ଦିର ଦର୍ଶନ ସାରି ଫେରୁଥିବା ବୃଦ୍ଧ ଦମ୍ପତିଙ୍କ ଉପରେ ଏକ ୧୦ ଚକିଆ ଟ୍ରକ ମାଡ଼ିଯିବାରୁ ଉଭୟଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଇଁଠାପାଲି ନିକଟରେ ରହୁଥିବା କହ୍ନେୟାଲାଲ ସୋନୀ (୬୫) ଓ ମୋନି (୬୦)। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇ ଅଇଁଠାପାଲି ଥାନାରେ ଆତ୍ମସମର୍ପଣ କରିଥିଲେ। ସୂଚନା ଅନୁସାରେ ପୂର୍ବାହ୍ନରେ ଟ୍ରକ (ଓଆର୍ ୧୫ଏମ-୩୪୩୮)ଟି ଅଇଁଠାପାଲି ପଟକୁ ଯାଉଥିଲା। ବୃଦ୍ଧ ଦମ୍ପତି ସ୍କୁଟି ଯୋଗେ ମାନେଶ୍ୱରର ମାନଧାତାବାବା ଶିବ ମନ୍ଦିର ଦର୍ଶନ ସାରି ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦମ୍ପତି ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯିବାରୁ ଟ୍ରକର ପଛ ଚକ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଧନୁପାଲି ପୋଲିସ ପହଞ୍ଚି ସେମାନଙ୍କୁ ସଦର ମେଡିକାଲ ନେଇଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ କିଛିସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

## କାଇ ଚଟଣି ଉପରେ ଅଧିକ ଗବେଷଣା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୧।୧

ଥଣ୍ଡା, ସର୍ଦ୍ଦି, କାଶ ଓ ଜ୍ୱର ଭଳି ସଂକ୍ରମଣଜନିତ ରୋଗ ଚିକିତ୍ସା ଲାଗି ଆଦିବାସୀ ଅଞ୍ଚଳରେ ଦୀର୍ଘଦିନରୁ ବ୍ୟବହୃତ ହୋଇଆସୁଛି କାଇ ଚଟଣି। ଏଥିରେ ଜିଙ୍କ୍ ଓ କ୍ୟାଲସିୟମ ଭଳି ଧାତବ ଲବଣ ଉପଲବ୍ଧ ଥିବା ଗବେଷଣାରୁ ଜଣାପଡିଛି। କରୋନା ରୋଗର ଚିକିତ୍ସା ତଥା ଲକ୍ଷଣ କମାଇବା ପାଇଁ ଏଦିଗରେ ଅଧିକ ଗବେଷଣା ହେବା ଦରକାର ବୋଲି ମାୟାଧର ପଡିଆଲ ନାମକ ଜଣେ ଇଞ୍ଜିନିୟର ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଅନେକ ଥର ଆୟୁଷ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। କିନ୍ତୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ନ ମିଳିବାରୁ ସେ ଗତ ଅକ୍ଟୋବର ୨୭ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ବି. ଆର. ଷଡ଼ଙ୍ଗୀ ଓ ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଉକ୍ତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଉଭୟ ଆୟୁଷ ମନ୍ତ୍ରଣାଳୟ ଏବଂ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ ଡିଜିଙ୍କୁ ଆଇନ ଅନୁଯାୟୀ ତିନି ମାସ ମଧ୍ୟରେ ଗବେଷଣା କରି ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଦାୟିତ୍ୱ ନେଲେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର





ଦାୟିତ୍ୱ ଗ୍ରହଣ ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର (ବାମ) ଏବଂ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା।

ଭୁବନେଶ୍ୱର,୧।୧(ବ୍ୟୁରୋ)

ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ଶୁକ୍ରବାର ବରିଷ୍ଠ ଆଇଏଏସ୍ ଅଫିସର ସୁରେଶ କୁମାର ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୮୬ ବ୍ୟାଚ୍‌ର ଆଇଏଏସ୍ ଅଫିସର ମହାପାତ୍ରଙ୍କୁ ଡିସେମ୍ବର ୨୫ ତାରିଖରେ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ମିଳିଥିଲା। ଦାୟିତ୍ୱ ଗ୍ରହଣ କରିବାପରେ ସେ କହିଛନ୍ତି, ନୂଆବର୍ଷରେ ଓଡ଼ିଶାବାସୀଙ୍କ ଜୀବନ ସୁଖପ୍ରଦ ଓ ମଙ୍ଗଳମୟ ହେଉ। ଏଥିପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଚଳିତବର୍ଷ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଦୃଷ୍ଟି ଦିଆଯିବ। ଯେଉଁ ପ୍ରୋଜେକ୍ଟ ଓ ସ୍କିମ୍‌ଗୁଡିକ ଆରମ୍ଭ କରାଯାଇଛି ସେଗୁଡିକ କିପରି ଅଧିକ ତ୍ୱରାନ୍ୱିତ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏହାସହ ରାଜ୍ୟର ଅର୍ଥନୀତିକୁ ପୁଣିଥରେ ଆଗକୁ ନେବା ପାଇଁ ଚଳିତ ବର୍ଷ ଚ୍ୟାଲେଞ୍ଜ ହେବ ବୋଲି ମହାପାତ୍ର କହିଛନ୍ତି।

୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ମଧ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନବବର୍ଷରେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି, ୨୦୨୦ର ଦୁଃଖ ଦୂରେଇ ନିଅନ୍ତୁ। ଓଡ଼ିଶାର ପ୍ରଗତିରେ ସହାୟ ହେବା ସହିତ ସମସ୍ତେ ସୁଖ ଓ ଶାନ୍ତିରେ ରୁହନ୍ତୁ ବୋଲି ଜେନା କହିଛନ୍ତି। ଅନ୍ୟପଟେ ଉନ୍ନୟନ କମିଶନ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଯାଇ ଅଭିନନ୍ଦନ ଜଣାଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଉଭୟ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଫୁଲତୋଡ଼ା ଦେଇ ନବବର୍ଷର ଅଭିନନ୍ଦନ ସହ ସ୍ୱାଗତ କରିଥିଲେ। କୋଭିଡ୍ କଟକଣା ଯୋଗୁ ଅଧିକାରୀ ଓ କର୍ମଚାରୀମାନେ ଜଣ ଜଣ କରି ଶୁଭେଚ୍ଛା ଜଣାଇଥିଲେ।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧।୧(ବ୍ୟୁରୋ)

ରାଜ୍ୟ ସରକାର ନୂଆ ବର୍ଷରେ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ଆର. ଭିନିଲକ୍ରିଷ୍ଣାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେ କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କୁ ଓଡ଼ିଶା ଖଣି ନିଗମର ଏମ୍‌ଡି, ସିଏମ୍‌ଜିଆଇଇଡି ଥିବା ମହମ୍ମଦ ସିଦ୍ଦିକ ଆଲମଙ୍କୁ ଖଣି ନିଗମର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମାଙ୍କୁ

**ଭିନିଲକ୍ରିଷ୍ଣା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ**

ପୁରୀ ଜିଲାପାଳ ଭାବେ ବଦଳି କରାଯାଇଥିବା ବେଳେ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଥିବା ପାରୁଲ ପଟୱାରୀଙ୍କୁ ପୂର୍ତ୍ତ ବିଭାଗର ଡେପୁଟି ସେକ୍ରେଟାରି, ରାୟଗଡ଼ା ପିଡି ଡିଆର୍‌ଡିଏ ଅମ୍ରିତ ଋତୁରାଜଙ୍କୁ କେନ୍ଦ୍ରାପଡ଼ା ଜିଲାପାଳ, ଖୋର୍ଦ୍ଧା ସ୍ପେଶାଲ ଏଡିଏମ୍ ବିଶାଳ ସିଂଙ୍କୁ ଯାଜପୁର ଜିଲା ପିଡି ଡିଆର୍‌ଡିଏ, ଓଏଏସ୍ ଅଫିସର ତଥା ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଏବଂ ଜଗତ୍‌ସିଂହପୁର ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ରାୟଗଡ଼ା ଜିଲାପାଳ ଭାବେ ବଦଳି କରାଯାଇଛି।

# ବାପାଙ୍କ କୁରାଢ଼ି ଚୋଟରେ ପୁଅ ମୃତ

ବଡ଼ଗାଁ, ୧।୧ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରୂନଗାଁ ଗ୍ରାମରେ ନୂଆବର୍ଷରେ ଘଟିଛି ଅଘଟଣ। ବାପାଙ୍କ କୁରାଢ଼ି ଚୋଟରେ ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦର ମିରି (୨୦)। ଅଭିଯୁକ୍ତ ବାପା କରନୁ (୫୨)ଙ୍କୁ ବଡ଼ଗାଁ ଥାନା ପୋଲିସ ଗିରଫ କରିଛି। ରୂନଗାଁ ଗ୍ରାମରେ କରନୁ ପରିବାର ସହ ବାସ କରନ୍ତି। କରନୁଙ୍କ ସହ ପୁଅ ସୁନ୍ଦର ଗଣ୍ଡଗୋଳ କରି ଆସୁଥିଲେ। ଶୁକ୍ରବାର ମଧ୍ୟାହ୍ନରେ ବାପପୁଅଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ପରେ ସୁନ୍ଦର ଶୋଇଯାଇଥିଲେ। ଏହି ସମୟରେ କରନୁ କୁରାଢ଼ିରେ ସୁନ୍ଦରଙ୍କୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାପରେ ଗ୍ରାମବାସୀ ଅଭିଯୁକ୍ତଙ୍କୁ ବାନ୍ଧି ରଖି ପୋଲିସକୁ ସୂଚନା ଦେଇଥିଲେ ।

# ଉଦ୍ଧାର ହାତୀ ଶାବକ ନାଁ 'ପଦ୍ମା'

ଢେଙ୍କାନାଳ ଅଫିସ, ୧।୧

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ବାହୁଦା ନଦୀ ପାର୍ଶ୍ୱ ଚିଙ୍ଗୁଡ଼ି ଘେରିରୁ ଉଦ୍ଧାର ହୋଇ କପିଳାସ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରକୁ ଆସିଥିବା ହାତୀ ଶାବକର ଶୁକ୍ରବାର ନାମକରଣ ହୋଇଛି। ଏହି ମାଈ ହାତୀ ଛୁଆର ନାଁ 'ପଦ୍ମା' ରଖାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ବେଳେ ଏହାର ନାଭିରେ ସଂକ୍ରମଣ ହୋଇଥିବା ଜଣାପଡ଼ିଛି। ଏହା ଗୁରୁତର ନୁହେଁ। ଚିକିତ୍ସା ପରେ ଠିକ୍ ହୋଇଯିବ ବୋଲି ପ୍ରାଣୀ ବିଶେଷଜ୍ଞ ମତ ଦେଇଥିବା ଡିଏଫ୍‌ଓ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ମା'ଠୁ ଦୂରରେ ଥିବା ହାତୀର ସ୍ୱାସ୍ଥ୍ୟର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବିଶେଷଜ୍ଞଙ୍କ ପରାମର୍ଶରେ ପ୍ରଥମ ଦିନ ଗ୍ଲୁକୋଜ୍ ପାଣି ଦିଆଯାଇଥିଲା। ଶୁକ୍ରବାର ୧୫ ଲିଟର କ୍ଷୀର ସହ ଥରକେ ୩୦୦ ଗ୍ରାମ୍ ସେରେଲାକ୍, ୩ଲିଟର ପାଣିରେ ୧୭୦ ଗ୍ରାମ୍ ଲାକ୍ଟୋଜେନ୍ ଦିଆଯାଇଛି। ନିୟମିତ ବ୍ୟବଧାନରେ ଛୁଆହାତୀକୁ ୭ଥର



ଉଦ୍ଧାର ହାତୀଛୁଆ।

ଖାଦ୍ୟ ଦିଆଯାଉଛି। ସେ ଆନନ୍ଦରେ ସବୁଖାଦ୍ୟ ଖାଉଛି। ଅପରପକ୍ଷେ ଧୀରେ ଧୀରେ ହାତୀ ଶାବକ ମାହୁନ୍ତଙ୍କ ସହ ଆତ୍ମୀୟତା ବଢ଼ାଉଛି। ମା'ଠୁ

- ନାଭିରେ ସଂକ୍ରମଣ ଗୁରୁତର ନୁହେଁ
- ଦିଆଯାଉଛି କ୍ଷୀର, ତରଳ ଖାଦ୍ୟ
- ମାହୁନ୍ତଙ୍କ ସହ ବଢ଼ାଉଛି ଆତ୍ମୀୟତା

ଦୂରରେ ଆପଣାପଣ ପାଇବା ପରେ ଦେହରେ ଘଷି ହେଉଛି। ଶୁଣ୍ଢ ଟେକି ଖାଇବାକୁ ମାଗୁଛି। ରେସ୍‌କ୍ୟୁ ସେଣ୍ଟରର ମାହୁନ୍ତମାନେ ଏହାର ସେବାରେ ଲାଗିଛନ୍ତି। ଏବେ ତାକୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟି ପଠାଯାଇଛି। ରିପୋର୍ଟ ଆସିବା ପରେ ତାକୁ ବାହାରେ ଛଡ଼ାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ପୂର୍ବରୁ ରେସ୍‌କ୍ୟୁ ସେଣ୍ଟରରେ କାର୍ତ୍ତିକ, ଚନ୍ଦୁ, ଉମା, ହିରୋ ସମେତ ସ୍ୱତନ୍ତ୍ର କରିଡ଼ରରେ ଦନ୍ତାହାତୀ ରାକେଶ ରହିଥିବାବେଳେ ଏବେ ଏହି ସଂଖ୍ୟା ୬ରେ ପହଞ୍ଚିଛି।

# ୧୧ ଡିଏସ୍‌ପିଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟା ସହ ବଦଳି

ଭୁବନେଶ୍ୱର,୧।୧(ବ୍ୟୁରୋ)

ରାଜ୍ୟର ୧୨ଜଣ ଡିଏସ୍‌ପିଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ସହ ବଦଳି କରାଯାଇଛି। ଗୃହ ବିଭାଗର ଅନୁମୋଦନକ୍ରମେ ଶୁକ୍ରବାର ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାୟଗଡା ଡିଏସ୍‌ପି (ଆଇୟୁସିଏଡବ୍ଲ୍ୟୁ) ସଙ୍କରୀ ପ୍ରସାଦ ଦ୍ୱିବେଦୀଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ସହ ଗୁଣୁପୁର ଓ ରାୟଗଡା ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ସେହିପରି ଡିଏସ୍‌ପି (ସିଆଇଡି ସିବି) ପ୍ରଶାନ୍ତ କୁମାର ବିଶୋଇଙ୍କୁ କଟକ ଅତିରିକ୍ତ ଏସ୍‌ପି (ସିଆଇଡି ସିବି), ଜଗତ୍‌ସିଂହପୁର ଡିଏସ୍‌ପି(ମୁଖ୍ୟାଳୟ) ସ୍ୱପ୍ନ ରଞ୍ଜନ ମହାପାତ୍ରଙ୍କୁ ଅତିରିକ୍ତ ଏସ୍‌ପି ପୁରୀ ଶ୍ରୀମନ୍ଦିର ଆଡ୍‌ମିନିଷ୍ଟ୍ରେଟର(ସିକ୍ୟୁରିଟି), ଡିଏସ୍‌ପି ଇଣ୍ଟେଲିଜେନ୍ସ ନରହରି ନାୟକଙ୍କୁ ଅତିରିକ୍ତ ଏସ୍‌ପି ଇଣ୍ଟେଲିଜେନ୍ସ, ଡିଏସ୍‌ପି ଇଣ୍ଟେଲିଜେନ୍ସ ବୃନ୍ଦାବନ ଘଡେଇଙ୍କୁ ଅତିରିକ୍ତ ଏସ୍‌ପି (ଏସ୍‌ଓଜି)କୁ ପଦୋନ୍ନତି ଦିଆଯିବା ସହ ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁରେ ଅବସ୍ଥାପିତ କରାଯାଇଛି। ଯାଜପୁର ଏସ୍‌ଡିପିଓ ନାରାୟଣ ଚନ୍ଦ୍ର ବାରିକଙ୍କୁ ଅତିରିକ୍ତ ଏସ୍‌ପି ଯାଜପୁର, ସମ୍ବଲପୁର ଡିଏସ୍‌ପି ଡିଆଇବି ବିକ୍ରମ କେଶରୀ ଭୋଇଙ୍କୁ ରାଉରକେଲା ଅତିରିକ୍ତ ଏସ୍‌ପି, ଭୁବନେଶ୍ୱର ଏସିପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନାଙ୍କୁ ପୁରୀ ଅତିରିକ୍ତ ଏସ୍‌ପି, ଗଜପତି ଡିଏସ୍‌ପି (ପିସିଆର ସେଲ୍) ଅନିଲ କୁମାର ପ୍ରଧାନଙ୍କୁ ଅତିରିକ୍ତ ଏସ୍‌ପି ତାଳଚେର ସହିତ ଅନୁଗୋଳ ପୋଲିସ ମୁଖ୍ୟାଳୟ, ବାଲେଶ୍ୱର ଡିଏସ୍‌ପି (ଆଇୟୁସିଏଡବ୍ଲ୍ୟୁ) ସଂଗ୍ରାମ କେଶରୀ ବେହେରାଙ୍କୁ ରାଉରକେଲା ଅତିରିକ୍ତ ଏସ୍‌ପି (ଆଇୟୁସିଏଡବ୍ଲ୍ୟୁ), କୋରାପୁଟ ଡିଏସ୍‌ପି (ଆଇୟୁସିଏଡବ୍ଲ୍ୟୁ) ବିମଳକାନ୍ତ ବ୍ରହ୍ମାଙ୍କୁ ଅତିରିକ୍ତ ଏସ୍‌ପି (କମ୍ୟୁନିକେଶନ) ଭାବେ କୋରାପୁଟଠାରେ ଅବସ୍ଥାପିତ କରାଯାଇଛି।

## ଗହୀରମଥାରୁ ବାରହା ଶିକାର

**ରାଜନଗର/ମହାକାଳପଡ଼ା,(ଡି.ଏନ.ଏ.):** ଗହୀରମଥା ଅଞ୍ଚଳରୁ ମୃତ ବାରହା ଜବତ କରାଯାଇଛି। ଏହି ଘଟଣାରେ ୨ ବାଇକ ଜବତ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମହାକାଳପଡା ରଟପଙ୍ଗ ଗାଁର ଜୟନ୍ତ ମଳିକ, ତପନ କୁମାର ଓଝା ଓ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସୁଜୁନପୁର ଗାଁର ଅଲେଖ ମଳିକ ଗୁରୁବାର ରାତିରେ ବିଦ୍ୟୁତ୍ ତାର ବିଛାଇ ଗହୀରମଥା ସଂରକ୍ଷିତ ଜଙ୍ଗଲରୁ ବାରହା ଶିକାର କରିଥିଲେ। ହେଲେ ତିନ୍ତିଆପାଳ–ଲାଡା ଗ୍ରାମ୍ୟ ଉନ୍ନୟନ ରାସ୍ତାର ନାଗାମଠ ନିକଟରେ ବନବିଭାଗ କର୍ମଚାରୀମାନେ ଶିକାରମାନଙ୍କୁ କାବୁ କରି ନେଇଥିଲେ। ସେମାନଙ୍କଠାରୁ ମୃତ ବାରାହ ସହ ୨ ବାଇକ୍ ଜବତ କରାଯାଇଛି। କେସ ନଂ. ୩୭ ଜି/୨୦–୨୧।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀ ମୃତ



ଇଛାବତୀ ମୌଜା ଧୋବା ଝର ନିକଟରେ ପଡ଼ିଥିବା ମୃତ ହାତୀ।

### ଅସୁରକ୍ଷିତ ଗଜରାଜ

- ୨ବର୍ଷରେ ଗଲାଣି ୫ ଜୀବନ
- ନୀରବଦ୍ରଷ୍ଟା ସାଜିଛି ବନ ବିଭାଗ

**ଖୋର୍ଦ୍ଧା ଅଫିସ/ନିରାକାରପୁର,୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳରେ ପୁଣି ଏକ ହାତୀର ମୃତ୍ୟୁ ଘଟିଛି। ଶୁକ୍ରବାର ରାମେଶ୍ୱର ପଞ୍ଚାୟତ ଖଜୁରିପଡ଼ା ଇଛାବତୀ ମୌଜା ଧୋବା ଝର ନିକଟ ବିଲରୁ ଏକ ମାଈ ହାତୀର ମୃତଦେହକୁ ବନ ବିଭାଗ ଜବତ କରିଛି। ଏହାକୁ ମିଶାଇ ରାମେଶ୍ୱର ଅଞ୍ଚଳରେ ଗତ ୨ବର୍ଷ ମଧ୍ୟରେ ୫ଟି ହାତୀ ମୃତ୍ୟୁ ଘଟିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ଜଣାପଡିଛି।

ସୂଚନା ମୁତାବକ, ଶୁକ୍ରବାର ସକାଳେ କେତେଜଣ ଗ୍ରାମବାସୀ ଝର ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ବିଲରେ ହାତୀ ମରି ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଖୋର୍ଦ୍ଧା ଏସିଏଫ୍ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଭୂଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ, ଟାଙ୍ଗୀ ଫରେଷ୍ଟର ଗୋଦାବରିଶ ହୋତାଙ୍କ ସମେତ ବନ କର୍ମଚାରୀମାନେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପରେ ହାତୀର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଟାଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଥିବା ନର୍ସରିରେ ପୋତାଯାଇଛି ବୋଲି ଭୂଷଣ୍ଡପୁର ଫରେଷ୍ଟର ସିଂ କହିଛନ୍ତି।

ଅନ୍ୟପଟେ ହାତୀ ମୁହଁରେ ବିଦ୍ୟୁତ୍ ତାର ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଥିଲା ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଏଥିପାଇଁ ସେମାନେ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଏହି ଘଟଣାର ତଦନ୍ତ ହେବା ଆବଶ୍ୟକ ବୋଲି ପରିବେଶବିତମାନେ କହିଛନ୍ତି। ଏନେଇ ଏସିଏଫ ବିଶ୍ୱାଳ କହିଛନ୍ତି, ଗୁରୁବାର ରାତିରେ ୧୮ଟିକିଆ ହାତୀପଲ ଏହି ଅଞ୍ଚଳରେ ଥିଲେ। ତେବେ ପଲ ମଧ୍ୟରୁ ଗୋଟିଏ ହାତୀ ଖସିଯାଇଥିବା ଅନୁମାନ କରାଯାଉଛି। ମୃତ ହାତୀର ବୟସ ୧୦ରୁ ୧୨ବର୍ଷ ହେବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ହାତୀ ଆକ୍ରମଣରେ ଜୀବନ ଗଲା

**ଚିତ୍ରଡ଼ା,୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର କାଳିଆନାଳ ଗ୍ରାମରେ ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମ ଦେହୁରୀ। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଅପରାହ୍ନ ୫ଟାରେ ରାମ ନିକଟସ୍ଥ ପାଞ୍ଚଭାୟା ହାଟରୁ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବାଟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ବେତନଟୀ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଞ୍ଜ ଅଫିସର ଘନଶ୍ୟାମ ସିଂଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



















































## ପିକ୍‌ଅପ୍ ଭ୍ୟାନ୍ ଗଛ ଭାଙ୍ଗି କେନାଲରେ ପଶିଲା

**ମହାକାଳପଡ଼ା,(ଡି.ଏନ୍.ଏ.):** କେନ୍ଦ୍ରପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ମଙ୍ଗଳପୁର ଛକ ନିକଟରେ ଶୁକ୍ରବାର ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଆର୦୪୬୮୦୬) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ୍‌ଟି ରାସ୍ତା ପାର୍ଶ୍ୱରେ ଥିବା ୨ ଗଛକୁ ଧକ୍କା ଦେଇ କେନାଲ ଭିତରକୁ ପଶିଯାଇଥିଲା। ଏହି ଦୁର୍ଘଟଣାର ଗାଡ଼ି ଚାଳକ ରକ୍ଷା ପାଇ ଯାଇଛନ୍ତି। ପିକ୍‌ଅପ୍ ଭ୍ୟାନଟି ବରଫ ନେଇ ଖରିନାଶି ମାଛ ଜେଟିକୁ ଯାଇ ଫେରୁଥିଲା। ମହାକାଳପଡା ପୋଲିସ ତଦନ୍ତ ଆରମ୍ଭ କରିଛି। ଗାଡ଼ି ଚାଳକଙ୍କ ଘର କେନ୍ଦ୍ରାପଡା ବଡ଼ ବାରଙ୍ଗ ଅଞ୍ଚଳରେ ବୋଲି ଜଣାପଡିଛି।

## ସଂକ୍ଷେପରେ

### ମକର ମେଳା ଉପରେ ଲାଗିଲା କଟକଣା

**ଜଗତ୍‌ସିଂହପୁର ଅଫିସ, ୧୧:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାପାଳ ସରୋଜ କୁମାର ମିଶ୍ର ଜିଲାରେ ମକର ମେଳା ଉପରେ କଟକଣା ଜାରି କରିଛନ୍ତି। ଜଗତ୍‌ସିଂହପୁର ସୋମନାଥ ହାଟ ପରିସରରେ ହେଉଥିବା ମକର ମେଳା କେବଳ ଜିଲା ନୁହେଁ ରାଜ୍ୟରେ ବେସ୍ ଲୋକାଦୃତ। ପାଖାପାଖି ୧୫ ଦିନ ଧରି ହେଉଥିବା ମେଳାରେ ଅନେକ ପ୍ରକାର ସାମଗ୍ରୀ ସୁଲଭ ମୂଲ୍ୟରେ ବିକ୍ରି ହୁଏ। ଚଳିତବର୍ଷ ଏହି ମେଳା ହେବନାହିଁ। କେବଳ ପାରମ୍ପରିକ ହରିହର ଭେଟରେ ସୀମିତ ରହିବ ବୋଲି ମେଳା ଆୟୋଜକ ବିନାୟକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିସହ ରାହାମା ମକର ମେଳା ଉପରେ ମଧ ଅନୁରୂପ ଭାବେ ପାରମ୍ପରିକ ପୂଜାପାଠକୁ ଅନୁମତି ମିଳିଥିବା ବେଳେ ଜନସମାଗମ ଓ ଦୋକାନ ବଜାର ଖୋଲିବା ଉପରେ ଅଙ୍କୁଶ ଲଗାଯାଇଛି।

### କଟକଣା ସତ୍ତ୍ୱେ ନୂଆବର୍ଷ ଭିଡ଼ ଜମିଲା

**ଖଣ୍ଡପଡା,୧୧(ସ୍ୱ.ପ୍ର.):** ଶୁକ୍ରବାର ନୂଆବର୍ଷ ୨୦୨୧ର ପ୍ରଥମ ଦିନରେ ନୟାଗଡ଼ ଜିଲା କଣ୍ଟିଲୋ ନୀଳମାଧବ ପୀଠ, ପଥରଚକଡାର ମା'ନାରାୟଣୀଙ୍କ ମନ୍ଦିର, କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦର ରାମାଶ୍ରମ, ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ, କୋସକା ପଞ୍ଚାୟତର ଯୋଗୀଯୋଗୀଆଣୀ ବୌଦ୍ଧ ପୀଠରେ ପୂର୍ବବର୍ଷ ପରି ଭିଡ ନ ଥିଲା। ହେଲେ ନୟାଗଡ ଓ କଟକ ଜିଲା ସୀମାନ୍ତ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠରେ ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ପୋଲିସ ପ୍ରଶାସନ ସୂତ୍ରରୁ ଜଣାପଡିଛି। ନବବର୍ଷ ପାଇଁ ବହୁ ପର୍ଯ୍ୟଟକ ଶ୍ରୀଜୀଉଙ୍କ ଦର୍ଶନ ସହ ବଣ ଭୋଜି ଉଦ୍ଦେଶ୍ୟରେ ଗୋକୁଳାନନ୍ଦ ଜୀଉ ଓ କଣ୍ଟିଲୋରେ ପହଞ୍ଚି ଥିଲେ। ମାତ୍ର ପ୍ରଶାସନିକ କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରି ନ ପାରି ନିରାଶ ହୋଇ ଫେରିଥିଲେ। ବହୁ ପର୍ଯ୍ୟଟକ ନୌକା ଓ ମୋଟର ବୋଟ୍‌ରେ ମହାନଦୀର ଅପରପାର୍ଶ୍ୱକୁ ଯାଉଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

### ଗୋପୀନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଯାଜପୁର ଅଫିସ,୧୧:** ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟ ଆନୁକୂଲ୍ୟରେ ବର୍ତ୍ତମଣା ଓଡିନ୍ଦା ଯୋଗିବାଗ ପଡ଼ିଆରେ ୨୮ତମ ଗୋପୀନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଆଲଡା ବନାମ ଭେଟକା ମଧରେ ମ୍ୟାଚ୍ଛ ଅନୁଷ୍ଠିତ ହୋଇଥିଲା। ଆଲଡା ଟସ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୯୯ ରନ ସଂଗ୍ରହ କରିଥିଲା। ଜବାବରେ ଭେଟକା ମାତ୍ର ୭ଓଭରରେ ସମସ୍ତ ଇଉକେଟ ହରାଇ ୮୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପଣ୍ଡୁଳା ବନାମ ପାଣିକୋଇଲି ମଧରେ ଅନୁଷ୍ଠିତ ହୋଇଥିଲା। ପଣ୍ଡୁଳା ଟସ ଜିଣି ବ୍ୟାଟିଂ କରି ୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିବାବେଳେ ଜବାବରେ ପାଣିକୋଇଲି କିଙ୍ଗ ପିଓର ୬.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। କୋରାଇ ପ୍ରେସ କ୍ଲବର ସଭାପତି ସୁବାସ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ବିରେନ୍ଦ୍ର ଗିରି ଓ ନିଳମଣି ପାଢ଼ୀ ଖେଳ ପରିଚାଳନା କରିଥିଲେ।

### ବିଜେଡି ଜିଲା କମିଟିରେ ୪ କର୍ମକର୍ତ୍ତା ଡେରାବିଶର

**ଡେରାବିଶ, ୧୧(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡ଼ା ଗୁରୁବାର ଜିଲା ବିଜେଡି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ ଡେରାବିଶ ବ୍ଲକରୁ ଉପସଭାପତି ଭାବେ ଶ୍ରୀମନ୍ତ ରାଉତରାୟ, ସାଧାରଣ ସମ୍ପାଦକ ମହେନ୍ଦ୍ର ସିଂ, ସମ୍ପାଦକ ଭାବେ ଅମୀୟ ମିଶ୍ର ଓ ଅଶ୍ୱିନୀ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିବା ପରିଡ଼ା ସୂଚନା ଦେଇଛନ୍ତି। ତାଲିକା ପ୍ରକାଶ ପାଇବା ପରେ ନବନିଯୁକ୍ତ କର୍ମକର୍ତ୍ତା ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବନୀ ପଟ୍ଟନାୟକ, ଜିଲା ସଭାପତି ପରିଡା, ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ହାଇଲେଭଲ କେନାଲରୁ ପାଣି ମିଳୁନି

- ତ୍ରୁଟିପୂର୍ଣ୍ଣ କାଡ଼ା ନିର୍ମାଣ, ଚାଷୀ ନୟାନ୍ତ
- ଜଳସେଚନ ନୁହେଁ, ଚାଲିଛି ଠିକାଦାର ପୋଷା ନୀତି

**ଯାଜପୁର ଅଫିସ,୧୧**

ପୋତି ହୋଇଯାଇଥିବା ବ୍ରିଟିଶ ଅମଳର ଏକ କେନାଲର ପୁନରୁଦ୍ଧାର କାର୍ଯ୍ୟ ପ୍ରହସନ ହୋଇଛି। ଜଳସେଚନ ନୁହେଁ, କେବଳ ଠିକାଦାର ପୋଷିବା ନୀତିରେ ଏଭଳି କାର୍ଯ୍ୟ ହୋଇଥିବା ଚାଷୀ ମହଲରେ ମତପ୍ରକାଶ ପାଇଛି। ବିରୂପା ନଦୀର ଜଗତପୁରରୁ ବାହାରି ଜେନାପୁର ଯାଇଥିବା ହାଇଲେଭଲ କେନାଲ ପାଣି ଅନେକ ଶାଖା କେନାଲ ଜରିଆରେ ଚାଷଜମିକୁ ଜଳସେଚିତ କରିବା ପାଇଁ ବିଭାଗ ପକ୍ଷରୁ ୨୦୧୭ରେ କାଡ଼ା (ହାଇଲେଭଲ କେନାଲ-ବ୍ରାଞ୍ଚ-କାଡା)ନିର୍ମାଣ କରାଯାଇଛି। ହେଲେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ସେଥିରୁ ଆଦୌ ପାଣି ଆସୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଚାଷୀମାନେ ଏନେଇ ଗତ ୩ ବର୍ଷ ଧରି ଅଭିଯୋଗ କରି ଆସୁଛନ୍ତି। କାଡ଼ା ନିର୍ମାଣ ସମୟରେ ସ୍ଥାନୀୟ ମୌଜାର ଚାଷୀଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। କାଡ଼ା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସେ ସମୟରେ ଅଭିଯୋଗ ହୋଇଥିଲା। ଏହାପରେ ଜଳସେଚନ ବିଭାଗ କର୍ତ୍ତୃପକ୍ଷ କେତେକ କାଡ଼ା ନିର୍ମାଣ ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିଲେ। ଏହି ଘଟଣାକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ ଚାଷୀଙ୍କ ହିତ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ହାଇଲେଭଲ କେନାଲରୁ ଶାଖା କେନାଲ ବାହାରି ବନ୍ତଳା, କଡ଼େଇ, ଗୋକୁଳପୁର, ବାପଟପଡ଼ା, ରାଣୀପୋଖରୀ, ଗଣାଶ, କୋଡ଼ିଏ ବାଟିଆ ମୌଜା ଦେଇ ଆସିଥିବା ଶାଖା କେନାଲରେ ୨ ଶହ ମିଟର ଦୂରତ୍ୱରେ ବସା ଯାଉଥିବା ଶୋଠ ଗୁଡିକ ପାଞ୍ଚ, ଛଅ ଇଞ୍ଚ ମୋଟା ହୋଇଥିବାରୁ ଯାହା ପାଣି ଆସୁଛି ତାହା ଚାଷୀଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ଚାଷୀମାନଙ୍କ ମଧ୍ୟରେ ଆଗୁଆ ପାଣି ମଡାଇବା ପାଇଁ ବାଦବିବାଦ ଲାଗି ରହୁଛି। ନିମ୍ନମାନର କାଡ଼ା ନିର୍ମାଣ ହୋଇଥିବାରୁ ୩ ବର୍ଷରେ ନଷ୍ଟ ହୋଇଗଲାଣି। ଏହି କାଡ଼ାରେ ନିର୍ଦ୍ଧାରିତ ୫୦୦ ହେକ୍ଟର ଜମିକୁ ଠିକ୍ ଭାବେ ପାଣି ମାଡୁ ନଥିବାରୁ ଚାଷୀମାନେ ବିଭିନ୍ନ ସମୟରେ କ୍ଷତି ସହୁଛନ୍ତି। ଚାଷୀ ଦଶରଥ ମହାନ୍ତି, ନିରଞ୍ଜନ ସାହୁ, ଅମୂଲ୍ୟ ରାଉତ, କିଶୋର ମହାନ୍ତି କହିଛନ୍ତି ଜଳସେଚନ ବିଭାଗ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି। ଯେନେତେନ ପ୍ରକାରେ କାମ କରି କେବଳ ଠିକାଦାର ପୋଷା ନୀତି ଆପଣାଇଛନ୍ତି। ନିମ୍ନମାନର କାଡ଼ା ନିର୍ମାଣ ନେଇ ପୂର୍ବରୁ ଅଭିଯୋଗ ହୋଇଥିଲେ ହେଁ କେହି ଶୁଣିନାହାନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ଦାସଙ୍କୁ ପଚରିବାରୁ ସେ କହନ୍ତି, ଡିଜାଇନ ଅନୁସାରେ ଶୋଠ ବସିଛି। ବଡଶୋଠ ବସିଲେ ତଳମୁଣ୍ଡର ଚାଷୀଙ୍କୁ ପାଣି ପାଇବା ସମସ୍ୟା ହେବ। ଚାଷୀ ଯେଉଁ ପ୍ରକାର ଚାହୁଁଛନ୍ତି ତାଙ୍କୁ ଲିଖିତ ଭାବରେ ଜଣାଇଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


କେନାଲ ଶୁଖିଲା ପଡ଼ିଛି।

# ଲୋକଙ୍କୁ ମିଳୁନି ପାନୀୟ ଜଳ

**ପାଇପଲାଇନ ବିଛେଇବାରେ ତ୍ରୁଟି**

**ପଟ୍ଟାମୁଣ୍ଡାଇ, ୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ସହରାଞ୍ଚଳବାସୀଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ୨୦୧୯ ସେପ୍ଟେମ୍ବର ୨୯ରେ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ପୌରାଞ୍ଚଳର ୪୦ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଜେନା ଉଦ୍‌ଘାଟନ ସ୍ଥଳରେ ଆୟୋଜିତ ସଭାରେ କହିଥିଲେ। ଦେଢବର୍ଷ ବିତିଯାଇଥିବା ବେଳେ ପାପଲାଇନ ବିଛାଇବାର ତ୍ରୁଟି ଯୋଗୁ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ଠିକ୍ ଭାବେ ହୋଇପାରିନାହିଁ କି ସମସ୍ତେ ପିଇବା ପାଣି ପାଉନାହାନ୍ତି। ୫୪କୋଟି ଟଙ୍କା ବ୍ୟୟ ଅଟକଳରେ ଅଳଭାଠାରେ ନିର୍ମିତ ବୃହତ୍ ପାନୀୟ ଜଳ ପ୍ରକଳ୍ପ ପାଇଁ ଅଳଭା, ଦକ୍ଷଣଦିଆ, ବଲ୍ଲାରପୁର, ବାଲିପଡା ଓ ଚୂନଡିଅଠାରେ ୪ଟି ଓଭର ହେଡ ଟାଙ୍କି ମଧ ନିର୍ମାଣ ହୋଇଛି। ପାନୀୟ ଜଳ ଯୋଗାଣ ପାଇଁ ପାଇପଲାଇନ ମଧ ବିଛା ଯାଇଛି। ସବୁ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ପାଇପ ବିଛା ଯାଇଥିଲେ ମଧ ତାହା ଠିକ୍ ଢଙ୍ଗରେ ହୋଇ ନ ଥିବାରୁ ଅଧିକାଂଶ ସ୍ଥାନରେ ପାଇପ ଫାଟି ଯାଉଛି। ବହୁ ସ୍ଥାନରେ ଲୁହା ପାଇପ ପରିବର୍ତ୍ତେ ପିଭିସି ପାଇପ ଲଗାଯାଇଛି। ଫଳରେ ପିଭିସି ପାଇପ ଫାଟି ପାନୀୟ ଜଳ ନଷ୍ଟ ହେଉଛି। ଏଥିଯୋଗୁ ବୃହତ ପାନୀୟ ଜଳ ପ୍ରକଳ୍ପ ବନ୍ଦ ରହୁଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୨୧ ୱାର୍ଡର ୪୦ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଦୀର୍ଘ ୮ ବର୍ଷ ହେଲା ଦାବି ହୋଇ ଆସୁଛି। ରାଜ୍ୟ ସରକାର ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଳଭାଠାରେ ବୃହତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ମାତ୍ର ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଯୋଗୁ ବୃହତ ପାନୀୟ ଜଳ ପ୍ରକଳ୍ପ ଥାଇ ବି ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଠିକ୍ ପଦକ୍ଷେପ ଗ୍ରହଣ କରିବା ସଙ୍ଗେ ସଙ୍ଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ, ଭାବନୀ ଶଙ୍କର ପଣ୍ଡା, କଳ୍ପତରୁ ନାୟକ, ଗୋପୀ ବଲ୍ଲବ ନାୟକ, ପ୍ରମୋଦ ସାହୁ, ଦିଲୀପ ସାହୁ, କାନ୍ଦୁରୀ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ଲୋକ ଦାବି କରିଛନ୍ତି।


ନିର୍ମାଣ କରାଯାଇଥିବା ଓଭର ହେଡ୍ ପାଣି ଟାଙ୍କି।

# ପ୍ରଶାସନ ଚଢ଼ାଉ ପ୍ରହସନରେ ପରିଣତ

**ଇଟାଭାଟି ଧୂଆଁ ବଳୟରେ ଡେରାବିଶ ଅଞ୍ଚଳ**

**ଡେରାବିଶ,୧୧(ସ୍ୱ.ପ୍ର.)**

ଦୀର୍ଘବର୍ଷ ହେବ ଡେରାବିଶ ବ୍ଲକ ଅଞ୍ଚଳରେ ଇଟା ମାଫିଆଙ୍କ ଦ୍ୱାରା ଖୁଲମଖୁଲା ଭାବେ ଶତାଧିକ ସଂଖ୍ୟାରେ ଇଟାଭାଟି ନିର୍ମାଣ ଓ ବିକ୍ରୟ ହୋଇଚାଲିଛି। ବ୍ଲକ ଅଧୀନ ୨୬ ପଞ୍ଚାୟତରେ ଥିବା ଗୋଚର ଜମିରେ ବି ମଧ ବେପରୁଆ ଭାବେ ମାଫିଆମାନେ ମାଟି ଉଠାଇ ଇଟାଭାଟି ନିର୍ମାଣ କରୁଛନ୍ତି। ଜନବସତି ଥିବା ଅଞ୍ଚଳରେ ନିର୍ମାଣ ହେଉଥିବା ଇଟାଭାଟିର ଧୂଆଁ ସେ ଅଞ୍ଚଳକୁ କବଳିତ କରିରଖିଛି। ଏଥିଯୋଗୁ ବିଭିନ୍ନ ଗାଁରେ ପ୍ରଦୂଷଣଜନିତ ଚର୍ମରୋଗ ବୃଦ୍ଧି ପାଇବାରେ ଲାଗିଛି। ଇଟାଭାଟି ନିର୍ମାଣରେ ରାଜସ୍ୱ ବିଭାଗର ବହୁ ଅସାଧୁ କର୍ମଚାରୀ ସମ୍ପୃକ୍ତ ଥିବା ନେଇ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଗ୍ରାମାଞ୍ଚଳରେ ଏହି ବେଆଇନ ଇଟାଭାଟିକୁ ରୋକିବାକୁ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଗୁହାରି କରାଯାଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏପରି କି ତହସିଲ ଅଧୀନରେ ଥିବା ବିଭିନ୍ନ ମୁଖ୍ୟ ରାସ୍ତାପାର୍ଶ୍ୱରେ ଇଟାଭାଟିଗୁଡିକ ନିର୍ମାଣ ହେଉଥିବା ମଧ ପ୍ରଶାସନ ନଜରରେ ରହିଛି। ସବୁଜାଣି ମଧ ପ୍ରଶାସନିକ ଅଧିକାରୀମାନେ ଇଟାମାଫିଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ଜିଲା ଚାଷୀ ଶ୍ରମିକ ସଂଘର ସମ୍ପାଦକ କୃତ୍ତିବାସ ଦାସ କହିଛନ୍ତି। ବେଆଇନ ମାଟି ଖନନ କରାଯାଇ ଇଟାଭାଟି ନିର୍ମାଣ ହେଉଥିବାରୁ ପାର୍ଶ୍ୱବର୍ତ୍ତୀ ଚାଷଜମିଗୁଡିକରେ ମଧ ଫସଲ ପ୍ରଭାବିତ ହେଉଥିବା ସେ କହିଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ବୁଧବାର ରଘୁଦେଇପୁରରେ କେତେକ ବେଆଇନ ଇଟାଭାଟି ଉପରେ ତହସିଲଦାର ଚଢ଼ାଉ କରିଥିଲେ। ମାତ୍ର ସେଠାରେ ଏହି ଇଟାଭାଟି ସବୁଦିନ ପାଇଁ ବନ୍ଦ ହେବାନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ତହସିଲଦାର ସସ୍ମିତ ଶତପଥୀଙ୍କୁ ପଚାରିବାରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟିକୁ ବନ୍ଦ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।


ଜଳୁଥିବା ଇଟାଭାଟିକୁ ଦମକଳ ବାହିନୀ ପାଣି ପକାଇ ଲିଭାଉଛନ୍ତି।

## ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ

**ଧର୍ମଶାଳା,୧୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ନବବର୍ଷ ଉପଲକ୍ଷେ ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ ସଙ୍ଗଠକ, ଜିଲାପରିଷଦ ସଦସ୍ୟ, ପଞ୍ଚାୟତ ସମିତି କର୍ମକର୍ତ୍ତା, ଯୁବ ଛାତ୍ର ସଙ୍ଗଠନର ସମସ୍ତ କର୍ମକର୍ତା ଉପସ୍ଥିତ ରହି ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମହିଶରା ସରପଞ୍ଚ ଚକ୍ରଧର ବେହେରା, ସମିତିସଭ୍ୟ ମଧୁସୂଦନ ବେହେରାଙ୍କ ନେତୃତ୍ୱରେ ଭାଜପା ଓ କଂଗ୍ରେସ ଦଳର ବହୁ ଛାମୁଆ କର୍ମୀ ବିଧାୟକ ବଳବନ୍ତାରୟଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ବଳବନ୍ତରାୟ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର, ଦୁଃଶାସନ ସାହୁ, ମିଡିଆ ସେଲ୍ ଅଧକ୍ଷ ସଂଗ୍ରାମ କେଶରୀ ଜେନା, ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ପ୍ରଣତି ଲେଙ୍କା ଓ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡିର ପ୍ରମୁଖ ଛାମୁଆ ନେତା ଓ ନିର୍ବାଚନମଣ୍ଡଳୀର ବିଜେଡି, ଯୁବ ବିଜେଡି, ଛାତ୍ର ବିଜେଡି, ଗାର୍ଲସ ଉଇଙ୍ଗ୍, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ନିର୍ବାଚନମଣ୍ଡଳୀରେ ଥିବା ସରକାରୀ ଅଧିକାରୀମାନେ ବିଧାୟକ ବଳବନ୍ତରାୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନବବର୍ଷର ଅଭିନନ୍ଦନ ଜଣାଇଥିଲେ।

## ଇଚ୍ଛାପୁର ରଥଦାଣ୍ଡରେ ବିଶ୍ୱ ପ୍ରାର୍ଥନା ଦିବସ


ବଳଦେବଜୀଉ ରଥଦାଣ୍ଡରେ ବିଶ୍ୱ ପ୍ରାର୍ଥନା ଦିବସରେ ଉପସ୍ଥିତ ଲୋକେ।

**କେନ୍ଦ୍ରାପଡ଼ା ଅଫିସ, ୧୧**

କେନ୍ଦ୍ରାପଡ଼ା ସହରର ଗରାପୁରସ୍ଥ ଦିବ୍ୟଜୀବନ ସଂଘର ଶିବାନନ୍ଦ ଆଶ୍ରମ ପକ୍ଷରୁ ଶୁକ୍ରବାର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ରଥଦାଣ୍ଡରେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରାଯାଇଛି। ଆଶ୍ରମ ଅଧକ୍ଷା ଶ୍ରୀମା' ଦିବ୍ୟ ସ୍ୱରୂପାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଠାରେ ଆଶ୍ରମ ଅଧକ୍ଷା ଶ୍ରୀମା' ଦର୍ଶାଇଥିଲେ, ଈଶ୍ୱରଙ୍କ ଦ୍ୱାରା ଏହି ଅନବଦ୍ୟ ସଂସାର ସୃଷ୍ଟି ହୋଇଛି। ତାଙ୍କର ଏହି ସୃଷ୍ଟି ଯୋଗୁ ଜୀବଜଗତ ତିଷ୍ଠି ରହିଛି। ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ପାଇଁ ବିଶ୍ୱରେ ପାଳନ ହେଉଥିବା ବିଭିନ୍ନ ଦିବସ ପରି ଜାନୁୟାରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରାଯିବା ଆବଶ୍ୟକ। ଏଥିସହ ସେ କହିଥିଲେ, ସାମ୍ପ୍ରତିକ ସମୟରେ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ଯୋଗୁ ଅଶାନ୍ତି ବଢ଼ିଚାଲିଛି। ଏହି ସମସ୍ୟାର ସମାଧାନ ପାଇଁ ଧୈର୍ଯ୍ୟ ଓ ସଦାଚାରର ଆବଶ୍ୟକତା ଅଛି। ସୃଷ୍ଟକର୍ତ୍ତାଙ୍କୁ ସମର୍ପି କର୍ତ୍ତବ୍ୟକୁ ଗୁରୁତ୍ୱ ଦେବା ଆବଶ୍ୟକ। ସମସ୍ୟାର ସମାଧାନ ପାଇଁ ଅନ୍ତଃକରଣର ଶୁଦ୍ଧତା ସହ ପ୍ରାର୍ଥନା କରିବା ଜରୁରୀ ହୋଇପଡ଼ିଛି। ସାମୂହିକ ପ୍ରାର୍ଥନା ସର୍ବଦା ଫଳବତୀ ହୁଏ ବୋଲି ଶ୍ରୀମା' ମତ ଦେଇଥିଲେ। ଏଥିରେ ବିଧାୟକ ଶଶିଭୂଷଣ ବେହେରା, କେନ୍ଦ୍ରାପଡ଼ା ବ୍ଲକ ଅଧକ୍ଷ ଶିବପ୍ରସାଦ ଭଳ, ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଆଧାତ୍ମିକବାଦୀ ଯୋଗ ଦେଇଥିଲେ। ସଭାକୁ ଆଶ୍ରମର ନୃସିଂହ ଦାସଙ୍କ ସମେତ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।

## କଟକଣା ପାଇଁ ଫିକା ପଡ଼ିଲା ପର୍ଯ୍ୟଟନ ସ୍ଥଳ

**ପାରାଦୀପ,୧୧(ସ୍ୱ.ପ୍ର.):** କରୋନା କଟକଣା ଯୋଗୁ ନବବର୍ଷରେ ପାରାଦୀପର ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ଭିଡ ଦେଖିବାକୁ ମିଳିନାହିଁ। ବିଶେଷକରି ମହାନଦୀ ମୁହାଣ ଅଞ୍ଚଳ ପଥରବନ୍ଧ, ମନ୍ମଦ ଉଦ୍ୟାନ, ବତୀଘର ପାଖ ବେଳାଭୂମିରେ ସବୁଦିନ ପରି ଶୁକ୍ରବାର ରହିଥିଲା। କେତେଜଣ ପର୍ଯ୍ୟଟକ ଗାଡ଼ି ବୁଲିବା ଏବଂ ଭୋଜି କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୋଲିସ ବାରଣ କରିବାରୁ ନିରାଶରେ ଫେରିଥିଲେ। ପୂର୍ବ ନୂଆବର୍ଷରେ ମହାନଦୀ ମୁହାଣ ନିକଟରେ ଗାଡ଼ି ରଖିବା ଏବଂ ଭୋଜି ପାଇଁ ଜାଗା ମିଳିବା କଷ୍ଟକର ଥାଏ। ଗାଡ଼ି ନିୟନ୍ତ୍ରଣ ପାଇଁ ସାମୁଦ୍ରିକ ପୋଲିସ ମାସାଧିକ କାଳ ନେହେରୁ ବଙ୍ଗଳାରେ ଡ୍ୟୁଟି କରିଥାନ୍ତି। ଏବର୍ଷ କରୋନା ନୂଆବର୍ଷ ଉତ୍ସବକୁ ମଳିନ କରିଦେଇଛି।

# ନୂଆବର୍ଷ ପୋଷ୍ଟର ଉଭାନକୁ ନେଇ ଥାନାରେ ଅଭିଯୋଗ

**ପାରାଦୀପ, ୧୧(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳରେ ଏବେ ନୂତନବର୍ଷ ପୋଷ୍ଟରକୁ ନେଇ ଶୀତଳ ରାଜନୀତି ଆରମ୍ଭ ହୋଇଯାଇଛି। କେତେକ ପ୍ରମୁଖ ସ୍ଥାନରେ ବହୁଳ ପୋଷ୍ଟର ଲଗାଯିବା ଓ ସେଠାରୁ ଉଭାନ ହୋଇଯିବା ଘଟଣାକୁ ନେଇ ସରଗରମ ଆଲୋଚନା ହେଉଛି। ଏପରି କି ପୋଷ୍ଟର ଉଭାନ ଘଟଣାକୁ ନେଇ ବିଜେଡିର ଜଣେ ଆଗଧାଡିର କର୍ମୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ରିପୋର୍ଟ ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ପାରାଦୀପ ପୌରପାଳିକା ସମେତ ରାଜ୍ୟର ସମସ୍ତ ବିଜ୍ଞପିତ ଅଞ୍ଚଳ ଓ ମହାନଗର ନିଗମରେ ଆସନ୍ତା ଏପ୍ରିଲରେ ନିର୍ବାଚନ ହେବାର ସମ୍ଭାବନା ରହିଛି। ଏପରି ସମ୍ଭାବନା ହେବାର କାରଣ, ସପ୍ତାହେ ହେଲା କେତେକ ସରକାରୀ ତଦନ୍ତକାରୀ ସଂସ୍ଥା ଓ ଗୁଇନ୍ଦା ବିଭାଗ ପକ୍ଷରୁ ପୌରପାଳିକାର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଖୋଳତାଡ କରାଯାଉଛି। ଏପରି ଯାଞ୍ଚ ପ୍ରସଙ୍ଗରେ ଜନୈକ ଅଧିକାରୀ ପୌର ନିର୍ବାଚନର ପ୍ରାକ୍ ପ୍ରସ୍ତୁତି ବୋଲି କହିଛନ୍ତି। ସମ୍ଭାବ୍ୟ ନିର୍ବାଚନକୁ ଆଖି ଆଗରେ ରଖି ଏବେଠାରୁ ନୂଆବର୍ଷ ଆଳରେ ପ୍ରତ୍ୟାଶିମାନେ ପାରାଦୀପର ପ୍ରମୁଖ ଛକ, ବସ୍ତି, ଆଦି ସ୍ଥାନରେ ପୋଷ୍ଟର ଲଗାଇଛନ୍ତି। ଏତଦବ୍ୟତୀତ କେତେକ ୟୁନିୟନ କର୍ମକର୍ତ୍ତା, ସଂଘ ସଦସ୍ୟ, ସାମାଜିକ ସଙ୍ଗଠନ ପକ୍ଷରୁ ପୋଷ୍ଟର ଲଗାଯାଇଛି। ବଡପଡିଆସ୍ଥ ଆଦର୍ଶ ଥାନା ଛକରେ ବିଜେଡିର ନଗର ସମ୍ପାଦକ ଶଙ୍କର ପ୍ରସାଦ ରାଉତ ଦଳୀୟ ଚିହ୍ନ ସହ ଏକ ପୋଷ୍ଟର ଲଗାଇଥିଲେ। ତାଙ୍କ ପୋଷ୍ଟରକୁ କେହି ଦୁର୍ବୃତ୍ତ ୩୧ ତାରିଖ ରାତିରେ ହଟାଇ ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରସଙ୍ଗରେ ଥାନା ଅଧିକାରୀ ରଜନୀକାନ୍ତ ସାମଲଙ୍କୁ ପଚାରିବାରେ, ବହୁତ ଗୁଡିଏ ପୋଷ୍ଟର ମଧ୍ୟରୁ କେହି କିଛି କରିଥାଇ ପାରନ୍ତି। ସେଥିପାଇଁ ଆମେ ବିଭିନ୍ନ ଦିଗରୁ ତଦନ୍ତ କରୁଛୁ।

# ବିପଦରେ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ

**କଟକଣା ନାହିଁ, ଅବାଧରେ ଚାଲିଛି ଗଛକଟା**

**ଜଗତ୍‌ସିଂହପୁର ଅଫିସ,୧୧**

ଜଗତ୍‌ସିଂହପୁର ଜିଲାରେ ଅବାଧରେ ଚାଲିଛି ଗଛକଟା। ଏହା ଉପରେ କଟକଣା ନ ଥିଲା ପରି ଅଭିଯୋଗ ହେଉଛି। ପ୍ରତିବର୍ଷ ବୃକ୍ଷରୋପଣ ନାଁରେ ବହୁ ଅର୍ଥ ଖର୍ଚ୍ଚ ଦର୍ଶାଯାଉଛି। ହେଲେ ଯେତିକି ଗଛ ଲାଗୁଛି, ଅନୁରୂପ ହାରରେ କଟା ମଧ ଚାଲିଛି। ବୃକ୍ଷରୋପଣ ନାଁରେ ବିଲ୍ କରାଯାଉଛି। ବାତ୍ୟା ଫନୀ ଓ ବୁଲ୍‌ବୁଲ୍ ପ୍ରଭାବରେ ବହୁ ଗଛ ଭାଙ୍ଗି ପଡିବା ସାଙ୍ଗକୁ ପ୍ରଭାବିତ ହୋଇଥିଲା। ଏଥିସହ ପ୍ରତିବର୍ଷ ବୃକ୍ଷରୋପଣ ଚାଲିଥିବା ଦର୍ଶାଯାଉଛି। ବାସ୍ତବରେ ଏହା କାଗଜପତ୍ରରେ ସୀମିତ ଥିବା ଅଭିଯୋଗ ହେଉଛି। ଜିଲା ମୁଖ୍ୟାଳୟଠାରୁ ମାତ୍ର ୧୫ କି.ମି. ଦୂରରେ ଥିବା ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ ଏବେ ବିପଦରେ। ଏସବୁକୁ ନେଇ ଜିଲାରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

୨୦୦୫-୦୬ରେ ରେଡୁଆ-ନାଳିବର ୪ କି.ମି. ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ ହୋଇଥିଲା। ବିଶେଷକରି ଆକାଶିଆ, ରାଧାଚୂଡା, କୃଷ୍ଣଚୂଡା, ଶିଶୁ, କଦମ୍ବ ଓ ନିମ ଆଦି ଗଛ ଲାଗିଥିଲା। ଉଦ୍ଦେଶ୍ୟ ଥିଲା ମୃତ୍ତିକା ସଂରକ୍ଷଣ ସହ ସୁନ୍ଦର ପରିବେଶ ଓ ବାଟୋଇଙ୍କୁ ପ୍ରବଳ ଖରା ସମୟରେ ଛାଇ ଦେବା। ସେତେବେଳେ ଲାଗିଥିବା ଗଛଗୁଡିକ ମଧ୍ୟରୁ ଶତାଧିକ ଆବଶ୍ୟକ ଯତ୍ନ ଅଭାବରୁ ମରି ଯାଇଥିଲା। ଅବଶିଷ୍ଟ ଗଛ ବହୁ କଷ୍ଟରେ ବଡ ହୋଇଥିଲା। ଏହି ଗଛଗୁଡିକ ମଧ୍ୟରୁ ଆକାଶିଆ ଓ ଅନ୍ୟ ଗଛଗୁଡିକର ଗୋଲେଇ ପାଖାପାଖି ୧ ଫୁଟରୁ ଅଧିକ ହୋଇଗଲାଣି। ଯେହେତୁ କାଠ ସାମଗ୍ରୀ ତିଆରିରେ ଆକାଶିଆର ଚାହିଦା ରହୁଛି, ମାଫିଆମାନେ ଏହି ଗଛଗୁଡିକୁ କାଟି ଚୋରାଚାଲାଣ କରୁଛନ୍ତି। ବନ ବିଭାଗ କର୍ମଚାରୀମାନେ ସବୁ ଜାଣି ନ ଜାଣିଲା ପରି ରହୁଛନ୍ତି। ଏହା ଦେଖି ଲୋକେ ପ୍ରତିବାଦ କଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ ବିଶେଷକରି ହରିଣଙ୍କ ପାଇଁ ପରିଚିତ। ଶତାଧିକ ହରିଣ ଉକ୍ତ ଜଙ୍ଗଲରେ ରହୁଛନ୍ତି। ଏଥିସହ ଅନ୍ୟ ବନ୍ୟପ୍ରାଣୀ ମଧ ଦେଖିବାକୁ ମିଳେ। ଜଙ୍ଗଲରେ ବହୁ ମୂଲ୍ୟବାନ ଶିଶୁ, ଶାଗୁଆନ, ତେଜପତ୍ର, ଶାଳ, ଡାଳଚିନି ବୃକ୍ଷ ରହିଛି। ଉକ୍ତ ଜଙ୍ଗଲରୁ ପ୍ରତ୍ୟହ ମୂଲ୍ୟବାନ ବୃକ୍ଷ ଚୋରାଚାଲାଣ ଚାଲିଛି। ଏଥିଯୋଗୁ ବନ୍ୟପ୍ରାଣୀ ମଧ ପ୍ରଭାବିତ ହେଉଛନ୍ତି। ଜଙ୍ଗଲ ଭିତରେ ବନ ବିଭାଗର ବିଟ୍ ହାଉସ ରହିଛି। କିନ୍ତୁ ଗଛ ଚୋରାଚାଲାଣ ରୋକା ଯାଇ ପାରୁନାହିଁ। ସେହିପରି ଜଙ୍ଗଲ ନିକଟରେ ରହିଛି ରେଡୁଆ ହାଟ। ଏହି ହାଟ ନିକଟ ରେଡୁଆ-ନାଳିବର ରାସ୍ତା ପାର୍ଶ୍ୱରେ ୧୫ ବର୍ଷ ପୂର୍ବରୁ ବୃକ୍ଷରୋପଣ ହୋଇଥିଲା। ବିଶେଷକରି ରେଡୁଆ-ପୁରୁଣାବସନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଥିବା ଗଛଗୁଡିକୁ ମାଫିଆମାନେ କାଟି ଚାଲିଛନ୍ତି। ଏଥିମଧ୍ୟରେ ଶତାଧିକ ଗଛ କଟା ସରିଲାଣି। ଏପରିକି ଜିଲା ମୁଖ୍ୟାଳୟରେ ଅବାଧରେ ଗଛକଟା ଚାଲିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଜିଲାର ବିଭିନ୍ନ ରାସ୍ତା ପାର୍ଶ୍ୱ ଓ ଅନ୍ୟ ସ୍ଥାନରୁ ଚାଲିଥିବା ଗଛ କଟା ଉପରେ ଅଙ୍କୁଶ ଲଗା ନ ଗଲେ ଆଗକୁ ପରିସ୍ଥିତି ଜଟିଳ ରୂପ ନେବ ବୋଲି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଧଳତଙ୍ଗଗଡ଼ ରେଞ୍ଜ ଅଫିସର ବଳରାମ ସାହୁଙ୍କୁ ପଚାରିବାରେ ଆଗକୁ ପାଟ୍ରୋଲିଂକୁ କଡାକଡି କରାଯିବ ବୋଲି ସେ କହିଛନ୍ତି।


ଜଙ୍ଗଲରେ ଗଛ କଟା ଯାଇଛି।

## ସଂକ୍ଷେପରେ

### ସ୍ୱଳ୍ପ ସଞ୍ଚୟ ସ୍କିମ ସୁଧହାର ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧।୧: ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍), ନ୍ୟାଶନାଲ ସେଭିଂ ସାର୍ଟିଫିକେଟ (ଏନ୍ଏସ୍ସି) ସମେତ ଅନ୍ୟ ସ୍ୱଳ୍ପ ସଞ୍ଚୟ ସ୍କିମର ସୁଧ ହାରକୁ ଜାନୁୟାରୀ-ମାର୍ଚ୍ଚ ତ୍ରୈମାସ ଲାଗି ସରକାର ଅପରିବର୍ତ୍ତିତ ରଖିଛନ୍ତି। ପିପିଏଫ୍ ଏବଂ ଏନ୍ଏସ୍ସିରେ ବାର୍ଷିକ ସୁଧହାର ଯଥାକ୍ରମେ ୭.୧% ଏବଂ ୬.୮% ରହିଛି। ପ୍ରତି ତ୍ରୈମାସରେ ଏହି ସ୍କିମଗୁଡିକର ସୁଧ ହାର ଉପରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଥାଏ। ସେହିଭଳି ୫ ବର୍ଷିଆ ଅବଧି ବିଶିଷ୍ଟ ବରିଷ୍ଠ ନାଗରିକ ସଞ୍ଚୟ ସ୍କିମର ସୁଧହାର ୭.୪% ରହିଛି। ସଞ୍ଚୟ ଜମା ଉପରେ ବାର୍ଷିକ ସୁଧହାର ୪% ରଖାଯାଇଛି। ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ଚତୁର୍ଥ ତ୍ରୈମାସରେ ସୁଧହାର ୭.୬% ରହିଥିବା ବେଳେ କିଶାନ ବିକାଶ ପତ୍ରର ବାର୍ଷିକ ସୁଧହାର ୬.୯%ରେ ଅପରିବର୍ତ୍ତିତ ରହିଛି।

### ୧୧୮ ପଏଣ୍ଟ ବଢ଼ିଲା ସେନ୍ସେକ୍ସ

ନୂଆଦିଲ୍ଲୀ,୧।୧: ୨୦୨୧ର ପ୍ରଥମ ଦିନରେ ଭାରତୀୟ ଶେୟାର ବଜାରରେ କାରବାର ବେଶ ଉନ୍ନତ ସ୍ତରରେ ରହିଛି। ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ୧୧୮ ପଏଣ୍ଟ ବଢ଼ିଛି। ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଗତ ୮ ସେସନ ହେବ ଭଲ କାରବାର ହାସଲ କରିଛି। ଫଳରେ ଉଭୟ ସୂଚକାଙ୍କ ରେକର୍ଡ ଉଚ୍ଚ ସ୍ତର ହାସଲ କରିଛନ୍ତି। ଶୁକ୍ରବାର କାରବାର ଶେଷ ବେଳକୁ ସେନ୍ସେକ୍ସ ୪୭,୮୬୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଥିଲା। ଦିନ ମଧ୍ୟରେ ଏହା ୪୭,୯୮୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଥିଲା। ସେହିଭଳି ନିଫ୍ଟି ୩୭ ପଏଣ୍ଟ ଉଚ୍ଚରେ ରହି ୧୪,୧୦୮ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେନ୍ସେକ୍ସରେ ଭଲ କାରବାର କରିଥିବା କମ୍ପାନୀ ମଧ୍ୟରେ ଆଇଟିସି, ଟିସିଏସ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏସ୍ବିଆଇ, ଭାରତୀ ଏୟାରଟେଲ, ସନ୍ ଫାର୍ମା ରହିଛନ୍ତି। ସେହିଭଳି ନିଫ୍ଟିରେ ପିଏସ୍ୟୁ ବ୍ୟାଙ୍କ ଏବଂ ଅଟୋ ଶେୟାର କାରବାର ବେଶ ଭଲ ରହିଛି।

### ବ୍ୟାଙ୍କ ଋଣ ଯୋଗାଣ ୫.୪% ବୃଦ୍ଧି

ନୂଆଦିଲ୍ଲୀ,୧।୧: ଚଳିତ ଆର୍ଥିକ ବର୍ଷ ସେପ୍ଟେମ୍ବର ତ୍ରୈମାସରେ ବ୍ୟାଙ୍କଗୁଡିକର ଋଣ ଯୋଗାଣ ୫.୪% ବଢ଼ିଛି। ଏହା ପୂର୍ବ ମାସରେ ୫.୭% ରହିଥିଲା ବୋଲି ରିଜର୍ଭ ବ୍ୟାଙ୍କ ଏହାର ରିପୋର୍ଟରେ ପ୍ରକାଶ କରିଛି। ମେଟ୍ରୋପଲିଟାନ ଶାଖାଗୁଡିକରେ ଋଣ ଅଭିବୃଦ୍ଧି ବେଶ ଉନ୍ନତ ରହିଛି। ଏହା ୩.୩% ସ୍ତରରେ ରହିଛି। ଏପ୍ରିଲ-ଜୁନ ତ୍ରୈମାସରେ ଏହା ୪.୭% ସ୍ତରରେ ରହିଥିଲା। ସେହିଭଳି ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଶାଖାଗୁଡିକରେ ଅଭିବୃଦ୍ଧି ଉନ୍ନତ ରହିଛି। ବର୍ତ୍ତମାନ ୮୯ ବାଣିଜ୍ୟିକ ବ୍ୟାଙ୍କର ୧.୨୬ ଲକ୍ଷ ଶାଖା ଋଣ ଯୋଗାଣରେ ସାମିଲ ହୋଇଛନ୍ତି। ପ୍ରଦାନ କରାଯାଇଥିବା ମୋଟ ଋଣର ଏକ ଚତୁର୍ଥାଂଶ ଅଂଶ ବ୍ୟକ୍ତିଗତ ଋଣ ବୋଲି ଜଣାପଡିଛି। ଏହି ସମୟ ଅବଧିରେ ଔଦ୍ୟୋଗିକ ଋଣ ୧.୭% ହ୍ରାସ ଘଟିଛି।

# ବାଧ୍ୟତାମୂଳକ ହେଲା ଫାସ୍ଟାଗ୍

**ଫେବୃୟାରୀ ୧୫ ଯାଏ ହାଇବ୍ରିଡ ଲେନ୍ ଖୋଲା ରହିବ**




ନୂଆଦିଲ୍ଲୀ,୧।୧

ସାରା ଦେଶରେ ରହିଥିବା ଟୋଲ୍ ପ୍ଲାଜାଗୁଡିକରେ ଶୁକ୍ରବାରଠାରୁ ଫାସ୍ଟାଗ୍ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ୨୦୧୭ ଡିସେମ୍ବର ୧ ପୂର୍ବରୁ ବିକ୍ରି ହୋଇଥିବା ଏମ୍ ଏବଂ ଏନ୍ ବର୍ଗର ଯାନ ଉପରେ ଏହା କାର୍ଯ୍ୟକାରୀ ହେବ ବୋଲି ଜଣାପଡିଛି। ଯାତ୍ରୀ ପରିବହନରେ ବ୍ୟବହାର ହେଉଥିବା ୪ ଚକିଆ ଯାନ ଏମ୍ ବର୍ଗରେ ଆସୁଥିବା ବେଳେ ଏନ୍ ବର୍ଗରେ ମାଲ ପରିବହନ କରୁଥିବା ଅନ୍ତତଃ ପକ୍ଷେ ୪ ଚକିଆ ଯାନ ସାମିଲ ରହିଛି। ଅପରପକ୍ଷରେ ଟୋଲ୍ ପ୍ଲାଜାଗୁଡିକରେ ରହିଥିବା ହାଇବ୍ରିଡ୍ ଲେନ୍ ଫେବୃୟାରୀ ୧୫ ଯାଏ ଖୋଲା ରହିବ। ଏହି ଅବଧିରେ ଉଭୟ ଫାସ୍ଟାଗ୍ ଏବଂ ନଗଦ ଦ୍ୱାରା ଲୋକମାନେ ଟୋଲ୍ ଦେଇପାରିବେ। ସେହିଭଳି ଫାସ୍ଟାଗ୍ ଲେନ୍ରେ ଫାସ୍ଟାଗ୍ ଦ୍ୱାରା ପେମେଣ୍ଟ ହୋଇପାରିବ। ଫି ପ୍ଲାଜାଗୁଡିକରେ ଶତ ପ୍ରତିଶତ ଇ-ଟୋଲ୍ ବ୍ୟବସ୍ଥା କରିବାକୁ ଯୋଜନା ହାତକୁ ନିଆଯାଉଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। କେନ୍ଦ୍ରୀୟ ମୋଟର ଯାନ ଆଇନ ସଂଶୋଧନ ଦ୍ୱାରା ଏଭଳି ବ୍ୟବସ୍ଥା ହାତକୁ ନିଆଯାଉଥିବା ଏହା ମତ ରଖିଛି।

ନଗଦ ଭାବେ ଟୋଲ୍ ପ୍ରଦାନ କରିବା ଦ୍ୱାରା ଟୋଲ୍ ପ୍ଲାଜାଗୁଡିକରେ ଗହଳି ପରିଲକ୍ଷିତ ହେଉଛି। ପ୍ଲାଜାଗୁଡିକରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ଫଳରେ ଉଭୟ ପ୍ରଦୂଷଣ ଏବଂ ସମୟ ଅପଚୟ ହେଉଛି। ଏଭଳି ସମସ୍ୟାକୁ ଧ୍ୟାନରେ ରଖି ଫାସ୍ଟାଗ୍ ଭଳି ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଇଲେକ୍ଟ୍ରୋନିକ୍ସ ଉପାୟରେ ଟୋଲ୍ ପ୍ରଦାନ କରିହେବ। ବାଧ୍ୟତାମୂଳକ ଭାବେ ଏହାକୁ ଲାଗୁ କରାଇବା ପାଇଁ ଧାର୍ଯ୍ୟ ସମୟ ମଧ୍ୟରେ ଲୋକମାନେ ପ୍ରସ୍ତୁତ ହୋଇ ନ ଥିବାରୁ ଏଥିଲାଗି କିଛି ସମୟ ଲୋକଙ୍କୁ ଦିଆଯାଇଛି।

# ୮ରୁ ଭାରତ-ବ୍ରିଟେନ ଆଂଶିକ ବିମାନ ସେବା

ନୂଆଦିଲ୍ଲୀ,୧।୧

ଚଳିତ ମାସ ୮ରୁ ଭାରତ ଏବଂ ବ୍ରିଟେନ ମଧ୍ୟରେ ପୁଣି ଥରେ ବିମାନ ସେବା ଉପଲବ୍ଧ ହେବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ବିମାନ ସେବା ଯୋଗାଣ ବେଳେ କୋଭିଡ୍ ସଂକ୍ରାନ୍ତ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଆଂଶିକ ଭାବେ ଲୋକମାନେ ବିମାନ ସେବା ଲାଭ କରିପାରିବେ। ସାପ୍ତାହିକ କେବଳ ୧୫ ବିମାନକୁ ଏଥି ଲାଗି ଅନୁମତି ପ୍ରଦାନ କରାଯାଇଛି। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ଭଳି ସହରଗୁଡିକରୁ ଏହି ସେବା ମିଳିବ। ଡିସେମ୍ବର ୨୩ରେ ବିମାନ ସେବା ଉପରେ କଟକଣା ଲାଗିବା ପୂର୍ବରୁ ବ୍ରିଟେନକୁ ସାପ୍ତାହିକ ୬୭ ଫ୍ଲାଇଟ ଚାଲୁଥିଲା। ବ୍ରିଟିଶ ଏୟାରୱେଜ ୨୯, ଏୟାର ଇଣ୍ଡିଆ ୨୩, ଭର୍ଜିନ ଆଟଲାଣ୍ଟିକ ୮ ଏବଂ ଭିସ୍ତାରା ୭ ବିମାନ ଚଳାଉଥିଲେ। କୋଲକାତା, ଅହମ୍ମଦାବାଦ, ଗୋଆ, ଅମୃତସର, କୋଚି ଭଳି ୧୦ ଭାରତୀୟ ସହରରୁ ଲଣ୍ଡନକୁ ବିମାନ ସେବା ଉପଲବ୍ଧ ହେଉଥିଲା। ଦୈନିକ ପ୍ରାୟ ୨୫୦୦ ଯାତ୍ରୀ ଲଣ୍ଡନ ବିମାନ ଯାତ୍ରା କରୁଥିବା ଜଣାପଡ଼ିଛି।

# ଗୃହନିର୍ମାଣ ସଂସ୍ଥା ପକ୍ଷରୁ ପେମେଣ୍ଟ ଗେଟ୍ୱେ ଶୁଭାରମ୍ଭ



ଭୁବନେଶ୍ୱର,୧।୧

ଗୃହ ନିର୍ମାଣ ସଂସ୍ଥାର ଉପଭୋକ୍ତାମାନଙ୍କ ଅନେକ ଦିନର ଅନଲାଇନ୍ ପେମେଣ୍ଟ ସୁବିଧା ଆଶା ଶୁକ୍ରବାର ସାକାର ହୋଇଛି। ଏହି ଅନଲାଇନ ପେମେଣ୍ଟ ଗେଟ୍ୱେ ଦ୍ୱାରା ବର୍ତ୍ତମାନ ବୋର୍ଡର ଉପଭୋକ୍ତାମାନେ ନିଜ ନିଜ ସୁବିଧାରେ ଘରେ ବସି ମଧ୍ୟ ନିଜର ଦେୟ ନିଃଶୁଳ୍କ ଭାବରେ ପୈଠ କରିପାରିବେ। ଏହି ସୁବିଧା ବର୍ତ୍ତମାନ ଏଚ୍ଡିଏଫ୍ସି ବ୍ୟାଙ୍କର ପେମେଣ୍ଟ ଗେଟ୍ୱେ ଜରିଆରେ କରାଯାଇଛି। ନୂଆ ସେବା ହାଉସିଂବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ନିଃଶୁଳ୍କ ସୁବିଧା ଦ୍ୱାରା ଉପଭୋକ୍ତାମାନେ ମଧ୍ୟ ସେମାନଙ୍କର ଦେୟ ହାଉସିଂବୋଡକୁ ଯେକୌଣସି ସ୍ଥାନରୁ ଥାଇ ପୈଠ କରିପାରିବେ। ସଂସ୍ଥା ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେ ମତ ଦେଇଥିଲେ। ବ୍ୟାଙ୍କର ଏହି ସହଯୋଗ ଓ ସୁବିଧା ପ୍ରଦାନ ଲାଗି ବୋର୍ଡର ଅଧ୍ୟକ୍ଷ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୭୧.୬%

ଭୁବନେଶ୍ୱର,୧।୧



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଅକ୍ଟୋବରରେ ୧୧୯.୫ ପଏଣ୍ଟ ଥିଲା। ଏହା ନଭେମ୍ବରରେ ୦.୪% ବୃଦ୍ଧି ପାଇ ୧୧୯.୯ ପଏଣ୍ଟକୁ ବଢିଛି। ତାଳଚେର, ଅନୁଗୋଳରେ ଏହା ୧୨୭.୬ ଥିବାବେଳେ ଏଥିରେ ୦.୭ ପଏଣ୍ଟ ବଢି ୧୨୮.୩ ପଏଣ୍ଟ ଛୁଇଁଛି। କଟକରେ ଏହା ୧୨୬.୯ ପଏଣ୍ଟ ଥିବା ବେଳେ ଏଥିରେ ୦.୩% ହ୍ରାସ ହୋଇ ୧୨୬.୬ ପଏଣ୍ଟକୁ ଖସିଛି। କେନ୍ଦୁଝରରେ ୧୨୫.୮ରୁ ୦.୯ ପଏଣ୍ଟ ହ୍ରାସ ପାଇ ୧୨୪.୯ ପଏଣ୍ଟକୁ ଖସିଛି।

ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୬୫.୫% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମହଙ୍ଗା ଭତ୍ତା ୬.୧% ବଢି ୧୭୧.୬% ହୋଇଛି। ଏହି ବର୍ଦ୍ଧିତ ଭତ୍ତାକୁ ସେମାନେ ୨୦୨୧ ଜାନୁୟାରୀ ପହିଲାରୁ ପାଇବେ। ଅଧିକାଂଶ ସରକାରୀ କର୍ମଚାରୀ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ୧୧% ଭତ୍ତା ବୃଦ୍ଧି ହୋଇ ୨୮% ହୋଇଛି। ବର୍ଦ୍ଧିତ ଡିଏ ମଧ୍ୟରୁ ୪% ପିଛିଲା ଭାବେ ୨୦୨୦ ଜାନୁୟାରୀ ଏବଂ ଅବଶିଷ୍ଟ ୩% ଜୁଲାଇ ପହିଲାରୁ ଏବଂ ଆଉ ଅବଶିଷ୍ଟ ୪%, ୨୦୨୧ ଜାନୁୟାରୀ ପହିଲାରୁ କର୍ମଚାରୀମାନେ ପାଇବେ।

ବ୍ୟାଙ୍କ କର୍ମଚାରୀମାନେ ବର୍ତ୍ତମାନ ୮୧.୯% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୪% ବୃଦ୍ଧି ଘଟି ୮୫.୯% ହୋଇଛି। ସଂଶୋଧିତ ହାରରେ ୨୬.୬୨% ସେମାନେ ୨୦୨୧ ଫେବୃୟାରୀ ପହିଲାରୁ ପାଇବେ। ସେହିଭଳି ବୀମା କର୍ମଚାରୀମାନେ ବର୍ତ୍ତମାନ ୭୫.୨% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୪% ବୃଦ୍ଧି ଘଟି ୭୯.୨% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ।

# ଅଣ ସବ୍‌ସିଡି ଏଲ୍‌ପିଜି ୨୧.୫୦ ଟଙ୍କା ବଢ଼ିଲା




ନୂଆଦିଲ୍ଲୀ,୧।୧

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକ ବର୍ଷ ଆରମ୍ଭରୁ ଗ୍ୟାସ ଦର ବଢାଇ ଦେଇଛନ୍ତି। ଫଳରେ ଭୁବନେଶ୍ୱରରେ ଅଣସବସିଡି ଗ୍ୟାସ ୧୯ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ୧୪୩୩.୫୦ରେ ପହଞ୍ଚିଛି। ସେହିଭଳି ସବସିଡି ଗ୍ୟାସ(୧୪.୨କିଗ୍ରା) ଦର ୭୨୦.୫୦ ଟଙ୍କାରେ ଅପରିବର୍ତ୍ତିତ ରହିଥିବା ବେଳେ ଅଣସବସିଡ୍ ସିଲିଣ୍ଡର ଉପରେ ୨୧.୫୦ ଟଙ୍କା ବୃଦ୍ଧି ହୋଇଛି। ତୈଳ କମ୍ପାନୀ ଗୁଡିକ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ଉପରେ ୧୭ ଟଙ୍କା ବୃଦ୍ଧି କରିଥିବା ଜଣାପଡିଛି। ଫଳରେ ଦିଲ୍ଲୀରେ ଗ୍ୟାସ ଦର ୧୩୩୨ ଟଙ୍କାରୁ ବୃଦ୍ଧି ପାଇ ୧୩୪୯ ଟଙ୍କାରେ ପହଞ୍ଚିଛି। ସେହିପରି କୋଲକାତାରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡର ପିଛା ୨୨.୫୦ ଟଙ୍କା ବୃଦ୍ଧି ପାଇ ୧୩୮୭.୫୦ ଟଙ୍କାରୁ ୧୪୧୦ ଟଙ୍କା ହୋଇଛି। ସେହିଭଳି ମୁମ୍ବାଇରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡର ପିଛା ୧୭ ଟଙ୍କା ବୃଦ୍ଧି ପାଇ ୧୨୯୭.୫୦ ଏବଂ ଚେନ୍ନାଇରେ ୧୬.୫୦ ଟଙ୍କା ବଢି ଦର ୧୪୬୩.୫୦ ଟଙ୍କା ଛୁଇଁଛି। ଅନ୍ୟପକ୍ଷରେ ଦିଲ୍ଲୀରେ ସବସିଡ୍ ଗ୍ୟାସର ମୂଲ୍ୟ ୬୯୪ ଟଙ୍କା ରହିଛି। ଅନ୍ୟ ୩ ମେଟ୍ରୋ ସହର କୋଲକତା, ମୁମ୍ବାଇ ଏବଂ ଚେନ୍ନାଇରେ ଏଲ୍‌ପିଜି ମୂଲ୍ୟ ଯଥାକ୍ରମେ-୭୨୦.୫୦ଟଙ୍କା, ୬୯୪ ଟଙ୍କା, ୭୧୦ ଟଙ୍କାରେ ସ୍ଥିର ରହିଛି।

# ଆମ୍ରିରେ ବିରଳ କିଡ୍‌ନୀ ପ୍ରତିରୋପଣ

ଭୁବନେଶ୍ୱର,୧।୧

ଆମ୍ରି ହସ୍ପିଟାଲର ବିଶେଷଜ୍ଞ ଡାକ୍ତରୀ ଟିମ୍ ଅସଙ୍ଗତ ବ୍ଲଡ୍ ଗ୍ରୁପ୍‌ରେ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ ପ୍ରତିପାଦନ କରିଛନ୍ତି। ରାଜ୍ୟ ତଥା ପୂର୍ବ ଭାରତର କିଡ୍‌ନୀ ରୋଗୀମାନଙ୍କ ପାଇଁ ଏହା ଏକ ଶୁଭ ଖବର। କିଡ୍‌ନୀ ପ୍ରତିରୋପଣ ପାଇଁ ଉଭୟ ଦାତା ଏବଂ ଗ୍ରହୀତାଙ୍କର ରକ୍ତ ଗ୍ରୁପ୍ ମେଳଖାଉଥିବା ଆବଶ୍ୟକ। ଏହା ନ ହେଲେ କିଡ୍‌ନୀ ପ୍ରତିରୋପଣ ସମ୍ଭବ ହୋଇ ନ ଥାଏ। ପୂର୍ବରୁ ପରିବାରରେ ସୁସ୍ଥ କିଡ୍‌ନୀ ଦାତା ରହିଥିଲେ ବି ବ୍ଲଡ୍ ଗ୍ରୁପ୍‌ରେ ଅସଙ୍ଗତି ଯୋଗୁ କିଡ୍‌ନୀ ପ୍ରତିରୋପଣ ହୋଇପାରୁ ନ ଥିବାରୁ ରୋଗୀ ମୃତ୍ୟୁ ମୁଖରେ ପଡୁଥିଲେ। ନୂଆ ପଦ୍ଧତି ଦ୍ୱାରା ଯେକୌଣସି ବ୍ଲଡ୍ ଗ୍ରୁପ୍‌ର ରୋଗୀ ଅନ୍ୟ ଯେକୌଣସି ବ୍ଲଡ୍ ଗ୍ରୁପ୍ ରହିଥିବା ରୋଗୀଙ୍କଠାରୁ କିଡ୍‌ନୀ ଗ୍ରହଣ କରିପାରିବେ। ଢେଙ୍କାନାଳର ଜଣେ ୨୩ ବର୍ଷ ଯୁବକଙ୍କଠାରେ ଏଭଳି କିଡ୍‌ନୀ ପ୍ରତିରୋପଣ କରାଯାଇଛି। ରୋଗୀଙ୍କ ବ୍ଲଡ୍ ଗ୍ରୁପ୍ ବି ପଜିଟିଭ ହୋଇଥିବା ବେଳେ ତାଙ୍କ ମା'ଙ୍କ ବ୍ଲଡ୍ ଗ୍ରୁପ୍ ଏବି ପଜିଟିଭ ରହିଥିଲା। ଆମ୍ରିର ବିଶେଷଜ୍ଞ ଡ. ସାଇପ୍ରସାଦ ସାହୁ ଏବଂ ମାନସ ରଞ୍ଜନ ପ୍ରଧାନ ପ୍ରତିରୋପଣକୁ ସଫଳ ଭାବେ ସମ୍ପାଦନ କରିଛନ୍ତି। ପ୍ରତିରୋପଣ ପରେ ଉଭୟ ରୋଗୀ ଏବଂ କିଡ୍‌ନୀଦାତା ସୁସ୍ଥ ଅଛନ୍ତି। ଦେଶର ଅଳ୍ପ କେତେକ ହସ୍ପିଟାଲରେ ଏଭଳି ସୁବିଧା ରହିଥିବା ବେଳେ ଆମ୍ରି ଏହି ବର୍ଗରେ ଯୋଡିହୋଇଥିବା ଗ୍ରୁପ୍ ସିଇଓ ରୂପକ ବରୁଆ କହିଛନ୍ତି।


**OFFICE OF THE CHIEF CONSTRUCTION ENGINEER**
**KANUPUR IRRIGATION PROJECT**
No. A-424
At/P.O.- Basudevpur, Dist.- Keonjhar, Odisha, PIN - 758047, E-mail: ccekipbpur@gmail.com
**"e" PROCUREMENT NOTICE**
**2nd Corrigendum to Bid Identification No. 01/CCEKIP/2020-21 (Online)**

| | | | |
|---|---|---|---|
| 1 | Name of the Work | Construction of 1000mm thick Plastic Concrete Cut-Off Wall at heel of the earth dam upto fresh rock level throughout the foundation of left embankment upto RD 1150m of Kanupur Irrigation Project in Keonjhar district of Odisha | |
| Sl. No. | Details | Existing | Amendment |
| 1 | Date & Time of availability of bid document in the portal | From Dt.14.12.2020, 10.00 hours to Dt.13.01.2021, 17.00 hours | From Dt.14.12.2020, 10.00 hours to Dt.31.01.2021, 17.00 hours |
| 2 | Last date/time for receipt of bids in the portal | Dt.13.01.2021, 5.00 hours | Dt.31.01.2021, 17.00 hours |
| 3 | Date & time of Opening of Technical Bid | Dt.18.01.2021 at 11.00 hours | Dt.03.02.2021 at 11.00 hours |
| 4 | Proof of deposit of EMD, Tender cost and other original documents as per ITB | Dt.18.01.2021 at 13.00 hours | Dt.03.02.2021 at 13.00 hours |

All other terms & conditions remain unaltered. Further details can be seen from the e-procurement portal: www.tendersodisha.gov.in.
(Er. P.K. Pani), Chief Construction Engineer
Kanupur Irrigation Project, Basudevpur, Keonjhar, Odisha
OIPR-32376/11/0003/2021



**Office of the Deputy Director**
**Dam Safety and Support Services, Bhubaneswar-751001**
Email-dddamsafety2010@gmail.com
**QUOTATION CALL NOTICE No. 04/2020-21**

**No. A-425:-** Sealed quotations are invited from interested eligible Firms, Suppliers and Dealers etc. for supplying, installation and demonstration for the following items for official use in Department of Water Resources and O/o Engineer-in-Chief, WR, Odisha, Bhubaneswar for the year 2020-21. The eligible Firms, Suppliers and Dealers should submit GST, PAN, Authorization Certificate of respective brand and undertaking for no relation serving in department. The interested quotationer may submit their quotation with filled in document through off-line mode in the O/o Deputy Director, Dam Safety & Support Services, Bhubaneswar on or before 11.01.2021 (dd/mm/yyyy) 04.00 P.M.

1. The quotation completed in all respect should be dropped in the box in O/o Deputy Director, Dam Safety & Support Services, Bhubaneswar from dated 04.01.2021 to 11.01.2021 before 04.00 PM and shall be opened on 11.01.2021 at 05.00 PM in presence of the quotationer or their authorized representatives during office hours.
2. Paper Cost (Non-Refundable) of Rs.100/- (Rupees One Hundred) only.
3. The authority reserves the right to reject any or all quotation without assigning any reason thereof.

**Quoted rate format details are as follows:-**

| Sl. No. | Specification | Unit | Qty. | Rate |
|---|---|---|---|---|
| 1 | **Multifunction Printer:-** Print, Copy, Scan, Duplex with Network, Size-A3, RAM-4096MB, Speed: 35PPM (A4) Speed: 18 PM(A3) Hard Disk Capacity (GB): 320 GB, Duty Cycles: 1,20,000 pages. Document Feeder Type: SPDS (Single Path Dual Scanning) Mumber of Main paper tray-2 each paper tray, Capacity (number): 520, Toner Yield- 25,000 Pages, Drum Lift- 2 Lakh Pages. **(mentioned rate are including GST)** | Each | 2 Nos. | |
| 2 | **Scanner:-** Scanner Technology: CCD, Scanner type: Integrated sheet fed & flat bed, document size: A4, Optical Resolution (Dpi): 600, Monochrome Scan speed 50, Colour Scan Speed 50, multi fed detection feautre: yes, Daily Duty Cycle: 3000 pages. **(mentioned rate are including GST)** | Each | 2 Nos. | |
| 3 | Video Conferencing Camera 1080P, 60fps resolution, 12X optical/ 10x Digital Zoom PTZ Camera. **(mentioned rate are including GST)** | Each | 2 Nos. | |
| 4 | Wireless Omni Directional Digital Microphone (Quadro Microphone with Speaker). **(mentioned rate are including GST)** | Each | 2 Nos. | |

OIPR-32314/11/0009/2021 Sd./- Deputy Director, Dam Safety & Support Services, Bhubaneswar


# ନୂଆ ରେଳବୋର୍ଡ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ନୂଆଦିଲ୍ଲୀ,୧।୧

ରେଳ ବୋର୍ଡର ନୂଆ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ସୁନିତ ଶର୍ମା ଦାୟିତ୍ୱ ଗ୍ରହଣ କରିଛନ୍ତି। କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି କମିଟି ଏହି ପଦବୀ ଲାଗି ଶର୍ମାଙ୍କ ନାମକୁ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଥିଲା। ଏହି ପଦବୀରେ ବିନୋଦ କୁମାର ଯାଦବ କାର୍ଯ୍ୟ କରୁଥିଲେ। ତାଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ଶେଷ ହୋଇଛି। ରେଳ ବୋର୍ଡ ପୁନର୍ଗଠନ ପରେ ଯାଦବ ପ୍ରଥମ ସିଇଓ ଭାବେ ନିଯୁକ୍ତ ହୋଇଥିଲେ। ନୂଆ ସିଇଓ ଶର୍ମା ୧୯୭୯ ବ୍ୟାଚ୍ ସ୍ପେଶାଲ କ୍ଲାସ୍ ରେଲୱେ ଆପ୍ରେଣ୍ଟିସ ଅଫିସର। ସେ ରାଏବରେଲି ସ୍ଥିତ ମଡର୍ନ କୋଚ୍ ଫ୍ୟାକ୍ଟ୍ରିର ଜେନେରାଲ ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେହିଭଳି ପୁଣେଠାରେ ସେଣ୍ଟ୍ରାଲ ରେଲୱେର ଡିଭିଜନାଲ ରେଲୱେ ମ୍ୟାନେଜର ଭାବେ ମଧ୍ୟ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି।


**DISTRICT INDUSTRIES CENTRE, KEONJHAR**
**Corrigendum to Advertisement No. 2360 Dt. 30.12.2020**

Attention of all concerned is invited to the Advertisement No. 2360 Dt. 30.12.2020 published in the Dharitri on 31.12.2020 inviting sealed tender call notice for supply of Apis Cerena Indica Bee Boxes the following corrigendum is issued.

| Please read | In Place of |
|---|---|
| Exclusively from local MSMEs/PMEGP/REGP. Units | from reputed firm/ Agencies |

There is no other change in the said advertisement. For further details regarding other term and conditions must refer in the NIC website www.kendujhar.nic.in
Sd./- General Manager, DIC, Keonjhar


# ମାରୁତି ସୁଜୁକି ସୁପର କ୍ୟାରିର ସଫଳତା

ଭୁବନେଶ୍ୱର,୧।୧




ମାରୁତି ସୁଜୁକିର ସୁପର କ୍ୟାରି ୪ ବର୍ଷର ସଫଳତା ପାଳନ କରୁଛି। କମ୍ପାନୀ ଏହାର ପ୍ରଥମ ବାଣିଜ୍ୟିକ ଯାନ ସୁପର କ୍ୟାରୀ ସହିତ ୨୦୧୬ ରେ ବାଣିଜ୍ୟିକ ବର୍ଗରେ ପ୍ରବେଶ କରିଥିଲା। ଏହି ଶକ୍ତିଶାଳୀ ମିନି-ଟ୍ରକ ୭୦ ହଜାର ମାଲିକଙ୍କୁ ସେମାନଙ୍କ ବହୁମୁଖୀ ବାଣିଜ୍ୟିକ ଆବଶ୍ୟକତା ଏବଂ ସବୁ ବର୍ଗର ବୈଶିଷ୍ଟ୍ୟ ଅନୁଯାୟୀ ବ୍ୟବସ୍ଥିତ ଅଭିଜ୍ଞତା ସହିତ ସଶକ୍ତ କରିଛି। ସୁପର କ୍ୟାରି ଇ-କର୍ମସ କୋରିୟର, ଏଫ୍ଏମ୍ସିଜି ଏବଂ ଜିନିଷ ବିତରଣ ଏବଂ ଆହୁରି ଅନେକ କ୍ଷେତ୍ରରେ ଏହା ବ୍ୟବହୃତ ହୋଇଥାଏ। ଅଲ-ଇନ-ୱାନ ପ୍ୟାକେଜରେ ସୁବିଧା ପ୍ରଦାନ କରିବାର ଯୋଜନା ସହିତ ଏହା ଗର୍ବର ସହ ୪ ସାଲ ତରକି କେ ପରମ୍ପରା ଜାରି ରଖିଛି। ଏହି ସଫଳତା ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଙ୍ଗ ଆଣ୍ଡ ସେଲ) ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି ଯେ, ଏହି ମଡେଲରେ ଅନେକ ଗୁଡିଏ ସୁବିଧା ଓ ଫିଚର ରହିଛି ଯାହା ଗ୍ରାହକଙ୍କୁ ଆକୃଷ୍ଟ କରିପାରିଛି।


**Bhubaneswar Municipal Corporation**
*Progress through Partnership for better Bhubaneswar*
**EOI No.: 93806** **Date: 31.12.2020**
**NOTICE INVITING EXPRESSION OF INTEREST (EOI)**

**No. C-274:-** Sealed Proposals are invited against EOI FOR "**Engagement of an Agency for Providing Veterinary Doctors and Veterinary Health Workers for ABC Unit and Animal Help Line in Bhubaneswar Municipal Corporation**" in conformity with the Terms & Conditions of the EOI document in from intending applicants. Please refer to Website **www.bmc.gov.in** for complete details and downloading the Document. The last date & time of submission of proposal is 25.01.2021 till 5.00 PM.
For any queries please contact **bmcpmu@bmc.gov.in**
**By Order,**
**Sd./- Dy. Commissioner (ABC)**
OIPR-13002/11/0065/2021 **Bhubaneswar Municipal Corporation**



**OFFICE OF THE PANCHAYAT SAMITI, RAIGHAR**
**(SECTION: DEVELOPMENT)**
Mail ID- ori-raighar@nic.in; Contact No. 06866275544, PIN- 764074
**No. 2390/2020** **Date: 31.12.2020**
**Corrigendum to tender call notice No. 2318 dated 28.12.2020**

In inviting a reference to the above cited subject I am to say that the above mentioned tender call notice is partly modified and uploaded in the Nabarangpur district website (**www.nabarangpur.nic.in**)

| Sl No. | Name of the work | Amount put to tender | Cost of tender paper | EMD to be deposited | Class of contractor | Period of completion |
|---|---|---|---|---|---|---|
| 1 | 3 | | 6 | 7 | | |
| 1 | Const. of labour room at Dumurimunda PHC | 2334245 | 5900 | 23342 | B or C | 6 calendar months |
| | Const. of labour room at PHC, Kurabeda | 2334245 | 5900 | 23342 | B or C | 6 calendar months |
| | Const. of labour room at PHC, Raighar | 2334245 | 5900 | 23342 | B or C | 6 calendar months |
| | Const. of labour room at PHC, Turudihi | 2334245 | 5900 | 23342 | B or C | 6 calendar months |

| | | |
|---|---|---|
| 1 | Date of tender paper available | 03.01.2021 to 15.01.2021 (Tender paper to be downloaded from the official website (www.nabarangpur.nic.in) |
| 2 | Last date of receipt of tender paper | 16.01.2021 (During office hours through registered post/speed (post only) After 5.30 PM of 16.01.2021, no postal registered/ speed post will be received by the undersigned. |
| 3 | Date of opening of the tender paper. | 19.01.2021 (Time 11.00 AM) at office chamber of Block Dev. Officer, Raighar |

The Bid documents consisting of the schedule of quantities, the set of terms & conditions of contract & other necessary documents can be downloaded from the official website (www.nabarangpur.nic.in)
**Sd./- Block Development Officer, Raighar**

## ସଂକ୍ଷେପରେ

### ୧୮ ହଜାର କୋଟିର ସମ୍ପତ୍ତି ୫ ହଜାର କୋଟିରେ ବିକାଯାଇଛି: ସୁରେଶ

ଭୁବନେଶ୍ୱର,୧।୧(ବ୍ୟୁରୋ):ଖୋର୍ଦ୍ଧା ଜିଲାର ସମସ୍ତ ମୂଲ୍ୟବାନ୍ ଜମିକୁ ଇଡ୍‌କୋ ଜରିଆରେ ରାଜ୍ୟ ସରକାର ଶାଗମାଛ ଦରରେ ବିକୁଛନ୍ତି। ୧୮ ହଜାର କୋଟି ଟଙ୍କାର ମୂଲ୍ୟବାନ୍ ଜମିକୁ ୫ ହଜାର କୋଟି ଟଙ୍କାରେ ବିକ୍ରିକରି ହଜାର ହଜାର କୋଟି ଟଙ୍କା ଆତ୍ମସାତ କରାଯାଇଛି। ଏହାର ସିବିଆଇ ତଦନ୍ତ କରି ପ୍ରକୃତ ତଥ୍ୟ ଲୋକଲୋଚନକୁ ଆଣିବାକୁ ବିଧାୟକ ସୁରେଶ ରାଉତରାୟ ଦାବି କରିଛନ୍ତି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି, ଇଡ୍‌କୋକୁ ସମ୍ପୂର୍ଣ୍ଣ ଜାଗା ନ ଦେଇ ଗ୍ରାମରେ ଖେଳପଡିଆ, ମେଳଣ ପଡିଆ, ସ୍କୁଲ ପଡିଆ ଓ ଜଙ୍ଗଲ ସୃଷ୍ଟି କରାଯାଉ। ଜଟଣୀ ମ୍ୟୁନିସିପାଲିଟି ସମେତ ଏହାର ପାର୍ଶ୍ୱବର୍ତ୍ତୀ ୧୩ ଗ୍ରାମର ସମସ୍ତ ସ୍ଥିତିବାନ ସମ୍ପତ୍ତିକୁ ୨୦୧୨ରେ ଜଣେ ସେଟଲମେଣ୍ଟ ଅଫିସର ଆସି ଜଗନ୍ନାଥଙ୍କ ନାମରେ ନାମିତ କରିଛନ୍ତି। ଏ ଅଞ୍ଚଳର ଜନସାଧାରଣଙ୍କ ସ୍ଥିତିବାନ ସମ୍ପତ୍ତି ଜଗନ୍ନାଥଙ୍କ ନାମରେ ନାମିତ ହେବା ଦ୍ୱାରା କୌଣସି ଯୋଜନାରେ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ।ବଶ୍ୟକସ୍ଥଳେ ଏଠାକାର ଲୋକେ ନିଜ ଜମିକୁ ବିକ୍ରୟ କରିପାରୁ ନାହାନ୍ତି। ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିଲେ ମଧ ନ୍ୟାୟ ମିଳୁନାହିଁ। ମାର୍ଚ୍ଚ ୧ ସୁଦ୍ଧା ସ୍ଥିତିବାନ୍ ଜମି ନ ଫେରାଇଲେ ଲୋକସେବା ଭବନ ଘେରାଉ କରାଯିବ। ଏଥିଲାଗି ସରକାର ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି।

### ଖୋର୍ଦ୍ଧା: ୧୫ବର୍ଷରେ ଗଲାଣି ୮ହାତୀଙ୍କ ଜୀବନ

ଖୋର୍ଦ୍ଧା ଅଫିସ,୧।୧: ଖୋର୍ଦ୍ଧା ବନଖଣ୍ଡରେ ସଙ୍କଟରେ ଗଜରାଜ। ଖୋର୍ଦ୍ଧା ଏବଂ ଟାଙ୍ଗୀ ବନାଞ୍ଚଳରେ ଶୁକ୍ରବାର ମୃତ ମାଈ ହାତୀକୁ ମିଶାଇ ୧୫ବର୍ଷରେ ୮ହାତୀଙ୍କ ଜୀବନ ଯାଇଥିବା ବେଳେ ୧୧ବର୍ଷ ମଧରେ ହାତୀ ଆକ୍ରମଣରେ ୨୧ଜଣଙ୍କ ଜୀବନ ଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଗତ କିଛି ବର୍ଷ ପୂର୍ବେ ଚନ୍ଦକା ଜଙ୍ଗଲରୁ ୪୦ରୁ ଊର୍ଦ୍ଧ୍ୱ ହାତୀପଲ ଖସି ଆସିଥିଲେ। ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ଏହି ହାତୀ ରହୁଛନ୍ତି। ଏମାନଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଲାଗି ବନ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। କେବେଳ କୌଣସି ସ୍ଥାନରେ ହାତୀ ଉପଦ୍ରବ ତଥା ଅସୁସ୍ଥ ହେଲେ ବନ ବିଭାଗର ଚେତା ପଶିଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବାରମ୍ବାର ହାତୀ ଓ ମଣିଷ ଲଢେଇ ଜାରି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ଲାଗି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖାଦ୍ୟ ଲାଳସାରେ ଗାଁ ମୁହାଁ ହେଉଛନ୍ତି ହାତୀ ପଲ। ହାତୀ ଦୌରାତ୍ମ୍ୟ ଏବଂ ଫସଲ ହାନୀ ରୋକିବା ଲାଗି ଜମିରେ କୀଟନାଶକ ପ୍ରୟୋଗ କରାଯାଉଥିବା ଯୋଗୁ ହାତୀ ଏହାକୁ ଖାଇ ଅସୁସ୍ଥ ହୋଇ ପଡୁଥିବା କେତେଜଣ ପରିବେଶବିତ କହିଛନ୍ତି। ହାତୀ କରିଡର ପ୍ରତି ବାରମ୍ବାର ଦାବି ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର କରାଯାଉନାହିଁ ବୋଲି ପରିବେଶପ୍ରେମୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ହସୁଛି ଉଜୁଡ଼ା ଜଙ୍ଗଲ

## ଆଦିବାସୀ ମହିଳାଙ୍କ ସୁରକ୍ଷାରେ

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ,୧।୧

ଦିନ ଥିଲା ସେହି ଜଙ୍ଗଲ ଗଛଲତାରେ ପୂରି ରହିଥିଲା । ସୂର୍ଯ୍ୟଙ୍କ କିରଣ ଭୂମିରେ ପଡୁ ନ ଥିଲା । ଆଖପାଖ ଗାଁର ପରିବେଶ ଶୀତଳ ରହୁଥିଲା । ହେଲେ କାଠଚୋରମାନଙ୍କ ଲୋଲୁପ ଦୃଷ୍ଟି ସେହି ଜଙ୍ଗଲ ଉପରେ ପଡ଼ିଲା । ପ୍ରତିଦିନ ଚାଲିଲା ଗଛ କଟା । ଧୀରେ ଧୀରେ ସବୁଜିମା ନଷ୍ଟ ହେବାରେ ଲାଗିଲା । ଉଜୁଡି ଯାଇଥିଲା ଜଙ୍ଗଲ। ଏବେ ସେହି ଉଜୁଡା ଜଙ୍ଗଲ ଆଦିବାସୀ ମହିଳାଙ୍କ ସୁରକ୍ଷାରେ ହସୁଛି। ପରିବେଶ ସୁରକ୍ଷାର ବାର୍ତ୍ତା ସେମାନଙ୍କ ଘରର ରୋଜଗାର ବଢ଼ାଇଛି। କାଠଚୋରଙ୍କ ପ୍ରାଦୁର୍ଭାବ କମିଛି । ସବୁଜିମାର ଆବରଣ ଭିତରେ ରହିଥିବା ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକେରା ପଞ୍ଚାୟତ ମୁଣ୍ଡୁଳୀ ଗାଁରେ ପରିବେଶ ଏବେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛି।

ବିଭିନ୍ନ ଭୟ ଦେଖାଇ କାଠ ଚୋରମାନେ ୮୦୦ ଏକରବିଶିଷ୍ଟ ଏହି ଜଙ୍ଗଲକୁ ପଦା କରିବାକୁ ଲାଗିଥିଲେ। ମୁଣ୍ଡୁଳୀ ଗାଁର ପୁରୁଷ ଲୋକମାନେ ଏହାକୁ ବିରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏ ସଂକ୍ରାନ୍ତରେ ବନବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଲାନାହିଁ। ଏପରି ପରିସ୍ଥିତିରେ ଗାଁ ଲୋକେ କି ପଦକ୍ଷେପ ନେବେ କିଛି ଠିକ୍ କରିପାରି ନ ଥିଲେ । ଶେଷରେ ଗାଁରେ ବୈଠକ ବସିଲା । ପୁରୁଷମାନେ ନିଜ ଅସହାୟତା ପ୍ରକାଶ କଲେ । ହେଲେ ଏ କଥା ଗାଁ ମହିଳାମାନଙ୍କୁ ଭଲ ଲାଗିଲା ନାହିଁ। ସେମାନେ ନିଜ ଜଙ୍ଗଲର ସୁରକ୍ଷା ପାଇଁ ହାତରେ ହାତ ମିଶାଇଥିଲେ। ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ସେମାନେ ଶପଥ ନେଲେ । ୨୦୧୫ରୁ ମହିଳାମାନଙ୍କ ହାତକୁ ଯାଇଥିଲା ଜଙ୍ଗଲ ସୁରକ୍ଷା । ଗାଁର ମହିଳାମାନେ ପାଳି କରି ଜଙ୍ଗଲ ଜଗିଲେ । ଏଥିପାଇଁ ସେମାନଙ୍କୁ ରାତିଦିନ ଏକାଠି କରିବାକୁ ପଡିଥିଲା । ଏପରି ସ୍ଥିତି ଦେଖି କାଠ ଚୋରମାନେ ଭୟଭୀତ ହୋଇପଡିଥିଲେ । ତଥାପି ସୁଯୋଗ ଦେଖି ଜଙ୍ଗଲ ଲୁଟ୍ କରିଚାଲିଲେ। ହେଲେ ମହିଳାମାନେ ଏକାଠି ହୋଇ ଜଙ୍ଗଲ ସୁରକ୍ଷା ପରିସୀମାକୁ ବଢ଼ାଇ ଚାଲିଥିଲେ । ପ୍ରଥମେ ମହିଳମାନେ କାଠ ଚୋରମାନଙ୍କୁ ଜଙ୍ଗଲ ନଷ୍ଟ ନ କରିବାକୁ ବୁଝାଇଲେ, ସଚେତନତା ବାର୍ତ୍ତା ପ୍ରଚାର କଲେ । ଏହାପରେ ବି କେତେଜଣ କାଠ ଚୋର ନିଜ ବୃତ୍ତିକୁ ଛାଡି ପାରି ନ ଥିଲେ । ସେମାନେ ନିଜ ସହଯୋଗୀମାନଙ୍କ ସହ ଜଙ୍ଗଲ ପଦା କରିବାକୁ ଲାଗିପଡିଥିଲେ । ଏହାକୁ ମହିଳା ଗୋଷ୍ଠୀ ମିଳିତ ଭାବେ ମୁକାବିଲା କଲେ। ମହିଳାଙ୍କ ଦୁର୍ଗାରୂପ ଦେଖି କାଠଚୋରମାନେ ଜଙ୍ଗଲ ଛାଡିବାକୁ ବାଧ୍ୟ ହୋଇଥିଲେ ।

ମୁଣ୍ଡୁଳୀଗାଁର ମହିଳାମାନେ ଜଙ୍ଗଲରେ ରାତି ଜଗୁଆଳି ସାଜିବାକୁ ବି ପଛାଇ ନ ଥିଲେ । ଏଥିପାଇଁ ସେମାନଙ୍କୁ ପୁରୁଷମାନେ ସହଯୋଗ କଲେ। ଆବଶ୍ୟକ ପଡିଲେ ଗାଁରୁ ଚାନ୍ଦା ଆଦାୟ କରାଗଲା । ଏମିତି ଚାଲିଲା ୫ବର୍ଷ। ବଦଳିଲା ଉଜୁଡା ଜଙ୍ଗଲର ଚିତ୍ର। ଏଥିଯୋଗୁ ମହିଳାଙ୍କ ରୋଜଗାରରେ ବି ପରିବର୍ତ୍ତନ ଆସିଲା। ଜଙ୍ଗଲ ସୁରକ୍ଷା ସହିତ ମହିଳାମାନେ ଜଙ୍ଗଲରେ ବୁଲୁ ବୁଲି ଶାଳ, ଶିଆଳି ପତ୍ର ସଂଗ୍ରହ କଲେ। ସେହି ପତ୍ରକୁ ଘରକୁ ଆଣି ଖଲି ତିଆରି କଲେ । ବଣରୁ ଫଳମୂଳ, ଝୁଣା, ମହୁ ସଂଗ୍ରହ କରି ଆଖପାଖ ଗାଁର ଲୋକଙ୍କୁ ବିକ୍ରି କଲେ । କିଛିଦିନ ଏମିତି ଚାଲିବା ପରେ ଗାଁ ମହିଳାମାନେ ସ୍ୱାବଲମ୍ବୀ ହେବାରେ ଲାଗିଲେ।

ଏନେଇ ଜଙ୍ଗଲ କମିଟି ସଭାନେତ୍ରୀ ସୂର୍ଯ୍ୟକାନ୍ତି ଜାନୀ ଓ ସମ୍ପାଦିକା ବାସନ୍ତୀ ଜାନୀ କୁହନ୍ତି, ଡିଙ୍ଗିଡିପିଆ ପାହାଡ, ପାହିଆତଇଲା, ଡାବଡାଠେସରା, ଆମ୍ବଦମକ, ଟାଙ୍ଗିରୀ, କୁଟୁଜି ପଥର, ପଥର ବସା, ବରଖାଲ, ମଜୁରୁମାଟୁ, ସାଗଧର, କଇଁଆଧୋଡା ପରି ୮୦୦ ଏକର ଜଙ୍ଗଲକୁ ଆମେ ସୁରକ୍ଷା ଦେଉଛୁ। ଏଥିପାଇଁ ଆମେ ମା'ଫୁଲସୁନ୍ଦରୀ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ପରିଚାଳନା କମିଟି ଗଠନ କରିଛୁ। ଆମେ ଜଙ୍ଗଲ ସୁରକ୍ଷା ସହିତ ନିଜର ରୋଜଗାରକୁ ମଧ୍ୟ ବଢ଼ାଇ ପାରିଛୁ। ପରିବେଶ ପାଇଁ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେଥିପାଇଁ ନିଜ ସୁରକ୍ଷା ସହିତ ଜଙ୍ଗଲର ସୁରକ୍ଷା ଲାଗି ବ୍ରତୀ ହୋଇଛୁ।


ଜଙ୍ଗଲ ସୁରକ୍ଷା ଦାୟିତ୍ୱ ହାତକୁ ନେଇଥିବା ମହିଳାମାନେ ।

# ‘ବ୍ରିଟେନ ଫେରନ୍ତାଙ୍କଠାରେ ନୂଆ ଷ୍ଟ୍ରେନ୍ ନାହିଁ’

ଭୁବନେଶ୍ୱର, ୧।୧(ବ୍ୟୁରୋ)

ଓଡ଼ିଶା ଆସିଥିବା ବ୍ରିଟେନ ଫେରନ୍ତାଙ୍କଠାରେ ଏଯାଏ କରୋନାର ନୂଆ ଷ୍ଟ୍ରେନ୍ ଠାବ ହୋଇନାହିଁ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୁକ୍ରବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟକୁ ଆସିଥିବା ସମସ୍ତ ବ୍ରିଟେନ ଫେରନ୍ତାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ନମୁନା ପରୀକ୍ଷା ହୋଇଛି। ଯେଉଁମାନଙ୍କର କରୋନା ପଜିଟିଭ୍ ବାହାରିଛି ସେମାନଙ୍କଠାରେ ନୂଆ

## ପୁଣେରୁ ଆସିଲା ରିପୋର୍ଟ



ଷ୍ଟ୍ରେନ୍ ଅଛି କି ନାହିଁ ତାହାର ପରୀକ୍ଷା ପାଇଁ ନମୁନାକୁ ପୁଣେ ପଠାଯାଇଥିଲା। ଇତିମଧ୍ୟରେ ସେଠାରୁ କେତେଜଣଙ୍କ ରିପୋର୍ଟ ଆସିଛି। ସେଥିରୁ କେହି ବି ନୂଆ ଷ୍ଟ୍ରେନ୍‌ରେ ସଂକ୍ରମିତ ହୋଇ ନ ଥିବା ଜଣାପଡିଛି। ତେବେ ଅନ୍ୟ କେତେକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ସେ କହିଛନ୍ତି।

ଅପରପକ୍ଷେ ଗତ ୨୪ଘଣ୍ଟାରେ ରାଜ୍ୟରେ ୨୪୫ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୬ ଜିଲାରୁ ଆଦୌ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ତେବେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୨୯,୮୬୬ରେ ପହଞ୍ଚିଛି। ସେହିପରି ଆଉ ୩ଜଣ ଆକ୍ରାନ୍ତଙ୍କର କରୋନାରେ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୭୬କୁ ଛୁଇଁଛି। ଏପଟେ ଆଉ ୩୦୧ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟ ସଂଖ୍ୟା ୩,୨୫,୭୩୩କୁ ବୃଦ୍ଧି ପାଇଛି।

# ଭିତରକନିକାରେ ୨୭୨୮ ପର୍ଯ୍ୟଟକ

ରାଜନଗର,୧।୧(ଡି.ଏନ.ଏ.)

ଶୁକ୍ରବାର ନୂଆବର୍ଷର ପ୍ରଥମ ଦିନରେ ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସ୍ଥଳପଥରେ ଡାଙ୍ଗମାଳ ପ୍ରବେଶ ପଥ ଦେଇ ୧୯୩୬ ପର୍ଯ୍ୟଟକ ଭିତରକନିକା ବୁଲିବାକୁ ଆସିଥିଲେ । ସେହିପରି ଜଳପଥରେ ୧୦୦ଟି ବୋଟ୍‌ରେ ୭୯୨ ପର୍ଯ୍ୟଟକ ଭିତରକନିକା ଆସିଥିଲେ । ଗୁପ୍ତିରୁ ଜଳପଥରେ ୨୧ଟି ବୋଟ୍‌ରେ ୧୯୪, ଖୋଲାରୁ ଜଳପଥରେ ୭୧ ବୋଟରେ ୫୩୬ ପର୍ଯ୍ୟଟକ, ଚାନ୍ଦବାଲିରୁ ୮ ବୋଟରେ ୬୨ ପର୍ଯ୍ୟଟକ ଭିତରକନିକା ଆସିଥିଲେ । ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣ ଭୂମି ଏବେ ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଜାତୀୟ ଉଦ୍ୟାନରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ସହିତ ଦେଶୀୟ ପକ୍ଷୀଙ୍କ କାକଳିରେ ପର୍ଯ୍ୟଟକ ବିମୋହିତ ହୋଇ ପଡୁଛନ୍ତି। ଭିତରକନିକାରେ ଥିବା ବଉଳା କୁମ୍ଭୀର, ହଜାର ହଜାର ସଂଖ୍ୟାରେ ହରିଣ, ବାର୍ହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି।


ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ।


ପୁରୀ ବେଳାଭୂମିରେ ନବବର୍ଷର ପ୍ରଥମ ଦିନରେ ଶୁକ୍ରବାର ସୂର୍ଯ୍ୟୋଦୟର ମନୋରମ ଦୃଶ୍ୟ।

# ମୋବାଇଲରେ ମିଳିବ ବୋଟ୍ ପଞ୍ଜୀକରଣ ସୂଚନା

ଭୁବନେଶ୍ୱର, ୧।୧(ବ୍ୟୁରୋ)

ଏଣିକି ମୋବାଇଲରେ ଉପଲବ୍ଧ ହେବ ବୋଟ୍ ପଞ୍ଜୀକରଣ ଏବଂ ନବୀକରଣ ସମ୍ପର୍କିତ ସୂଚନା। ଫିଙ୍ଗର ଟିପ୍‌ରେ ମିଳିବ ଅନ୍ତର୍ଦେଶୀୟ ଜଳପଥରେ ପରିଚାଳିତ ସମସ୍ତ ବୋଟ୍ ବିଷୟରେ ସବିଶେଷ ତଥ୍ୟ। ଏ ସଂକ୍ରାନ୍ତ ଅନ୍‌ଲାଇନ୍ ବ୍ୟବସ୍ଥା ବୋଟ୍ ଇନ୍‌ଫର୍ମେଶନ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ୍ (ବିମ୍‌ସ)କୁ ମନ୍ତ୍ରୀ ପଦ୍ମନାଭ ବେହେରା ଶୁକ୍ରବାର ଲୋକାର୍ପଣ କରିଛନ୍ତି। ଖାରବେଳ ଭବନଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା କହିଛନ୍ତି, ଅନ୍ତର୍ଦେଶୀୟ ଜଳପଥରେ ନିରାପଦ ଯାତ୍ରା ନିମନ୍ତେ ରାଜ୍ୟ ସରକାର ଓଡ଼ିଶା ବୋଟ୍ ରୁଲସ୍-୨୦୦୪ ପ୍ରଣୟନ କରିଛନ୍ତି। ମାନୁଆଲ ପଦ୍ଧତିରେ ବୋଟ୍ ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ ହେଉଥିବାରୁ ବ୍ୟାପକ ସମସ୍ୟା ହେଉଥିଲା। ‘ବିମସ୍’ ଦ୍ୱାରା ବୋଟ୍ ମାଲିକମାନେ ଘରେ ରହ ପଞ୍ଜୀକରଣ, ନବୀକରଣ, ଲାଇସେନ୍ସ ସେବା ପାଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ଜଣଙ୍କୁ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ୫-ଟି ପ୍ରକ୍ରିୟା କ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଏନ୍‌ଏସ୍‌ଆଇସିଙ୍କ ସହଯୋଗରେ ଏହି ଆପ୍ ବିକଶିତ କରାଯାଇଛି। ଜିଲାସ୍ତରୀୟ ଅଧିକାରୀମାନେ ଏହି ବ୍ୟବସ୍ଥାର ଉନ୍ନତି କରିପାରିବେ। ବୋଟ୍‌ର ପଞ୍ଜୀକରଣ ଓ ନବୀକରଣର ବୈଧତା ସରିବା ପୂର୍ବରୁ ମାଲିକଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସତର୍କ କରାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

# ୩୧ ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

ଭୁବନେଶ୍ୱର, ୧।୧(ବ୍ୟୁରୋ)

କୋଭିଡ୍-୧୯ କଟକଣା ଯୋଗୁ ରାଜ୍ୟର ସମସ୍ତ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଅଧୀନରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତରଫରୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଥିବା ପରିପ୍ରେକ୍ଷୀରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ଅତିରିକ୍ତ ପୁଷ୍ଟିସାଧନ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ଟେକ୍ ହୋମ୍ ରାଶନ (ଟିଏଚ୍‌ଆର୍) ବଣ୍ଟନ ପ୍ରକ୍ରିୟା ନିୟମିତ ଭାବେ ଜାରି ରହିଛି। ମାସର ୧ ତାରିଖ ହୋଇଥିବାରୁ ଅଙ୍ଗନୱାଡ଼ି କର୍ମୀମାନେ କୋଭିଡ୍ ନିୟମାବଳୀର ଅନୁପାଳନ ପୂର୍ବକ ହିତାଧିକାରୀଙ୍କ ଘରେ ପହଞ୍ଚି ଶୁଖିଲା ରାଶନ ବଣ୍ଟନ କରିଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଥିବାରୁ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କୁ ମଧ ରନ୍ଧାଖାଦ୍ୟ ବଦଳରେ ଶୁଖିଲା ରାଶନ ବଣ୍ଟନ କରାଯାଇଛି। ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାର ପ୍ରାକ୍‌ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦକୁ ମାଣ୍ଡିଆ ଚୂନା ବଣ୍ଟନ କରାଯିବା ସହ ଘରେ ମାଣ୍ଡିଆ ଲଡୁ ପ୍ରସ୍ତୁତ କରି ଶିଶୁଙ୍କୁ ଖୁଆଇବା ନିମନ୍ତେ ମା'ମାନଙ୍କୁ ପରାମର୍ଶ ଦିଆଯାଇଛି। ଶୁଖିଲା ରାଶନ ବାବଦକୁ ଛତୁଆ, ବାଦାମ ଲଡୁ, ଚିକି, ଅଣ୍ଡା ଆଦି ବଣ୍ଟନ କରାଯାଇଛି। ଏହି ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ରାଜ୍ୟର ୪୫.୭୮ ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି।

## ହିତାଧିକାରୀଙ୍କ ଘରେ ଶୁଖିଲା ରାଶନ ବଣ୍ଟନ

# ଘେଁସ ଜମିଦାର ପରିବାରର ବଳିଦାନ ଚିରସ୍ମରଣୀୟ

ଭୁବନେଶ୍ୱର, ୧।୧(ବ୍ୟୁରୋ)

ଦେଶର ସ୍ୱାଧୀନତା ପାଇଁ ଅନେକ ବୀର ଜୀବନ ବଳିଦାନ ଦେଇଛନ୍ତି। ତନ୍ମଧ୍ୟରେ ବରଗଡ଼ ଜିଲା ଘେଁସର ମାଧୋ ସିଂ ଓ ତାଙ୍କ ପରିବାରର ମୁକ୍ତି ସଂଗ୍ରାମର ଅଭୂତପୂର୍ବ ବୀରତ୍ୱର ଗାଥା ସର୍ବଦା ଜାତୀୟ ଇତିହାସରେ ଦୃଷ୍ଟାନ୍ତ ହୋଇ ରହିଛି ବୋଲି ରାଜ୍ୟସ୍ତରୀୟ ବୀରତା ଦିବସରେ ମତପ୍ରକାଶ ପାଇଛି। ଶହୀଦ୍ ମାଧୋ ସିଂଙ୍କ ଫାଶୀ ଦିବସକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତିବର୍ଷ ବୀରତା ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭର୍ଚ୍ଚୁଆଲ ମାଧ୍ୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସୁଶାନ୍ତ ସିଂ ଏହାକୁ ଉଦ୍‌ଘାଟନ କରି କହିଲେ, ଜମିଦାର ମାଧୋ ସିଂ ପ୍ରଜାବତ୍ସଳ ଥିଲେ। ତତ୍କାଳୀନ ଇଂରେଜ ଶାସକ ଅନ୍ୟାୟରେ ପ୍ରଜାଙ୍କ ଉପରେ ଅତ୍ୟଧିକ କର ବସାଇବା ବିରୋଧରେ ସେ ପ୍ରତିବାଦ କରି ସଂଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ଅବଦାନ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ମନ୍ତ୍ରୀ ସିଂ କହିଥିଲେ। ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଲେ, ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା ପାଇଁ ବ୍ରିଟିଶ ଶାସନ ବିରୋଧରେ ଘେଁସ ଜମିଦାର ପରିବାରର ସଦସ୍ୟମାନେ ଯେପରି ଅଦମ୍ୟ ସାହସ ଓ ବୀରତ୍ୱର ପରାକାଷ୍ଠା ଦେଖାଇ ଦୁର୍ଦ୍ଦାନ୍ତ ଭାବେ ଲଢ଼ିଥିଲେ, ତାହା ଆଜି ବି ଓଡ଼ିଶାର ସାଧାରଣ ଜନତାଙ୍କୁ ଉଦ୍‌ବେଳିତ କରୁଛି। ଓଡ଼ିଶା ପାଇଁ ସେମାନଙ୍କର ଅବଦାନ ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡ. ଲେନିନ୍ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଘେଁସସ୍ଥିତ ଶହୀଦ୍ କୁଳ ସିଂ କ୍ଲବର ସଭାପତି ଅଶୋକ କୁମାର ପୁଜାହାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ, ଚନ୍ଦ୍ରକାନ୍ତ ନାୟକ ଏବଂ ଉପ ନିର୍ଦ୍ଦେଶକ(କ୍ଷେତ୍ର) ସନ୍ତୋଷ କୁମାର ଦାସଙ୍କ ସମେତ ବିଭାଗର ଅନ୍ୟ ପଦାଧିକାରୀ, ଶହୀଦ କୁଳ ସିଂ କ୍ଲବ୍‌ର କର୍ମକର୍ତ୍ତା ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ। ବିଭାଗୀୟ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୂଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ରାଜ୍ୟସ୍ତରୀୟ ବୀରତା ଦିବସ


କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

**୩୯ ନାବିକଙ୍କ ପାଇଁ ସହାୟତା ଲୋଡ଼ିଲା ଭାରତ**

ଚାଇନା ସମୁଦ୍ରରେ ଅଟକି ରହିଥିବା ଦୁଇ ମାଲବାହୀ ଜାହାଜରେ ୩୯ ଭାରତୀୟ ନାବିକ ଫସିରହିଛନ୍ତି। ସେମାନଙ୍କୁ ତୁରନ୍ତ ସହାୟତା ଦେବାକୁ ଭାରତ ଅନୁରୋଧ କରିଛି। କରୋନା କଟକଣା ଯୋଗୁ ଚାଇନା କର୍ତ୍ତୃପକ୍ଷ ଜାହାଜ ଏମ୍‌ଭି ଜାଗ୍ ଆନନ୍ଦ ଏବଂ ଏମ୍‌ଭି ଆନାସ୍ତାସିଆକୁ ପୋତାଶ୍ରୟ ମଧ୍ୟକୁ ଛାଡୁନାହାନ୍ତି କି କର୍ମଚାରୀ ପରିବର୍ତ୍ତନ କରୁନାହାନ୍ତି। ଫଳରେ ଜାହାଜରେ ଦୀର୍ଘଦିନ ହେଲା ଅଟକି ରହିଥିବା ନାବିକମାନଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି।

# ଅବସର ନେଲେ ଏନ୍‌ସିସି ନିର୍ଦ୍ଦେଶାଳୟ ଉପମହାନିର୍ଦ୍ଦେଶକ



ସୋମେନ ବାନାର୍ଜୀଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରୁଛନ୍ତି ଶୈଳେନ୍ଦ୍ର ସିଂହ (ଡାହାଣ)।

**କାର୍ଯ୍ୟଭାର ଗ୍ରହଣ କଲେ କମୋଡର ସୋମେନ ବାନାର୍ଜୀ**

ଭୁବନେଶ୍ୱର,୧।୧(ବ୍ୟୁରୋ)

ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଉପମହାନିର୍ଦ୍ଦେଶକ କମୋଡର ଶୈଳେନ୍ଦ୍ର ସିଂହ ଏନ୍‌ଏମ୍ (ନୌସେନା ପଦକ) ଭାରତୀୟ ନୌସେନାରେ ୩୫ବର୍ଷ ଧରି ଅନୁକରଣୀୟ ସେବା ପ୍ରଦାନ କରି ଶେଷରେ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ସେ ଉପମହାନିର୍ଦ୍ଦେଶକ ପଦରେ ସାଢ଼େ ୩ବର୍ଷର କାର୍ଯ୍ୟ କରିବା ଭିତରେ କୋରାପୁଟ ଏନ୍‌ସିସି ମୁଖ୍ୟାଳୟ ଓ ଝାରସୁଗୁଡ଼ାରେ ଆଉଏକ ଏୟାର ସ୍କ୍ୱାଡ୍ରନ ଏନ୍‌ସିସି ୟୁନିଟ୍ ଖୋଲିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାଦ୍ୱାରା ରାଜ୍ୟର ଗାଁ ବିଶେଷକରି ଆଦିବାସୀ ଅଞ୍ଚଳର ଯୁବକଙ୍କ ପାଇଁ ଏନ୍‌ସିସିର ଦ୍ୱାର ଖୋଲିଯାଇଥିଲା। ତାଙ୍କ ନେତୃତ୍ୱରେ ରାଜ୍ୟର ଏନ୍‌ସିସି ୟୁନିଟ୍‌ଗୁଡ଼ିକ ଏକଜୁଟ୍ ହୋଇ ଉଚ୍ଚମାନର ତାଲିମ ପ୍ରଦାନ ପାଇଁ କାର୍ଯ୍ୟ କରିଥିଲେ। ଏହି ଅବସରରେ କମୋଡର ସିଂହ ଏନ୍‌ସିସି ନିର୍ଦ୍ଦେଶାଳୟର କାର୍ଯ୍ୟଭାର କମୋଡର ସୋମେନ ବାନାର୍ଜୀଙ୍କୁ ପ୍ରଦାନ କରିଛନ୍ତି। କମୋଡର ସୋମେନଙ୍କର ସାମୁଦ୍ରିକ ଅଭିଜ୍ଞତା ସହିତ ଆଣ୍ଟି-ସବ୍‌ମେରାଇନ୍ ଯୁଦ୍ଧ କୌଶଳରେ ନିପୁଣତା ଓ ବୃତ୍ତିଗତ ଟ୍ରାକ୍ ରେକର୍ଡ ରହିଛି।

# ୫୧୦ କୋଟିର ଜାଲ୍ ଜିଏସ୍‌ଟି ବିଲ୍

**ର୍‌ୟାକେଟର ପର୍ଦ୍ଦାଫାଶ, ମାଷ୍ଟରମାଇଣ୍ଡ ଗିରଫ**

ଭୁବନେଶ୍ୱର,୧।୧

ଏବେ ଜାଲ୍ ଜିଏସ୍‌ଟି ବିଲ୍ ଦ୍ୱାରା ଟିକସ ଠକେଇ ମାମଲା ବଢ଼ିଚାଲିଛି। ଗୁରୁବାର ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ୫୧୦ କୋଟି ଟଙ୍କାର ଜାଲ୍ ଜିଏସ୍‌ଟି ବିଲ୍ ର୍‌ୟାକେଟର ପର୍ଦ୍ଦାଫାଶ କରିଛି। ର୍‌ୟାକେଟରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ସନ୍ଦୀପ ମହାନ୍ତିଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡିଛି। ୨୨ଟି ଜାଲ୍ ବ୍ୟବସାୟିକ ଅନୁଷ୍ଠାନ ସୃଷ୍ଟିକରି ସେଗୁଡିକର ପରିଚାଳନା ଦେଖାଇ ୧୬୬ କୋଟି ଟଙ୍କାର ଜାଲ୍ କ୍ରୟ ବିଲ୍ କରାଯାଇଛି। ଅଭିଯୁକ୍ତ ୨୭.୨୧ କୋଟି ଟଙ୍କାର ଇନ୍‌ପୁଟ ଟାକ୍ସ କ୍ରେଡିଟ(ଆଇଟିସି) ହାତେଇଥିବାବେଳେ ୩୪୪ କୋଟି ଟଙ୍କାର ଜାଲ୍ ବିଲ୍ ମାଧ୍ୟମରେ ୬୧.୭୯ କୋଟି ଟଙ୍କାର ଇନ୍‌ପୁଟ ଟାକ୍ସ କ୍ରେଡିଟ୍(ଆଇଟିସି) ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

ଅନୁସନ୍ଧାନରୁ ଜଣାଯାଇଛି ଯେ, ସନ୍ଦୀପ ଆଉ କେତେକ ଜାଲ୍ ବ୍ୟବସାୟିକ ପ୍ରତିଷ୍ଠାନ ସୃଷ୍ଟି କରି ସେଗୁଡିକ ମାଧ୍ୟମରେ ଜାଲ୍ ବିଲ୍ ଜାରି କରିବା ସହ ଆଇଟିସି ଆତ୍ମସାତ୍ କରିବାକୁ ଯୋଜନା କରିଥିଲେ। ନକଲି ଫାର୍ମଗୁଡିକର ପଞ୍ଜୀକରଣ ରଦ୍ଦ କରିବା ଲାଗି ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି। ରାଜ୍ୟରେ ଜାଲ୍ ବିଲ୍ ଦ୍ୱାରା ଟିକସ ଠକେଇ ହେଉଥିବା ସନ୍ଦେହ ଆସିବା ପରେ ପ୍ରଥମେ ୨୨ ନକଲି ଫାର୍ମ ସାମ୍ନାକୁ ଆସିଥିଲା। ପରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ନକଲି ଫାର୍ମ ରହିଥିବା ସମ୍ପର୍କରେ ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ଜାଣିପାରିଥିଲେ। ବେକାର ଯୁବକ,ଗୃହିଣୀ, କୃଷକ, ବରିଷ୍ଠ ନାଗରିକ ଏବଂ ଦିନ ମଜୁରିଆଙ୍କ ନାମରେ ଏହି ଫାର୍ମଗୁଡ଼ିକୁ ସ୍ଥାପନ କରାଯାଇଛି।



ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଏଭଳି ମାମଲା ସହ ସମ୍ପୃକ୍ତ ୧୭ଜଣ ଠକ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ମୋଟ୍ ୫୨୧୦ କୋଟି ଟଙ୍କାର ଜାଲ୍ ଜିଏସ୍‌ଟି ବିଲ୍ ର୍‌ୟାକେଟ ସାମ୍ନାକୁ ଆସିଛି। ସେହିଭଳି ୯୭୦ କୋଟି ଟଙ୍କାର ଆଇଟିସି ସେମାନଙ୍କ ନାମରେ ହସ୍ତାନ୍ତର କରାଯାଇଛି। ରାଜ୍ୟ ଜିଏସ୍‌ଟି ବିଭାଗ ଦ୍ୱାରା ୨ ଆର୍ଥିକ ବର୍ଷରେ ୧୯,୫୩୯ ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣ ରଦ୍ଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନର(କଟକ) ସୁନୀଲ କୁମାର ଲୋହାନୀ କହିଛନ୍ତି, କୌଣସି ଲୋକ ନିଜର ପରିଚୟପତ୍ର ସମ୍ପର୍କିତ କାଗଜପତ୍ର କାହାରିକୁ ପ୍ରଦାନ କରନ୍ତୁ ନାହିଁ। ଏପରି ହୋଇଥିଲେ ତୁରନ୍ତ ରାଜ୍ୟ ଜିଏସ୍‌ଟି କମିଶନରଙ୍କୁ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି।

# ଆଠମଲ୍ଲିକ ଏନ୍‌ଏସି ଦେଶରେ ଦ୍ୱିତୀୟ




ଏନ୍‌ଆଇସିରେ ଅନୁଗୋଳ ଜିଲାପାଳଙ୍କ ସହ ଅନ୍ୟମାନେ।

**ଅନୁଗୋଳ ଅଫିସ, ୧।୧:** ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତାରେ ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସି ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ତାଲିକାରେ ଉତ୍ତରପ୍ରଦେଶର ମଲିହାବାଦ ପ୍ରଥମ ସ୍ଥାନରେ ରହିଛି। ଏ ନେଇ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଆଠମଲ୍ଲିକ ଏନ୍‌ଏସିକୁ ଶ୍ରେଷ୍ଠ ନଗର ପଞ୍ଚାୟତ ଭାବେ ସମ୍ମାନ ପ୍ରଦାନ କରାଯାଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ହରଦୀପ ସିଂ ପୁରୀ ଏହି ସମ୍ମାନ ପ୍ରଦାନ କରିଥିଲେ। ଅନୁଗୋଳ ଏନ୍‌ଆଇସିଠାରେ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଭିତ୍ତିଭୂମି ବିଶେଷଜ୍ଞ ଅଂଶୁମାନ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ତ୍ରିପାଠୀ ଓ ଅନୁଗୋଳ ଏନ୍‌ଆଇସି ମୁଖ୍ୟ ସୁବ୍ରତ ଚାଟାର୍ଜୀ ଉପସ୍ଥିତ ଥିଲେ।

# ମହିଳା ସଂରକ୍ଷଣ କଥା କହି ବିଜେଡି ଦିନରେ ଲଣ୍ଠନ ଦେଖାଉଛି: ଭାଜପା

ଭୁବନେଶ୍ୱର,୧।୧(ବ୍ୟୁରୋ)

ଓଡ଼ିଶାରେ ଓବିସିବର୍ଗଙ୍କୁ ସଂରକ୍ଷଣ ଦେବାକୁ ବିଜେଡି ଦଳୀୟ ବୈଠକରେ ରିଜୋଲ୍ୟୁଶନ ପାସ୍ ହୋଇଛି ବୋଲି ବିଜେଡି ଏମ୍‌ପି ସସ୍ମିତ ପାତ୍ର ଟୁଇଟ୍ କରି ରାଜ୍ୟବାସୀଙ୍କୁ ଭ୍ରମିତ କରିଛନ୍ତି। ଦଳ ଏବଂ ସରକାର ଭିତରେ ଫରକକୁ ସସ୍ମିତ ବୁଝିନାହାନ୍ତି କି ସବୁ ଜାଣି ଅଜଣା ହେଉଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ ପ୍ରଶ୍ନ କରିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିଙ୍କି କହିଛନ୍ତି, ମଣ୍ଡଳ କମିଶନ ସୁପାରିସ ପରେ ଦେଶରେ ଓବିସି ସଂରକ୍ଷଣ ଲାଗୁ ହୋଇସାରିଛି । କେନ୍ଦ୍ର ସରକାର ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବାବେଳେ ଅନ୍ୟ ରାଜ୍ୟଗୁଡିକ ମଧ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିଛନ୍ତି। ମୋଦି ସରକାର ଦେଶରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ସାଧାରଣ ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ଚାକିରି ଓ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ନିମନ୍ତେ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । କିନ୍ତୁ ରାଜ୍ୟ ସରକାର ଓବିସି ଓ ଇଡବ୍ଲ୍ୟୁଏସ୍ ସଂରକ୍ଷଣ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଲାଗୁ କରିନାହାନ୍ତି । ଏବେ ଦଳୀୟ ମିଟିଂରେ ସଂରକ୍ଷଣ କଥା ଉଠାଇ ଓଡ଼ିଶାର ଜନତାଙ୍କୁ ଦିନବେଳେ ଲଣ୍ଠନ ଦେଖାଇବା ଅତ୍ୟନ୍ତ ନିନ୍ଦନୀୟ ବୋଲି ପିଙ୍କି କହିଛନ୍ତି ।

# ବିରୋଧୀ କହିଲେ ରାଜନୀତି କଲେ

**ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ଦାବି ପ୍ରସଙ୍ଗ**

ଭୁବନେଶ୍ୱର,୧।୧(ବ୍ୟୁରୋ)

ପୁରୀଠାରେ ଅନ୍ତର୍ଜାତୀୟ ବିମାନବନ୍ଦର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି ଦାବି କରିଛନ୍ତି। ହେଲେ ଏନେଇ ମୁଖ୍ୟମନ୍ତ୍ରୀ ରାଜନୀତି କଲେ ବୋଲି ବିରୋଧୀ କହିଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି, ବିଜେଡିର ପୁଣି ଏକ ନୂଆ ରାଜନୀତି ଆରମ୍ଭ ହୋଇଗଲା। ରାଜ୍ୟର ବିକାଶ କ୍ଷେତ୍ରରେ ସବୁବେଳେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଯେତେବେଳେ କିଛି ପ୍ରସଙ୍ଗ ନ ଥାଏ ସେତେବେଳେ କୁଆଡୁ କ'ଣ ଭାବି ରାଜନୀତି କରିବା ଏମାନଙ୍କ ଅଭ୍ୟାସ ବୋଲି ନାଏକ କହିଛନ୍ତି। ଅନ୍ୟପଟେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରସ୍ତାବକୁ କଂଗ୍ରେସ ସ୍ୱାଗତ କରୁଛି। କିନ୍ତୁ ପିପିଲି ଉପନିର୍ବାଚନର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଏହି ଚିଠି ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବିଗତ ଦିନରେ ବିଜେପୁର, ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ କେତେଦୂର ପାଳନ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଯେତେବେଳେ ଉପନିର୍ବାଚନ ଆସେ, ମୁଖ୍ୟମନ୍ତ୍ରୀ ସେହି ନିର୍ବାଚନମଣ୍ଡଳୀ ଏବଂ ଜିଲାକୁ ନିଜର ବୋଲି କହି ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇଛନ୍ତି ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ତରଫରୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଆରାଧ୍ୟ ପୀଠ ଶ୍ରୀକ୍ଷେତ୍ର ଦେଶର ଚାରିଧାମ ମଧ୍ୟରୁ ଅନ୍ୟତମ। ମହାପ୍ରଭୁଙ୍କ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ପୁରୀଠାରୁ ଅନତି ଦୂରରେ ବିଶ୍ୱ ଐତିହ୍ୟ ସ୍ଥଳ ସୂର୍ଯ୍ୟମନ୍ଦିର, ଏସିଆ ମହାଦେଶର ସର୍ବବୃହତ୍ ହ୍ରଦ ଚିଲିକା, ରାମଚଣ୍ଡୀ-ଚନ୍ଦ୍ରଭାଗା, ବାଲିହରଚଣ୍ଡୀ, ଅଲାରନାଥ, କାକଟପୁର ମନ୍ଦିର ଓ ସିରୁଳୀ ମହାବୀର ଭଳି ଆଧ୍ୟାତ୍ମିକ, ଐତିହାସିକ ଓ ପର୍ଯ୍ୟଟନସ୍ଥଳ ରହିଛି। ପୁରୀ ବେଳାଭୂମି ବିଶ୍ୱ ପର୍ଯ୍ୟଟନର ସମସ୍ତ ମାନକକୁ ପୂରଣ କରୁଛି। ଏହି ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ପୁରୀଠାରେ ବିମାନବନ୍ଦର ପ୍ରତିଷ୍ଠା ଦାବି ରାଜ୍ୟର ବିକାଶ ପ୍ରତି ଥିବା ତାଙ୍କର ପ୍ରତିବଦ୍ଧତାକୁ ପୁଣିଥରେ ପ୍ରମାଣିତ କରୁଛି ବୋଲି ସଞ୍ଜୟ କହିଛନ୍ତି।

# ୨ ହିତାଧିକାରୀଙ୍କୁ ସମ୍ମାନିତ କଲେ ଭାରତ ସରକାର

**ଶ୍ରେଷ୍ଠ ଆବାସ ନିର୍ମାଣ**

ଛତ୍ରପୁର,୧।୧(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁନ୍ଦର ଓ ଶ୍ରେଷ୍ଠ ଘର ନିର୍ମାଣ କରିଥିବା ୨ ହିତାଧିକାରୀ ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ଭର୍ଚୁଆଲ କନ୍‌ଫରେନ୍ସରେ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ସଚିବ ଉକ୍ତ ୨ ହିତାଧିକାରୀଙ୍କୁ ଶ୍ରେଷ୍ଠ ଘର ନିର୍ମାଣ ନେଇ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଚିକିଟି ଏନ୍‌ଏସିର ସୀମାଞ୍ଚଳ ନାୟକ (୫୯) ଓ ଦିଗପହଣ୍ଡି ଏନ୍‌ଏସିର କଲ୍ୟାଣୀ ସାରସା (୫୬)। ସମ୍ମାନିତ ବେଳେ ଛତ୍ରପୁର ସ୍ଥିତ ଏନ୍‌ଆଇସି ପ୍ରକୋଷ୍ଠରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ୨ ଏନ୍‌ଏସିର ନିର୍ବାହୀ ଅଧିକାରୀ ଓ ହିତାଧିକାରୀ ଉପସ୍ଥିତ ଥିଲେ।

## ଖେଳ ଖବର

# ବୁମ୍‌ରା ଚତୁର ଦ୍ରୁତ ବୋଲର: ଅଖ୍‌ତର

ନୂଆଦିଲ୍ଲୀ,୧।୧(ପି.ଟି.)

ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ପାକିସ୍ତାନ ପୂର୍ବତନ ପେସର ସୋଏବ ଅଖ୍‌ତର। ଏବେ ବୁମ୍‌ରା ବିଶ୍ୱର ସବୁଠାରୁ ସ୍ମାର୍ଟ ତଥା ଚତୁର ଦ୍ରୁତ ବୋଲର ବୋଲି ସେ କହିଛନ୍ତି। ବାୟୁରେ ସେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଧୋକା ଦେବାର କଳା ଶିକ୍ଷା କରିଛନ୍ତି। ଏକଦା ପାକିସ୍ତାନ ଦ୍ରୁତ ବୋଲରମାନଙ୍କ ପାଖରେ ଏଭଳି କଳା ଦେଖିବାକୁ ମିଳୁଥିଲା ବୋଲି ଅଖ୍‌ତର କହିଛନ୍ତି।



ଯଶପ୍ରୀତ ବୁମ୍‌ରା ଓ ସୋଏବ ଅଖ୍‌ତର।

ବୁମ୍‌ରାଙ୍କ ପ୍ରତିଭାରେ ଅଖ୍‌ତର ବେଶ୍ ପ୍ରଭାବିତ ହୋଇଛନ୍ତି। ମାତ୍ର ୫ ସେକେଣ୍ଡ ମଧ୍ୟରେ ବୁମ୍‌ରା ଏକ କଷ୍ଟକର ରନ୍ ଅପ୍‌ରୁ ବୋଲିଂ କରି ଯେକୌଣସି ବ୍ୟାଟ୍ସମ୍ୟାନଙ୍କୁ ଚତୁରତାର ସହ ଝଟ୍‌କା ଦେବାକୁ ସକ୍ଷମ। ବୁମ୍‌ରା ସମ୍ଭବତଃ ଭାରତର ପ୍ରଥମ ଦ୍ରୁତ ବୋଲର, ଯିଏ ପବନର ଗତିକୁ ରୋକିବା ସହ ଦିଗରୁ ଫାଇଦା ଉଠାଇ ବୋଲିଂ କରିପାରୁଛନ୍ତି। ଗ୍ରାଉଣ୍ଡରେ ଅଧିକ ଘାସ ନ ଥିଲେ ମଧ୍ୟ ସେ ସଫଳତାର ସହ ବୋଲିଂ କରିବାର କଳାକୁ ଶିକ୍ଷା କରିଛନ୍ତି। ପୂର୍ବରୁ ପାକିସ୍ତାନ ଦ୍ରୁତ ବୋଲରମାନେ ମଧ୍ୟ ଏପରି ବୋଲିଂ କରୁଥିବା ଅଖ୍‌ତର ଏକ ୟୁଟ୍ୟୁବ୍ ଚ୍ୟାନେଲ 'ସ୍ପୋର୍ଟ୍ସ ଟୁଡେ'କୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ପୂର୍ବରୁ ୱାସିମ ଆକ୍ରମ, ୱାକର ୟୁନିସ୍ ଓ ମୁଁ ପବନର ଗତି ତଥା ବେଗ, ଦିଗକୁ ଅନୁଧ୍ୟାନ କରି ବୋଲିଂ କରିଥାଉ। ଦ୍ରୁତ ବୋଲିଂର ମେକାନିକ୍ସ ଓ ଏରୋ ଡାଇନାମିକ୍ସ ନେଇ ସେତେବେ ଆମେ ଅବଗତ ଥିଲୁ। ଦିନର କେତେବେଳେ ଓ କେଉଁ ପରିମାଣରେ ବଲ ସୁଇଂ ହେବ ଆମେ ଜାଣିଥିଲୁ। ଏବେ ବୁମ୍‌ରା ଏହାକୁ ଶିକ୍ଷା କରିପାରିଛନ୍ତି ବୋଲି ସେ କୁହନ୍ତି।

ମହମ୍ମଦ ଆସିଫ ଓ ମହମ୍ମଦ ଆମିରଙ୍କ ପରେ ବୁମ୍‌ରା ସବୁଠାରୁ ଚତୁର ଦ୍ରୁତ ବୋଲର। ୭ଟି ଷ୍ଟେପ୍ ରନ୍- ଅପ୍‌ରେ ବୋଲିଂ କରି ବୁମ୍‌ରା ଏବେ ବ୍ୟାଟ୍ସମ୍ୟାନଙ୍କୁ ମାତ୍ର ୫ ସେକେଣ୍ଡରେ ଭୟଭୀତ କରାଇବାରେ ସକ୍ଷମ। କିପରି ଉଇକେଟ ହାସଲ କରିହେବ ତାହା ତାଙ୍କୁ ଭଲଭାବେ ଜଣା। ସେ ଜଣେ ବଡ଼ ଖେଳାଳିଭାବେ ଉଭା ହୋଇଛନ୍ତି। ଯଦି ଫିଟ୍‌ନେସ ବଜାୟ ରଖିପାରନ୍ତି ତା'ହେଲେ ଜଣେ ମହାନ୍ ଦ୍ରୁତ ବୋଲରଭାବେ ମାନ୍ୟତା ପାଇବେ। ତାଙ୍କ ପିଠିରେ ଯଦି ଆଗକୁ ଆଘାତ ସମସ୍ୟା ନ ରହେ ତା'ହେଲେ ସେ ଦୀର୍ଘଦିନ ଧରି ଖେଳ ଜାରି ରଖିବେ ବୋଲି ଅଖତର କହିଛନ୍ତି। ସମାଲୋଚକଙ୍କୁ ଯେଉଁ ଭଳି ଭାବେ ବୁମ୍‌ରା ଭୁଲ୍ ପ୍ରମାଣିତ କରିଛନ୍ତି ତାହା ତାଙ୍କୁ ପ୍ରଭାବିତ କରିଛି। ତାଙ୍କ ଅସ୍ୱାଭାବିକ ଆକ୍ସନକୁ ଲୋକେ ସମାଲୋଚନା କରୁଥିଲେ। ତେବେ ଏହି ଆକ୍ସନରେ ସେ ସଫଳତାର ଶୀର୍ଷକୁ ଛୁଇଁ ପାରିଛନ୍ତି। ଛୋଟିଆ ସ୍ଥାନରେ ସେ ବଲର ଲେନ୍ଥରେ ପରିବର୍ତ୍ତନ ଆଣିବା ସହ ପ୍ରଥମେ ବ୍ୟାଟ୍ସମ୍ୟାନଙ୍କୁ ଏୟାରରେ ଓ ପରେ ପିଚ୍‌ରେ ଚକ୍‌ମା ଦେବାକୁ ସିଦ୍ଧହସ୍ତ। କ୍ରିଜରୁ ମଧ୍ୟ ସେ ଫାଇଦା ଉଠାଇବାକୁ ସକ୍ଷମ। କ୍ରିଜ୍ ମଧ୍ୟରେ ସେ ବଲ୍‌ର ଲେନ୍ଥରେ ପରିବର୍ତ୍ତନ ସହଜରେ କରିପାରୁଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନଙ୍କୁ ସେ ଆଉଟ୍ ସୁଇଂ ବୋଲିଂ କରିବାରେ ମଧ୍ୟ ସକ୍ଷମ। ଇନ୍‌କମିଂ ବୋଲିଂ କରି ବଲକୁ ବିପରୀତ ଦିଗରେ ମଧ୍ୟ ସୁଇଂ କରାଇବାରେ ସେ ଜଣେ ସଫଳ ବୋଲର। ଅର୍ଥାତ୍ ବଲ ପିଚ୍ ଖାଇବା ପରେ ବାହାରକୁ ଯାଇଥାଏ। ଯାହା ଫଳରେ ବ୍ୟାଟ୍ସମ୍ୟାନ ଚକ୍‌ମା ଖାଇଥାଏ। ଉଇକେଟ ନେବାର କଳା ବୁମ୍‌ରାଙ୍କୁ ଜଣାଅଛି ବୋଲି ଅଖତର କହିଛନ୍ତି।

# ଏଲ୍‌ବିଡବ୍ଲ୍ୟୁ କଲ୍ ନୁହେଁ 'ଗେଟ୍ ଲଷ୍ଟ' ପାଇ...

ମେଲବୋର୍ନ, ୧।୧ (ପି.ଟି.)

ମେଲବୋର୍ନ ଟେଷ୍ଟ ୧୯୮୧ ବେଳେ ତାଙ୍କ କୁଖ୍ୟାତ ୱାକ୍‌ଆଉଟ୍ ସମ୍ପର୍କରେ ଏବେ ସ୍ପଷ୍ଟ କରିଛନ୍ତି କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର। ସେଭେନ୍ କ୍ରିକେଟକୁ ଏକ ସାକ୍ଷାତ୍‌କାର ବେଳେ ସେ କହିଛନ୍ତି ଏଲ୍‌ବିଡବ୍ଲ୍ୟୁ କଲ୍ ନୁହେଁ ଅଷ୍ଟ୍ରେଲୀୟ ଖେଳାଳିମାନେ ତାଙ୍କୁ ଲକ୍ଷ୍ୟ କରି 'ଗେଟ୍ ଲଷ୍ଟ' କହିବାରୁ ତାଙ୍କୁ ଓପନିଂ ପାର୍ଟନରଙ୍କ ସହିତ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ୧୯୮୧ ସିରିଜ ବେଳେ ଅମ୍ପାୟରିଂରେ କିଛି ଅସ୍ଥିରତା ଦେଖାଦେଇଥିଲା। ଡେନିସ ଲିଲିଙ୍କ ଏକ ଇନ୍-କଟରକୁ ଅମ୍ପାୟର ରେକ୍ସ ହ୍ୱାଇଟ୍‌ହେଡ୍ ଏଲ୍‌ବିଡବ୍ଲ୍ୟୁ ଦେଇଥିଲେ। କିନ୍ତୁ ଗାଭାସ୍କରଙ୍କ ଧାରଣା ଥିଲା ବଲ୍‌ଟି ପ୍ରଥମେ ବ୍ୟାଟ୍ ଛୁଇଁବା ପରେ ପ୍ୟାଡ୍‌ରେ ବାଜିଥିଲା। ମାତ୍ର ୩ଟି ଟେଷ୍ଟ ମ୍ୟାଚ ଅଭିଜ୍ଞତା ଥିବା ହ୍ୱାଇଟ୍‌ହେଡ୍‌ଙ୍କ ନିଷ୍ପତ୍ତିର ପ୍ରତିବାଦ ସ୍ୱରୂପ ଗାଭାସ୍କର ହଠାତ୍ ପଡ଼ିଆ ଛାଡ଼ି ନ ଥିଲେ। ସେ ତାଙ୍କ ବ୍ୟାଟ୍‌କୁ ପ୍ୟାଡ୍‌ରେ ମୃଦୁ ପ୍ରହାର କରି ଅମ୍ପାୟରଙ୍କ ନିକଟରେ ତାଙ୍କ ବିରକ୍ତି ପ୍ରକାଶ କରିଥିଲେ। ଗାଭାସ୍କର ତାଙ୍କର ଏହି ଇନିଂସରେ ୭୦ରନ ସ୍କୋର କରିଥିଲେ। ଯାହାକି ସିରିଜରେ ତାଙ୍କର ସର୍ବୋଚ୍ଚ ସ୍କୋର ଥିଲା। ଗାଭାସ୍କର ଶୀଘ୍ର କ୍ରିଜ୍ ନ ଛାଡ଼ିବାରୁ ଲିଲି ବାରମ୍ବାର ସ୍ଲେଜିଂ କରିଥିଲେ। ଏଥିରେ ବିରକ୍ତି ପ୍ରକାଶ କରି ଗାଭାସ୍କର ତାଙ୍କ ଓପନିଂ ପାର୍ଟନର ଚେତନ ଚୌହାନଙ୍କ ନିକଟକୁ ଯାଇ ତାଙ୍କ ସହ ପିଚ୍ ଛାଡ଼ିବାକୁ କହିଥିଲେ। ଚୌହାନ ତାଙ୍କ କଥା ମାନିଥିଲେ। ମାତ୍ର ବାଉଣ୍ଡରି ଲାଇନ୍‌ରେ ଟିମ୍ ମ୍ୟାନେଜର ଶାହିଦ ଦୁରାନି ଓ ଆସିଷ୍ଟାଣ୍ଟ ମ୍ୟାନେଜର ବାପୁ ନାଦକର୍ନୀ ସେମାନଙ୍କୁ ଭେଟି ବୁଝାଇଥିଲେ। ଚେତନ ଚୌହାନ କ୍ରିଜ୍‌କୁ ଫେରି ତାଙ୍କ ବ୍ୟାଟିଂ ଜାରି ରଖିଥିଲେ। ସୂଚନାଯୋଗ୍ୟ, ଗାଭାସ୍କର ପୂର୍ବରୁ ତାଙ୍କର ଏକ ସାକ୍ଷାତ୍‌କାରରେ ବିବାଦୀୟ ଢଙ୍ଗରେ ଏହି ପଡ଼ିଆ ଛାଡ଼ିବା ନିଷ୍ପତ୍ତିକୁ ନେଇ ଅନୁତାପ କରିଥିଲେ। ଏଭଳି ଘଟଣା ଏବେ ଘଟିଥିଲେ ତାଙ୍କୁ ଜରିମାନା ଦେବାକୁ ପଡ଼ିଥାନ୍ତା।



ସ୍ତ୍ରୀ ତାନ୍ୟା ୱାଧୱାଙ୍କ ସହ ଉମେଶ ଯାଦବ।

# କନ୍ୟାସନ୍ତାନର ଜନକ ହେଲେ ଉମେଶ

ଅଷ୍ଟ୍ରେଲିଆ ଗସ୍ତରେ ଆହତ ସମସ୍ୟା ମଧ୍ୟରେ ଭାରତୀୟ ଦ୍ରୁତ ବୋଲର ଉମେଶ ଯାଦବଙ୍କ ପାଇଁ ନୂଆ ବର୍ଷର ପ୍ରଥମ ଦିନରେ ଆସିଛି ଖୁସି ଖବର। ସ୍ତ୍ରୀ ତାନ୍ୟା ୱାଧୱା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବାରୁ ଉମେଶ ଟୁଇଟର ମାଧ୍ୟମରେ ଖୁସି ଜାହିର କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମଧ୍ୟ ଉମେଶଙ୍କୁ ଟୁଇଟରରେ ଅଭିନନ୍ଦନ ଜଣାଯାଇଛି। ଏଥିସହ ସେ ଆହତ ସମସ୍ୟାରୁ ଶୀଘ୍ର ମୁକୁଳିବାନେଇ ମଧ୍ୟ ବିସିସିଆଇ ପକ୍ଷରୁ କାମନା କରାଯାଇଛି। ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଅବସରରେ ଆହତ ହୋଇଥିବାରୁ ଉମେଶ ସମ୍ପ୍ରତି ଭାରତ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛନ୍ତି। ଭାରତ ଫେରିବାପରେ ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଚିକିତ୍ସିତ ହେବେ। ଉମେଶ ୨୦୧୩ରେ ତାନ୍ୟାଙ୍କୁ ବିବାହ କରିଥିଲେ।

# ମାଇକେଲଙ୍କୁ ଗାର୍ଡ ଅଫ୍ ଅନର

**ରାଉରକେଲା ଅଫିସ,୧।୧:** ବିଶିଷ୍ଟ ହକି ତାରକା ମାଇକେଲ କିଣ୍ଡୋଙ୍କ ଶେଷକୃତ୍ୟ ଶୁକ୍ରବାର ଖ୍ରୀଷ୍ଟୀୟ ରୀତିନୀତିରେ ହମିରପୁର ଚର୍ଚ୍ଚରେ ଶେଷ ହୋଇଛି। ପୂର୍ବାହ୍ନରେ ତାଙ୍କ ମୃତଦେହ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରୁ ବାସଭବନ ସେକ୍ଟର-୬କୁ ଅଣାଯାଇଥିଲା। ପରେ ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏଥିରେ ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନୀଲ ନରୱଣେ, ଆର୍‌ଏମ୍‌ସି କମିଶନର ଦିବ୍ୟଜ୍ୟୋତି ପରିଡ଼ା, ବିଧାୟକ ସାରଦା ପ୍ରସାଦ ନାୟକ, ଅନ୍ୟତମ ହକି ତାରକା ଦିଲୀପ ତିର୍କୀ, ଆର୍‌ଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇ ଓ ସୀତାଦେବୀ ମାଝି, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ମୋହନ କାରୁଆ, ଆରଏସ୍‌ପି ସିଜିଏମ ଧୀରେନ ମିଶ୍ର ଓ ବିଜୟ ରାଉତ, ଜିଲା କ୍ରୀଡା ଅଧିକାରୀ ତେଜକୁମାର ଖେସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ କିଣ୍ଡୋଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଉପସ୍ଥିତ ଅଧିକାରୀ, କ୍ରୀଡାବିତ୍ ଓ ବିଭିନ୍ନ ସଂଘ ସଙ୍ଗଠନ କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣକରି ଶେଷ ସମ୍ମାନ ଜଣାଇଥିଲେ। ପରିବାର ସଦସ୍ୟଙ୍କ ସହ ଏଥିରେ ହକି କୋଚ ଅମୂଲ୍ୟନନ୍ଦ ବିହାରୀ, ଅମୂଲ୍ୟ ବେହେରା, ପିଟର ତିର୍କୀ, ରାଜୁକାନ୍ତ ସାଇନି, ଫ୍ଲୋରେନସିଆ ଏକ୍କା, ଜେମ୍‌ସ କୁଜୁର ବାର୍ଥଲୋମି କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ। ହମିରପୁର ଚର୍ଚ୍ଚରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ରାଉରକେଲା ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମ୍‌ରେ ମାଇକେଲ୍ କିଣ୍ଡୋଙ୍କ ଶେଷ ଦର୍ଶନ କରୁଛନ୍ତି ମାନ୍ୟଗଣ୍ୟ ବ୍ୟକ୍ତି।

## ବରଫ ଯୁଗର ଗଣ୍ଡା

**ମସ୍କୋ:** ରୁଷିଆ ଶେଷ ପ୍ରାନ୍ତରୁ ବରଫଯୁଗର ଏକ ଲୋମଶ ଗଣ୍ଡା ମୃତଦେହ ମିଳିଛି। ଏଠାକାର ସ୍ଥାୟୀ ବରଫାଞ୍ଚଳ(ପର୍ମାଫ୍ରୋଷ୍ଟ) ୟାକୁଟିଆରେ ଗଣ୍ଡାଟି ପ୍ରାୟ ୩୪ଶହ ବର୍ଷ ତଳେ ଦବି ରହିଯାଇଥିବା ଅନୁମାନ କରାଯାଉଛି। ଏହାର ଅନେକ ଅଙ୍ଗପ୍ରତ୍ୟଙ୍ଗ ଏବେ ମଧ ସୁରକ୍ଷିତ ରହିଥିବା ଜଣାପଡ଼ିଛି। ଅଗଷ୍ଟ ମାସରେ ଗଣ୍ଡାଟିର ମୃତଦେହ ମିଳିଥିବାବେଳେ ଗବେଷଣା ନିମନ୍ତେ ଆସନ୍ତା ମାସରେ ଏହାକୁ ଲାବରେଟୋରିକୁ ପଠାଇବାକୁ ବୈଜ୍ଞାନିକମାନେ ଅପେକ୍ଷାରେ ଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ବରଫଯୁଗର ସଂରକ୍ଷିତ ପଶୁ ପ୍ରଜାତିଙ୍କ ମଧ୍ୟରେ ଏହି ଲୋମଶ ଗଣ୍ଡା ଅନ୍ୟତମ ବୋଲି ଜଣାପଡ଼ିଛି। ଗଣ୍ଡାଟି ମୃତ୍ୟୁ ବେଳକୁ ପ୍ରାୟ ୩-୪ ବର୍ଷର ହୋଇଥିବା ଅନୁମାନ କରାଯାଇଛି।

# ଇଥିଓପିଆନ୍ କ୍ୟାଲେଣ୍ଡରରେ ୨୦୧୪

**କରୋନା ଭୟ, ଆଶଙ୍କା, କଟକଣା ଭିତରେ ବିଶ୍ୱବାସୀ ସ୍ୱାଗତ କରିଛନ୍ତି ନବବର୍ଷକୁ। ହେଲେ ଆଫ୍ରିକା ମହାଦେଶର ଇଥିଓପିଆ ଏବେ ବି ୭ ବର୍ଷ ପଛୁଆ। ଅର୍ଥାତ୍ ସେଠାକାର କ୍ୟାଲେଣ୍ଡରରେ ଏବେ ୨୦୧୪। ବିଶ୍ୱ ୨୦୨୧ ପାଇଁ ନୂଆ ସଂକଳ୍ପ ନେଉଥିବାବେଳେ ଏଭଳି ବ୍ୟତିକ୍ରମ ଇଥିଓପିଆକୁ କରିଛି ନିଆରା । ଏହା ଲାଗି ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଅନେକ ସମୟରେ ସମସ୍ୟା ଭୋଗିଥାନ୍ତି। ତଥାପି ଭିନ୍ନ କ୍ୟାଲେଣ୍ଡର ଗଣନା ପାଇଁ ଇଥିଓପିଆ ସବୁବେଳେ ଚର୍ଚ୍ଚାରେ।**



ଆରମ୍ଭ ହୋଇଛି ୨୦୨୧। ଇଂଲିଶ ନବବର୍ଷକୁ ସବୁଆଡ଼େ କରାଯାଇଛି ସ୍ୱାଗତ। ହେଲେ ଇଥିଓପିଆ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ। ଏଠାରେ ଏବେ ୨୦୧୪ ବର୍ଷ ଚାଲିଛି। କେବଳ କ୍ୟାଲେଣ୍ଡର ନୁହେଁ, ଅନେକ ଘଟଣାରେ ଏହି ଆଫ୍ରିକୀୟ ଦେଶର ପରମ୍ପରା, ସଂସ୍କୃତି, ଚାଲିଚଳଣି ଅଲଗା। ଇଥିଓପିଆନ କ୍ୟାଲେଣ୍ଡରରେ ବର୍ଷକ ୧୩ ମାସ। ମାସିକ ୩୦ଦିନ। ୧୨ ମାସ ଏହିପରି ଗଣନା ହୋଇଥାଏ। ଶେଷ ମାସଟି ୫ କିମ୍ବା ୬ ଦିନ ବିଶିଷ୍ଟ। କୌଣସି କାରଣରୁ କ୍ୟାଲେଣ୍ଡର ଗଣନାରୁ ବାଦ୍ ପଡ଼ିଥିବା ଦିନଗୁଡ଼ିକୁ ଏହି ମାସରେ ସାମିଲ କରାଯାଇଛି। ଇଥିଓପିଆକୁ ଆସୁଥିବା ପର୍ଯ୍ୟଟକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥାଏ। ତଥାପି ଅନେକ ସମୟରେ ହୋଟେଲ ବୁକିଂ ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପର୍ଯ୍ୟଟକମାନେ ସମସ୍ୟା ଭୋଗୁଥିବା ଅଭିଯୋଗ ହୁଏ।

ଇଥିଓପିଆର ଜନସଂଖ୍ୟା ୮୫ଲକ୍ଷରୁ ଉର୍ଦ୍ଧ୍ୱ। ଲୋକସଂଖ୍ୟା ଅନୁଯାୟୀ, ଏହା ଆଫ୍ରିକାର ଦ୍ୱିତୀୟ ଜନବହୁଳ ଦେଶ। ଗ୍ରେଗୋରିଆନ କ୍ୟାଲେଣ୍ଡରଠାରୁ ହାରାହାରି ୭ ବର୍ଷ ପଛୁଆ ଏହି ଦେଶ। ବିଶ୍ୱର ଅଧିକାଂଶ ଦେଶ ଜାନୁୟାରୀ ୧ରେ ନବବର୍ଷ ପାଳନ କରୁଥିବାବେଳେ ୧୩ ମାସରେ ଥରେ ସେପ୍ଟେମ୍ବର ୧୧ରେ ଇଥିଓପିଆବାସୀ ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି। ୧୫୮୨ରେ ଆରମ୍ଭ ହୋଇଥିଲା ଗ୍ରେଗୋରିଆନ କ୍ୟାଲେଣ୍ଡର। ଏଥିପୂର୍ବରୁ ଜୁଲିୟନ କ୍ୟାଲେଣ୍ଡର ପ୍ରଚଳନ ଥିଲା। କ୍ୟାଥୋଲିକ୍ ଦେଶଗୁଡ଼ିକ ଏହି ନୂତନ କ୍ୟାଲେଣ୍ଡରକୁ ସ୍ୱୀକୃତି ଜଣାଇଥିଲେ। ହେଲେ ଅନେକ ଦେଶ ଏହା ବିରୋଧରେ ସ୍ୱର ଉତ୍ତୋଳନ କଲେ। ଗ୍ରେଗୋରିଆନ କ୍ୟାଲେଣ୍ଡରକୁ ବିରୋଧ କରୁଥିବା ଦେଶଗୁଡ଼ିକ ମଧ୍ୟରେ ଇଥିଓପିଆ ଥିଲା ଅନ୍ୟତମ। ଅନ୍ୟପଟେ ରୋମାନ ଅର୍ଥୋଡକ୍ସ ଚର୍ଚ୍ଚର ମାନ୍ୟତା ଅନୁଯାୟୀ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ତାରିଖକୁ ଭିତ୍ତିକରି ଏଠାରେ ଗଣନା ଆରମ୍ଭ ହୋଇଥିଲା। ପୃଥିବୀର ବିଭିନ୍ନ ଦେଶ ଯିଶୁଙ୍କ ଜନ୍ମତିଥିକୁ ପ୍ରଥମ ଶତାବ୍ଦୀ ବୋଲି ବିବେଚନା କରୁଥିବାବେଳେ। ଇଥିଓପିଆବାସୀଙ୍କ ମତରେ ଏହା ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀ। ତଦନୁଯାୟୀ ହୋଇଥିବା ଗଣନାରେ ଦେଶର କ୍ୟାଲେଣ୍ଡରରେ ଏବେ ୨୦୧୪।

କ୍ୟାଲେଣ୍ଡରକୁ ବାଦ୍‌ଦେଲେ ବିଶ୍ୱ ଐତିହ୍ୟସ୍ଥଳ ତାଲିକାରେ ଇଥିଓପିଆର ଅଧିକ ସ୍ଥାନ ରହିଛି। ତନ୍ମଧ୍ୟରେ ସବୁଠାରୁ ଲମ୍ବା ଏବଂ ଗଭୀର ଗୁମ୍ଫା ଅନ୍ତର୍ଭୁକ୍ତ। ପ୍ରଚୁର ପ୍ରାକୃତିକ ସମ୍ପଦରେ ଭରପୂର ଇଥିଓପିଆ ପର୍ଯ୍ୟଟକଙ୍କ ପାଇଁ ଦୀର୍ଘଦିନରୁ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ।

## ପୋଷ୍ଟ ଡିଲିଟ କରିଦେଲେ ଦୀପିକା



**ମୁମ୍ବାଇ:** ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ଡ୍ରଗ୍ସ କାରବାର ଲିଙ୍କ୍ ନେଇ ଚର୍ଚ୍ଚାରେ ଥିବା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ୨୦୨୧କୁ ଭିନ୍ନ ଢଙ୍ଗରେ ସ୍ୱାଗତ କରିଛନ୍ତି। ୨୦୨୦ ଡିସେମ୍ବର ୩୧ରେ ସେ ତାଙ୍କ ସୋସିଆଲ ମିଡିଆରୁ ସବୁ ପୋଷ୍ଟ ଡିଲିଟ କରିଦେଇଛନ୍ତି। ପୁରୁଣା ବର୍ଷର ଖରାପ ଅନୁଭୂତି ସବୁକୁ ଭୁଲି ଯିବାକୁ ସେ ଏପରି କରିଥିବା ଆଲୋଚନା ହେଉଛି। ତେବେ ହଠାତ୍ ସେ ନିଜର ପୋଷ୍ଟଗୁଡ଼ିକୁ ଡିଲିଟ କରିଦେବା ପରେ ତାଙ୍କ ଫ୍ୟାନମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଥମେ ସମସ୍ତେ ଭାବିଥିଲେ ବୋଧହୁଏ ଦୀପିକାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। କିନ୍ତୁ ନୂତନ ବର୍ଷ ଆରମ୍ଭ ଦିନ ଦୀପିକା ତାଙ୍କ ଆକାଉଣ୍ଟରେ ଅଡିଓ କ୍ଲିପ ଶେୟାର କରିଥିଲେ। ଏଥିରେ ଦୀପିକା କହିଛନ୍ତି, 'ମୋ ଅଡିଓ ଡାଏରୀକୁ ସମସ୍ତଙ୍କୁ ସ୍ୱାଗତ। ଏଥିରେ ମୁଁ ମୋ ଚିନ୍ତାଧାରା ଓ ଭାବନା ସବୁକୁ ରେକର୍ଡ କରିଛି। ୨୦୨୦ ସମସ୍ତଙ୍କ ପାଇଁ ଅନିଶ୍ଚିତତାର ବର୍ଷ ଥିଲା। କିନ୍ତୁ ମୋ ପାଇଁ କୃତଜ୍ଞତାର ବର୍ଷ ମଧ୍ୟ ଥିଲା। ସମସ୍ତଙ୍କୁ ନୂଆ ବର୍ଷର ଅଭିନନ୍ଦନ। ନୂତନ ବର୍ଷରେ ସଭିଏଁ ନୀରୋଗ ଓ ଶାନ୍ତି ପୂର୍ଣ୍ଣ ଜୀବନ ବଞ୍ଚନ୍ତୁ, ଏହା ହିଁ ମୋର କାମନା।' ତେବେ ସୋସିଆଲ ମିଡିଆରେ ଦୀପିକାଙ୍କୁ ନୂଆ ଅବତାରରେ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି। ସେ ପୋଷ୍ଟ କରିଥିବା ଅଡିଓ ଡାଏରୀରେ ସିରିଜ ଭାବେ ଭଏସ୍ ରେକର୍ଡ କରି ପୋଷ୍ଟ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଆଗାମୀ ଦିନରେ ସିଦ୍ଧାନ୍ତ ଚତୁର୍ବେଦୀ ଓ ଅନନ୍ୟା ପାଣ୍ଡେଙ୍କ ସହ ଦୀପିକାଙ୍କୁ ଏକ ଫିଲ୍ମରେ ଦେଖିବାକୁ ମିଳିବ। ଏହା ଛଡ଼ା ସେ ଶାହରୁଖ ଖାନଙ୍କ ସହ ଫିଲ୍ମ 'ପଠାନ'ରେ ମଧ୍ୟ ନଜର ଆସିବେ। ତେବେ କିଛି ଦିନ ପରେ ରଣବୀର ସିଂ ଓ ଦୀପିକା ପାଦୁକୋନଙ୍କ ଅଭିନୀତ ଫିଲ୍ମ '୮୩' ରିଲିଜ ହୋଇପାରେ।

## ଓଡ଼ିଶୀ କଷ୍ଟ୍ୟୁମ୍‌ରେ କାଜଲ



**ମୁମ୍ବାଇ:** ଡିଜିଟାଲ ପ୍ଲାଟଫର୍ମରେ ଡେବ୍ୟୁ କରିଛନ୍ତି ବଲିଉଡ୍ ଅଭିନେତ୍ରୀ କାଜଲ। ନେଟ୍‌ଫ୍ଲିକ୍ସରେ ପ୍ରଥମ କରି ରିଲିଜ ହେବାକୁ ଯାଉଛି ତାଙ୍କ ଫିଲ୍ମ 'ତ୍ରିଭଙ୍ଗ-ଟେଢ଼ି, ମେଢ଼ି କ୍ରେଜି'। ଏଥିରେ କାଜଲଙ୍କୁ ଓଡ଼ିଶୀ ଡ୍ୟାନ୍ସର ଭୂମିକାରେ ଦେଖିବାକୁ ମିଳିଛି। ନୂଆବର୍ଷର ପ୍ରଥମ ଦିନରେ ଚଳଚ୍ଚିତ୍ରର ଟ୍ରେଲର ରିଲିଜ ହୋଇଛି। ରେଣୁକା ସହାନେଙ୍କ ନିର୍ଦ୍ଦେଶିତ 'ତ୍ରିଭଙ୍ଗ'ର ଟିଜରକୁ କାଜଲ ତାଙ୍କ ଟ୍ୱିଟର ଆକାଉଣ୍ଟରେ ଶେୟାର କରିଛନ୍ତି। ୨୦ ସେକେଣ୍ଡର ଟ୍ରେଲରରେ କାଜୋଲ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ଆଭୂଷଣ ପରିଧାନ କରିଥିବା ନଜର ଆସିଛନ୍ତି। ଆସନ୍ତା ୧୫ ତାରିଖରେ ଏହା ମୁକ୍ତିଲାଭ କରିବ। ଫିଲ୍ମରେ ଗୋଟିଏ ପରିବାରର ୩ଟି ପିଢ଼ିର ମହିଳାଙ୍କ କାହାଣୀ ଦେଖିବାକୁ ମିଳିବ। ମିଥିଲା ପାଲକର ଏବଂ ତନଭି ଆଜମୀଙ୍କୁ ଚଳଚ୍ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବା ଜଣାଯାଇଛି। ଦୈନନ୍ଦିନ ଜୀବନରେ ପରିବାରର ମହତ୍ତ୍ୱକୁ ନେଇ ନିର୍ମାଣ ହୋଇଥିବା ଏହି ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ପୂରା ଟିମ୍ ପକ୍ଷରୁ ଆଶା କରାଯାଇଛି।

## ଭାରତରେ ପ୍ରଥମ ମୋନୋଲିଥ୍



**ଅହମ୍ମଦାବାଦ:** ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୨୦୨୦ ଅକ୍ଟୋବର-ନଭେମ୍ବରରୁ ଏକ ରହସ୍ୟମୟୀ ମୋନୋଲିଥ୍(ଚମକୁଥିବା ସ୍ତମ୍ଭ)ଦେଖିବାକୁ ମିଳୁଛି। ଦୁଇ ମାସ ମଧ୍ୟରେ ଏହା ଆମେରିକା, ରୋମାନିଆ, ବେଲ୍‌ଜିୟମ, ବ୍ରିଟେନ୍ ସମେତ ଅନ୍ୟ ଦେଶରେ ଦେଖିବାକୁ ମିଳିଛି। ତେବେ ଭାରତରେ ପ୍ରଥମଥର ପାଇଁ ଗୁଜରାଟର ଅହମ୍ମଦାବାଦ ସହରରେ ଏହି ମୋନୋଲିଥ୍ ଦେଖାଯିବା ପରେ ଏହାକୁ ନେଇ ଲୋକଙ୍କୁ ଆଶ୍ଚର୍ଯ୍ୟ କରିବା ସହ କୌତୂହଳର ବିଷୟ ହୋଇଛି। ଚମକୁଥିବା ଧାତୁର ଏହି ଅଜବ ମୋନୋଲିଥ୍ ହଠାତ୍ କୌଣସି ଏକ ସ୍ଥାନରେ ଦେଖାଦେଇଥାଏ ଏବଂ କିଛିଦିନ ପରେ ଆପେ ଆପେ ସେଠାରୁ ଉଭେଇଯାଇଥାଏ। ତେବେ ଭାରତରେ ଏହି ମୋନୋଲିଥ୍ ଦେଖାଯିବାର କାରଣ କିଛି ଭିନ୍ନ ବୋଲି ଜଣାପଡ଼ିଛି। ଅନ୍ୟ ଦେଶଗୁଡ଼ିକରେ ଦେଖାଯାଉଥିବା ମୋନୋଲିଥ୍ ଆପେ ସୃଷ୍ଟି ଏବଂ ଗାଏବ ହେଉଥିବାବେଳେ ଅହମ୍ମଦାବାଦରେ ଦେଖାଯାଇଥିବା ମୋନୋଲିଥ୍‌କୁ ଏକ ଘରୋଇ କମ୍ପାନୀ ପକ୍ଷରୁ ସ୍ଥାପନ କରାଯାଇଥିବା ଜଣାପଡ଼ିଛି। ତ୍ରିକୋଣୀୟ ପ୍ରିଜମ୍ ଆକାରର ଏହି ମୋନୋଲିଥ୍‌ର ଉଚ୍ଚତା ୭ଫୁଟ ରହିଛି। ଅହମ୍ମଦାବାଦ ଏସ୍‌ଜି ରାଜପଥସ୍ଥିତ ଏକ ବଗିଚାରେ ଏହା ଦେଖାଯିବା ପରେ ଲୋକଙ୍କ ମନରେ ଉତ୍ସୁକତା ଦେଖାଯାଇଥିଲା। ପର୍ଯ୍ୟଟକ ପାର୍କ ବୁଲିବାକୁ ଆସିବା ସମୟରେ ଏହାକୁ ଦେଖିବା ସହ ଏଠାରେ ସେଲ୍ଫି ଉଠାଇପାରିବେ। ଡିସେମ୍ବର ୨୯ରେ ଏହାର ଉଦ୍‌ଘାଟନ କରାଯାଇଥିବାବେଳେ ଏଠାରେ ଏବେ ଲୋକଙ୍କ ଭିଡ଼ ଜମୁଛି। ତେବେ ସାଧାରଣତଃ ମୋନୋଲିଥ୍ କହିଲେ ଠିଆ ହୋଇଥିବା ଅବସ୍ଥାରେ ରହିଥିବା ବୃହଦାକାର ପଥର କିମ୍ବା ଚଟାଣକୁ ବୁଝାଇଥାଏ। ଏହାକୁ ଆଗରୁ କୌଣସି ସ୍ୱତନ୍ତ୍ର ସ୍ଥାନରେ ସ୍ଥାପନ କରାଯାଉଥିଲା। ପ୍ରସ୍ତର ଯୁଗର ଏଭଳି ମୋନୋଲିଥ୍ ଅନେକ ସ୍ଥାନରୁ ମିଳିଛି। କିନ୍ତୁ ଏବେ ଦେଖାଯାଉଥିବା ରହସ୍ୟମୟୀ ମୋନୋଲିଥ୍ ଚମକୁଥିବା ଧାତୁର ବୋଲି ଜଣାଯାଏ।

## ବଡ଼ ମୁହଁଥିବା ମହିଳା

**ନୂଆଦିଲ୍ଲୀ:** ସାଧାରଣଠାରୁ ବଡ଼ ମୁହଁ ଥିବାରୁ ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି ଷ୍ଟାନଫୋର୍ଡର ସାମନ୍ଥା ରାମ୍ସଡେଲ୍। ୩୦ ବର୍ଷର ଏହି ମହିଳା ବିଶ୍ୱର ସବୁଠୁ ବଡ଼ ମୁହଁ ଥିବା ମହିଳା ପୁରସ୍କାର ବି ପାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ବଡ଼ ମୁହଁ ପାଇଁ ସାମନ୍ଥା ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରନ୍ତି। ସୋସିଆଲ ମିଡିଆରେ ତାଙ୍କର ଗୋଟିଏ ଭିଡିଓ ପାଇଁ ତାଙ୍କୁ ୧୧ ଲକ୍ଷ ଟଙ୍କା ମିଳିଥାଏ। ତାଙ୍କର ୭ ଲକ୍ଷ ୪୦ ହଜାର ଫଲୋଅର ଅଛନ୍ତି।

## ପାଟିରେ ଆଙ୍କୁଛନ୍ତି ଚିତ୍ର



**ତେଲେଙ୍ଗାନା:** ମାତ୍ର ୯ ବର୍ଷର ପିଲାଟିଏ। ହାତ ନାହିଁ କି ଗୋଡ଼ ନାହିଁ, କିନ୍ତୁ ସୁନ୍ଦର ପେଣ୍ଟିଂ ତିଆରି କରି ସେ ଏବେ ସମସ୍ତଙ୍କୁ ପ୍ରଭାବିତ କରି ପାରିଛନ୍ତି। ଆଉ ସେ ଚିତ୍ର ସବୁ ଆଙ୍କନ୍ତି ପାଟିରେ। ତେଲେଙ୍ଗାନାର ମେଡକ ଜିଲାର ୯ ବର୍ଷର ବାଳକ ମଧୁ କୁମାର ଏବେ ତାଙ୍କର କଳା ପ୍ରତିଭା ପାଇଁ ସବୁଆଡ଼େ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ପ୍ରାୟ ବର୍ଷକ ଏକ ଦୁର୍ଘଟଣାରେ ହାତ ହରାଇଥିବା ମଧୁ କଳା ପ୍ରତି ଆକୃଷ୍ଟ ହୋଇ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ଆଉ ଏହି କାମରେ ତାଙ୍କର ଗୁରୁ ପାଲଟିଥିଲେ ଚିତ୍ରକର ସମୁଦ୍ରାଳ ହର୍ଷ। ଜଣେ ପ୍ରକୃତ ଗୁରୁଙ୍କ ତତ୍ତ୍ୱାବଧାନରେ ରହି ମଧୁ ଧୀରେ ଧୀରେ ସୁନ୍ଦର ଚିତ୍ର ସବୁ ଆଙ୍କିବାକୁ ଲାଗିଲେ। ଷଷ୍ଠ ଶ୍ରେଣୀର ଏହି ଛାତ୍ର ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHREE LAXMI UDYAG
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

NEA YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିଜ ଫଟୋ ଜାଳି ନୂଆବର୍ଷ ପାଳନ

**ଇକ୍ୱେଡର:** ନିଆରା ଢଙ୍ଗରେ ୨୦୨୧ ବର୍ଷକୁ ସ୍ୱାଗତ କରିଛନ୍ତି ଇକ୍ୱେଡୋର ବାସୀ। ସବୁ ବର୍ଷ ପରି ଏଠାକାର ଲୋକମାନେ ନିଜର ପୁରୁଣା ଫଟୋକୁ ଜାଳି ନୂଆବର୍ଷ ପାଳନ କରିଛନ୍ତି। ନିଆରା ଢଙ୍ଗରେ ନବବର୍ଷ ପାଳନ ତାଲିକାରେ ସାମିଲ ହୋଇଛନ୍ତି ଆଉ କେତେକ ଦେଶ। ଡେନ୍‌ମାର୍କବାସୀ ପ୍ଲେଟ୍ ଭାଙ୍ଗି ନୂଆ ବର୍ଷ ପାଳିଥିବାବେଳେ ଇଟାଲିରେ ଘର ଝରକା ଏବଂ ବାଲ୍‌କୋନିରୁ ଫର୍ନିଚର ଫିଙ୍ଗି ପରମ୍ପରା ବଜାୟ ରଖିଛନ୍ତି। ମେକ୍ସିକୋ, ବୋଲିଭିଆ ଏବଂ ବ୍ରାଜିଲ ପରି ଦକ୍ଷିଣ ଆମେରିକାରେ ରଙ୍ଗିନ ଅନ୍ତଃବସ୍ତ୍ର ପିନ୍ଧି ଉତ୍ସବ ପାଳିଛନ୍ତି। ନୂତନ ବର୍ଷ ଅବସରରେ ଗୋରୁଙ୍କ ସହିତ କଥା ହୋଇଥାନ୍ତି ରୋମାନିଆ କୃଷକ। ସେମାନଙ୍କ ବିଶ୍ୱାସ ରହିଛି ଯେ, ଏଭଳି କରିବା ଦ୍ୱାରା ଗତ ବର୍ଷ ସେମାନଙ୍କ ସହ ଯାହା ଖରାପ ହୋଇଛି ତାହା ଶେଷ ହୋଇଯିବ ଏବଂ ଆଗକୁ ସେମାନେ ସୁଖମୟ ଜୀବନଯାପନ କରିପାରିବେ।




## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୫।୧୯୨୩
ତିରୋଧାନ: ୧୬।୧୨।୨୦୧୬

ଏହା ଭିତରେ ଚାରିବର୍ଷ ଅତୀତ, ତୁମ ସ୍ମୃତି ଆମ ପାଇଁ ଜୀବନ୍ତ। ତୁମର ସଚ୍ଚୋଟତା, ଦୃଢ଼ତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଦର୍ଶ ଆମପାଇଁ ପ୍ରେରଣା ଓ ଶକ୍ତିର ଉତ୍ସ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ।

ଶୋକସନ୍ତପ୍ତ
ପୁତ୍ର: ମନ୍ମଥ ଛୋଟରାୟ(ମନ), ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

ଧ-୭୦୪୦୨

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବିଦ୍ୟୁଲତା ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୧୯।୦୫।୧୯୩୪
ତିରୋଧାନ: ୧୪।୧୨।୨୦୧୫

ଏହା ଭିତରେ ପାଞ୍ଚବର୍ଷ ଅତୀତ, ତୁମ ସ୍ମୃତି ଆମପାଇଁ ଜୀବନ୍ତ। ତୁମଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ପୁଅ: ମନ୍ମଥ ଛୋଟରାୟ(ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

ଧ-୭୦୪୦୧

## ଖିଲିଖିଲି ହସ

ମକରା– ଭାଉଜଙ୍କ ନାଁ କଣ ?
ଚକରା– ଗୁଗୁଲ ପଣ୍ଡା ।
ମକରା– ଗୁଗୁଲ୍ ! ଆରେ ଇଏ କି ନାଁ ?
ଚକରା– ଏଇଥିପାଇଁ କାରଣ ତାଙ୍କୁ ଗୋଟେ କଥା ପଚାରିଲେ ସେ ଦଶଟା ଉତ୍ତର ଦିଅନ୍ତି ।

-----

ସାଣ୍ଟା– ତୋ ବାପା ଟେଲର ଆଉ ତୋ ସାର୍ଟ ଚିରିଯାଇଛି । ବଡ଼ ଲାଜ କଥା...
ବାଣ୍ଟା– ୟା ଠୁ ବି ବଡ଼ ଲାଜ କଥା ହେଉଛି ତୋ ବାପା ଜଣେ ଡେଣ୍ଟିଷ୍ଟ କିନ୍ତୁ ତୋ ସାନ ଭାଇ ବିନା ଦାନ୍ତରେ ଜନ୍ମ ହେଇଛି ।

-----

ପୁଅ– ବାପା ଆଜି ମତେ କାର୍ ଚାବି ଦିଅ ମୁଁ କଲେଜ ଫଙ୍କସନ୍‌କୁ ଯିବି ।
ବାପା– କାହିଁକି ?
ପୁଅ– କାହିଁକିନା ୧୦ ଲକ୍ଷ ଟଙ୍କାର କାର୍‌ରେ ଗଲେ ମୋର ସମ୍ମାନ ବଢ଼ିଯିବ ।
ବାପା– ଏଇ ନେ ୧୦ ଟଙ୍କା, ୨୦ ଲକ୍ଷ ଟଙ୍କିଆ ବସ୍‌ରେ ଗଲେ ଆହୁରି ସମ୍ମାନ ବଢ଼ିଯିବ ।

## ମତାମତ

➡ବର୍ଷର ଶେଷ ପିଲାଙ୍କ ଧରିତ୍ରୀ ପୃଷ୍ଠା ବହୁତ ଭଲ ଲାଗିଲା ।
*–ନମିତା ପ୍ରିୟଦର୍ଶୀନୀ ସାହୁ, ବାଳକାଟି, ଆଳି , କେନ୍ଦ୍ରାପଡା*

➡ଆଇନାରେ କୁନି କୁନି ପିଲାଙ୍କ ଫଟୋ ସବୁ ବେଶ୍ ସୁନ୍ଦର ଲାଗିଲା । ଏକାବେଳକେ ପିଲାମାନଙ୍କର ଫଟୋକୁ ଦେଖି ବହୁତ ଭଲ ଲାଗୁଥିଲା ।
*–ରବି ନାରାୟଣ ପଣ୍ଡା, ବଳିଆପଣ୍ଡା, ପୁରୀ*

➡ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କୁନି କୁନି ପ୍ରତିଭାଙ୍କୁ ଏକାଥରକେ ପୁଣି ଥରେ ମନେ ପକାଇବାର ସୁଯୋଗ ଏଥର ମିଳି ପାରିଥିଲା ।
*–ବୀରଭଦ୍ର ସାହୁ, ନିଶ୍ଚିନ୍ତ କୋଇଲି, କଟକ*

➡ପିଲାଙ୍କ ଧରିତ୍ରୀ ପୃଷ୍ଠା ରଙ୍ଗୀନ ହୋଇଥିବାରୁ ସବୁ ଫଟୋଗୁଡ଼ିକ ସୁନ୍ଦର ଲାଗୁଥିଲା ଏବଂ ସେମାନଙ୍କ ସମ୍ପର୍କରେ ଦିଆଯାଇଥିବା ଖବର ପଢିବାକୁ ଭଲ ଲାଗିଲା ।
*–ଭିକାରୀ ଚରଣ ବେହେରା, ସାସୋଳ ,ନଖରା, କଟକ*

## ଆଇନା



ଦିବ୍ୟାଂଶୀ
୮ବର୍ଷ

## କବିତା



### ଗାଇବା ନୂଆ ଗୀତ

କହିଲା କୁନା ଶୁଣଲୋ କୁନି
ନୂଆ ବରଷ ଆସିଲା
ନୂଆ ସୂରୁଜ କିରଣ ବୁଣେ
ଧରା ଝଲସି ଉଠିଲା ।
ପୂରୁବ କଥା, ପୂରୁବ ରାଗ
ମନୁ କରିବା ଦୂର
ନୂଆ କାମରେ ଆଗେଇ ଯିବା
ହୋଇଣ ଆଗଭର ।
ବାବା ମାମାଙ୍କୁ ପ୍ରଣାମ କରି
ପାଠ ପଢ଼ିବା ଆମେ
ନାଚି ନାଚିକା ହସି ହସିକା
ଖେଳିବା ଖୁସି ମନେ ।
ସତ୍ୟ ପଥରେ ଚାଲିବା ସବୁ
ଆଗେଇ ଆସ ମିତ
ସ୍ୱଚ୍ଛ ମନରେ ହାତ ମିଳାଇ
ଗାଇବା ନୂଆ ଗୀତ ।

**–କବିତା ମିଶ୍ର**
ନୀଳାଦ୍ରି ବିହାର, ଭୁବନେଶ୍ୱର

### ନୂଆ ବରଷ ଦେଉ ପୁଲକ

ଦୁଇ ହଜାର କୋଡିଏ ହେ
ହୁଅ ନାହିଁ ବିରସ
ଆମ ସୁଖ ଦୁଃଖ ସାଥୀ
ଥିଲା ଏକ ବରଷ ।
ଗତ ବର୍ଷ ବାତ୍ୟା ଆଉ
ମହାମାରୀ କରୋନା
ଗୁରୁଜନ ପରି ଦେଲା
ଶିକ୍ଷା ସଦଭାବନା ।
କମ୍ ଖର୍ଚ୍ଚେ ଚଳିବାଟା
ମନେ ଦେଲା ସନ୍ତୋଷ
ଘର ରନ୍ଧା ସତେ କେତେ
ଲାଗୁଥିଲା ସରସ ।
ଭୋଜି ଭାତ
ମହୋତ୍ସବ, ମେଳା
ହେଲା ସ୍ଥଗିତ
ପରିବାର ସହ ରହି
ଖୁସି ଥିଲୁ ବହୁତ ।
ନୂଆ ବର୍ଷ ଆସିଲାଣି
ସକାଳ କିରଣରେ
ନୂଆ ଆଶା ନୂଆ ବାର୍ତ୍ତା
ଧରିଣ ଆଞ୍ଜୁଳିରେ ।

**–ସବିତା ମଞ୍ଜରୀ ଦାଶ,**
୭/ଡି, ୧୩୧୦,
ସେକ୍ଟର–୯, ସିଡିଏ, କଟକ

### ସ୍ୱାଗତ ନବବରଷ

ପୁରାତନକୁ ବିଦାୟ ଦେଇ
ନବବରଷ ଆସେ,
ପୂର୍ବ ଆକାଶେ ରଙ୍ଗିନ କରି
ନବୀନ ସୂର୍ଯ୍ୟ ହସେ ।
ଦେବାଳୟରୁ ଭାସି ଆସୁଛି
ଘଣ୍ଟ ଘଣ୍ଟିର ଧ୍ୱନି,
ଶଙ୍ଖ ଶବଦେ ନବବର୍ଷକୁ
ଜଣାଇ ଆବାହନୀ ।
ସ୍ୱାଗତ ଘେନ ହେ ଏକବିଂଶ
ଧରାପୃଷ୍ଠକୁ ଆସ,
ତବ ପରଶେ ନିଭାଇ ଦିଅ
ବିଂଶ ବରଷ କ୍ଲେଶ ।
ତବ ଆଶିଷେ ଦୂରେଇ ଯାଉ
କରୋନା ମହାମାରୀ,
ଆଶ୍ୱସ୍ତ ହେଉ ନିଖିଳ ବିଶ୍ୱ
ସାନ୍ତ୍ୱନା ଦିଅ ଭରି ।
ନବ ଭାବନା, ନବ ଚେତନା
ନବ ସାଧନା ସାଥେ
ଉଦ୍‌ବୁଦ୍ଧ ହୋଇ ମାନବ ଜାତି
ଚଳୁ ଆଦର୍ଶ ପଥେ ।
ଦ୍ୱିସହସ୍ର ଏକବିଂଶ ବରଷ
ଘେନ ଅଭିନନ୍ଦନ,
ବରଷ ସାରା ହସି ହସାଇ
ତୋଷ ସବୁରି ମନ ।

***–ମାଧବୀଲତା ଦେଈ***
*କନପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ନିମାପଡ଼ା, ପୁରୀ*

### ନୂଆଁବର୍ଷ ମୁହିଁ କହୁଛି ଶୁଣ

ନୂଆଁବର୍ଷ ମୁହିଁ କହୁଛି ଶୁଣ
ହୃଦୟ ବେଦିରେ ଅହିଂସା ବୁଣ
ଅଭିମାନ ଈର୍ଷା ନ କର କେହି
ସରଳତା ଗୁଣ ହୃଦୟେ ନେଇ
ସଭିଙ୍କୁ ଆଦର କର,
ମନ୍ଦଗୁଣ ତୁମେ ତେଜରେ ସଭିଏ
ଭଲଗୁଣଟିକୁ ଧର ।
ଆଳସ୍ୟ ଗୁଣକୁ କରରେ ତ୍ୟାଗ
କର୍ମଠ ହୋଇକି ଜୀବନ ଜାଗ
ପରଧନେ ମନ ନବଳା କେବେ
କେତେଦିନ ତୁହି ରହିବୁ ଭବେ
ଗୁଣଟି ଅଟଇ ବଡ଼
ସତଗୁଣ କେବେ ହୃଦୁ ନ ଛାଡ଼ିବୁ
ଆସୁ ବନ୍ୟା ବାତ୍ୟା ଝଡ଼ ।
ବିପତ୍ତି ଦୁର୍ଗତି ଆସିଲେ ଜୀବନେ
ନୁଆଁଇବୁ ନାହିଁ ମଥା ।

***–ଅଶୋକ କୁମାର ପ୍ରଧାନ,***
*ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ*

### ନବ ବରଷ

ଆସିଅଛି ନବ ବରଷ
ସବୁରି ଓଠରେ ହସର ପସରା
ଭରିଅଛି ମନେ ହରଷ ।
ବିଗତ ବରଷ ଗଲାଣି
ଦୁଃଖ ଶୋକ ରାଗ ମାନ ଅଭିମାନ
ମନରୁ ନେଲାଣି ମେଲାଣି ।
ନୂଆ ଆଶା ନୂଆ ସପନେ
ମନେ ଭରି ନୂଆ ଚାରାଟିଏ ଦେଖ
ମାଟିରୁ ଚାହୁଁଛି ଗୋପନେ ।
ବିଭୁ ପଦେ ରଖ ଆସରା
ପ୍ରଭୁ ଜଗନ୍ନାଥ ନୂତନ ବର୍ଷରେ
ଭରିଦେବେ ସୁଖ ପସରା ।

***–ତପନ କୁମାର ସ୍ୱାଇଁ,*** *ଅଇବିଳି, ତିର୍ତ୍ତୋଲ, ଜଗତ୍‌ସିଂହପୁର*

### ନୂଆ ବରଷ ତ ଆସିଲାଣି

ପୂରୁବ ଆକାଶେ ଫୁକିଆ ତାରାଟା
ଫିକା ଫିକା ପରା ଦିଶିଲାଣି,
ଅନ୍ଧକାର ଭରା ସସାଗରାଧରା
ଆଲୋକରେ ଦେଖ ପୂରିଲାଣି ।
ଶୀତଳ ସମୀର ଗାଇଲାଣି ଗୀତ
ପକ୍ଷୀର କାକଳି ଶୁଭିଲାଣି,
ଅଳସୀ ରାତିର ଗହଳ ନିଦଟା
ଧୀରେ ଧୀରେ ଦେଖ ଭାଙ୍ଗିଲାଣି ।
ନୂଆ ବରଷର ନୂଆ ସପନରେ
ମନ ପରାଣତ ହସିଲାଣି,
ମାଟି ଅଗଣାରେ ମହମହ ବାସେ
ନାନା ଜାତି ଫୁଲ ଫୁଟିଲାଣି ।
ନୂଆ ସକାଳର ନୂଆ ବଇଭବ
ଦେଖରେ ମାଟିକୁ ଛୁଇଁଲାଣି
ସେନହ, ମମତା, ଶରଧା ଝଲକେ
ଝଲମଲ ଧରା ଦିଶିଲାଣି
ନୂଆ ବରଷତ ଆସିଲାଣି ।

**–ଶରତ କୁମାର ଦାସ**
ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର

## ଗିନିଜ୍ ୱାର୍ଲ୍ଡ ରେକର୍ଡ



### ସବୁଠୁ ବଡ଼ ହଟ୍‌ଡଗ୍ ଟ୍ରଲି

ପିଲାମାନେ ତୁମେ ତ ଜାଣିଛ ଆମେରିକା ଲୋକଙ୍କ ପସନ୍ଦର ଖାଦ୍ୟ ହଟ୍‌ଡଗ୍ ପ୍ରାୟତଃ ଏକ ଟ୍ରଲି ଉପରେ ହିଁ ତିଆରି ହୋଇଥାଏ । କିନ୍ତୁ ତମେମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବ କି ଆମେରିକାର ଜଣେ ସେଫ ବିଶ୍ୱର ସବୁଠୁ ବଡ଼ ହଟ୍‌ଡଗ୍ ଟ୍ରଲି ତିଆରି କରି ଗିନିଜ୍ ରେକର୍ଡ କରିଛନ୍ତି । ଏହି ସେଫଙ୍କ ନାଁ ହେଉଛି ମାର୍କସ ଏବଂ ତାଙ୍କୁ ଏବେ ହଟ୍‌ଡଗ୍ ମ୍ୟାନ୍ ମଧ୍ୟ କୁହାଯାଉଛି । ୪୪ ବର୍ଷୀୟ ମାର୍କସ ଏବେ ଆମେରିକାର ମସୌରୀରେ ରହୁଛନ୍ତି । ରେକର୍ଡ କରିଥିବା ଏହି ହଟ୍‌ଡଗ୍ ଟ୍ରଲିର ଚଉଡା ୯ ଫୁଟ ୩ ଇଞ୍ଚ ଏବଂ ଲମ୍ବ ୨୩ ଫୁଟ ୨ ଇଞ୍ଚ । ଏହାର ଉଚ୍ଚତା ୧୨ ଫୁଟ ୨.୭୫ ଇଞ୍ଚ । ଟ୍ରଲି ଚକର ବ୍ୟାସ ୬ ଫୁଟ ୧.୫ ଇଞ୍ଚ । ଏହି ଟ୍ରଲିରେ ଏବେ ୩୩ ପ୍ରକାରର ହଟ୍‌ଡଗ୍ ତିଆରି କରାଯାଉଛି । ଏଥିରେ ବଡ଼ ଆକାରର ବ୍ରେଡ, ବଡ଼ ଶସ୍ ବଟଲ୍ସ, ବଡ ମସାଲେଦାନିଆ ରଖାଯାଇଛି । ତେବେ ମାର୍କସଙ୍କର ଟ୍ରଲି ଏବେ ଏତେ ଲୋକପ୍ରିୟ ହୋଇଛି ଯେ ସେ ତାହାକୁ ଏକ ରେଷ୍ଟୁରାଣ୍ଟରେ ରୂପାନ୍ତରିତ କରି ଦେଇଛନ୍ତି ।

## କହିଲ ଦେଖି



ଏମିତି ବାଘ ସେ ଛାଡେନି ଘର
ଖାଏନି ମଣିଷ ପିଏ ସେ କ୍ଷୀର
ମା’ ନ ଦେଖିଲେ ମାଉସୀ ଦେଖ
ସଫା ସୁତୁରା ତା’ ଠାରୁ ଶିଖ
କୁକୁରକୁ ସିଏ ପ୍ରବଳ ଡରେ
କହିକି ପାରିବ ତା’ ନାଁଟି ଥରେ ।
**ଉତ୍ତର : ବିଲେଇ**



ଅଧା ଫୁଲ ମୁଁ ଅଧା ଫଳ
ହେଲେ ତୋଳା ହୁଏନି ଗଛରୁ
ଡଉଲ ଡାଉଲ ଖଇର ରଙ୍ଗ ମୋ
ଝରେ ରସ ମୋ ଦେହରୁ
ଯିଏ କହିଦେବ ନାମଟି ମୋର
ଦେବି ତା’କୁ କିଛି କରି ବିଚାର ।
**ଉତ୍ତର : ଗୋଲାପ ଜାମୁ**

ଲାଞ୍ଜ ଅଛି ହେଲେ ଡେଣା ନାହିଁ
ଆକାଶରେ ଉଡେ ପାଇଁ ପାଇଁ
ଏହାର ଉତ୍ତର କହିବ ଯିଏ
ମକର ଚାଉଳ ଖାଇବ ସିଏ ।
ଉତ୍ତର –ଗୁଡ଼ି



*–ରାମଚନ୍ଦ୍ର ପ୍ରଧାନ*
*ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ*

## ତୁଳୀ ତୁଳୀରୁ






**ଗାର୍ଗୀ ଦାଶ**
କ୍ଲାସ–୫, ଲୟୋଲା ସ୍କୁଲ, ଭୁବନେଶ୍ୱର






**ରାଧେଶ ବିଶ୍ୱାଳ**
କ୍ଲାସ–୨, ସାଉଥ୍ ପଏଣ୍ଟ ସ୍କୁଲ, କୋଲକାତା–୧୯






**ରିୟାନ୍ସ ପଣ୍ଡା,** କ୍ଲାସ–୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ, ବାଙ୍ଗାଲୋର

## ଟଗଲା ଭୀମୁ




ରୁଷ ଦେଶର ଲୋକକଥା

## ବ୍ୟାଗ ଭିତରେ ଶୀତ

ବହୁ ବର୍ଷ ପୂର୍ବେ ରୁଷ ଦେଶରେ ଜଣେ ଫକିର କାନ୍ଧରେ ଓହଳେଇ ଥିବା ବ୍ୟାଗ ଭିତରେ ସବୁ ପ୍ରକାର ଋତୁକୁ ଧରି ଗାଁ ସହର ସବୁଆଡେ ବୁଲୁଥିଲେ । ଈଶ୍ୱର ତାଙ୍କୁ ଋତୁ ବିତରଣ କାର୍ଯ୍ୟ ସମର୍ପି ଥାଆନ୍ତି । କିନ୍ତୁ କେଉଁ ମାସ ଅନୁସାରେ କେଉଁ ଋତୁ ବିତରଣ କରିବେ ସେକଥା ଜଣାଇ ନ ଥାନ୍ତି । ତେଣୁ ଲୋକଙ୍କ ମନ ମୁତାବକ ଯେତେବେଳେ ଯିଏ ଯେଉଁ ପ୍ରକାର ଋତୁ ମାଗିଲା ବ୍ୟାଗରୁ ବାହାର କରି ଦେଇ ଦିଅନ୍ତି । ଗ୍ରୀଷ୍ମ ଦିନରେ କେହି ଶୀତ ଋତୁ ମାଗିଲେ ତାଙ୍କୁ ଶୀତ ଋତୁ ମିଳିଯାଏ । କେହି ଶୀତ ଦିନରେ ବସନ୍ତ ଋତୁ ମାଗିଲେ ତାହା ବି ମିଳିଯାଏ । ତେଣୁ ବର୍ଷକର ଛଅ ଋତୁ ଠିକଭାବେ ସମସ୍ତଙ୍କଠାରେ ଉପଲବ୍ଧ ହୁଏନାହିଁ । ସମସ୍ତେ ନିଜ ନିଜ ଇଚ୍ଛା ଅନୁସାରେ ଫକିରଙ୍କଠାରୁ ଋତୁ ମାଗିନେଇ ଜୀବନକୁ ଆରାମ ଦାୟକ ଭାବେ ବିତାନ୍ତି । ହେଲେ ଏଥିପାଇଁ ମାସ ବଡ଼ ଅସୁବିଧାରେ ପଡେ । ତା’ର ନିୟମାନୁଯାୟୀ ଯେଉଁ ସମୟରେ ଲୋକମାନଙ୍କୁ ଗ୍ରୀଷ୍ମ ଆବଶ୍ୟକ ସେ ସମୟରେ ଶୀତ, ଯେଉଁ ସମୟରେ ବର୍ଷା ହେବା କଥା ସେ ସମୟରେ ବସନ୍ତ ଋତୁ ହେଉଥିବା ଜାଣି ତା’ ନିୟମରେ ବାଧା ସୃଷ୍ଟି ହୁଏ ।

ଏଥିପାଇଁ ସେ ଫକିର ଉପରେ ଅଭିମାନ ଓ ରାଗରେ ଜଳିଯାଏ । କିନ୍ତୁ ଫକିରର କୌଣସି ଅନିଷ୍ଟ କରିପାରେ ନାହିଁ । କାରଣ ଫକିର ଜଣେ ସିଦ୍ଧ ପୁରୁଷ ଥାଆନ୍ତି । ସେଥିପାଇଁ ଈଶ୍ୱରଙ୍କ ଆଜ୍ଞା ମାନି ଲୋକଙ୍କ ନିମନ୍ତେ କାର୍ଯ୍ୟ କରନ୍ତି । ଫକିର ଦିନେ ରାସ୍ତାରେ ଯାଉଥିବା ବେଳେ ହଠାତ ଡିସେମ୍ବର ମାସ ସହିତ



ଦେଖା ହୋଇଗଲା । ଦୁହେଁ ଦୁହିଁଙ୍କୁ ଅଭିବାଦନ କରିବା ପରେ ଡିସେମ୍ବର ମାସ ଅଭିଯୋଗ ଢଙ୍ଗରେ କହିଲା, ‘‘ତୁ ଜାଣୁ ଆଗକୁ କ୍ରିସ୍‌ମାସ୍ ଆସୁଛି । ସେଥିପାଇଁ ସାରା ସଂସାରରେ ପ୍ରବଳରୁ ପ୍ରବଳ ଶୀତ ପଡିବା ଆବଶ୍ୟକ । ହେଲେ ତୁ ତ ଲୋକଙ୍କ ମନ ମୁତାବକ ଋତୁ ବିତରଣ କରି ଚାଲିଛୁ । ଯିଏ ଯେମିତି ଋତୁ ମାଗୁଛି ଦେଇ ଦେଉଛୁ । ଶୀତ ପରିବର୍ତ୍ତେ ବର୍ଷା, ଗ୍ରୀଷ୍ମ ପରିବର୍ତ୍ତେ ଶୀତ ଏଇଭଳି ଅଦଳବଦଳ କରି ଋତୁ ବିତରଣ କଲେ ଋତୁର ପ୍ରକୃତ ପ୍ରଭାବ ଲୋକମାନେ କ’ଣ ଠିକଭାବେ ଜାଣି ପାରିବେ ? ଯେପର୍ଯ୍ୟନ୍ତ ହାଡ଼ଥରା ଶୀତ ପଡିନାହିଁ କି ବରଫ ପଡ଼ିନାହିଁ । ଲୋକମାନେ କ୍ରିସ୍‌ମାସ ଉତ୍ସବ କେମିତି ପାଳନ କରିବେ ? ସେ ତ ତା’ ହରିଣ ଟଣା ଗାଡ଼ିରେ ବସି ବରଫ ଉପରେ ଆସେ । ସେଥିପାଇଁ ସାରା ଦୁନିଆରେ ଏଇ ମାସ ଅତ୍ୟଧିକ ଶୀତ ହେବା ନିହାତି ଆବଶ୍ୟକ । ପ୍ରକୃତି, ଋତୁ ଓ ମାସ ଅନୁଯାୟୀ ଏ ସଂସାର ଗଢ଼ା । ତେଣୁ ତୁ ଆଉ ଋତୁ ବିତରଣ ନ କରି ଏଠାରୁ ଚାଲିଯାଆ ।’’

ଋତୁକୁ ମାସ ହିସାବରେ ଚାଲିବାକୁ ହେବ । ତା’ ବ୍ୟାଗରୁ ବାହାରୁ ଥିବା ଋତୁଗୁଡ଼ିକ ଦ୍ୱାରା ନୁହେଁ । ଏକଥା ଡିସେମ୍ବର ମାସଠାରୁ ଜାଣିବା ପରେ ଫକିର ନିଜ ଭୁଲ୍‌କୁ ସୁଧାରିବା ପାଇଁ କାନ୍ଧରେ ଓହଳାଇ ଥିବା ବ୍ୟାଗକୁ ଦରିଆରେ ଫିଙ୍ଗିଦେଲା । ତା’ପରେ ଋତୁ ଓ ମାସ ସହିତ ବନ୍ଧୁତ୍ୱ ହୋଇଗଲା । କ୍ରମଶଃ ମାସ ହିସାବରେ ଋତୁ ପଡିଲା ଓ ଲୋକମାନେ ଋତୁଚକ୍ର ମୁତାବକ ଜୀବନ ବିତାଇଲେ ।

***–ସୁଧାଂଶୁ ଶେଖର ଦ୍ୱିବେଦୀ***
*ବିସି–୭୪, ସଲଟ ଲେକ, କୋଲକାତା–୬୪*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜାନୁଆରୀ ୨/୨୦୨୧ Bhubaneswar, Saturday, January 2/ 2021

# ନଟରାଜନ, ଶାର୍ଦ୍ଦୁଳଙ୍କୁ ସୁଯୋଗ



ଟି. ନଟରାଜନ



ଶାର୍ଦ୍ଦୁଳ ଠାକୁର

**ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ**

ମେଲବୋର୍ନ, ୧।୧(ପି.ଟି.)

ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜର ଅବଶିଷ୍ଟ ୨ଟି ମ୍ୟାଚ ପାଇଁ ୟର୍କର ସ୍ପେଶାଲିଷ୍ଟ ଥଙ୍ଗାରାସୁ ନଟରାଜନ ଓ ଶାର୍ଦ୍ଦୁଳ ଠାକୁରଙ୍କୁ ସୁଯୋଗ ମିଳିଛି। ଆହତ ଉମେଶ ଯାଦବଙ୍କ ସ୍ଥାନ ନେଇଛନ୍ତି ନଟରାଜନ। ସେହିପରି ମହମ୍ମଦ ଶାମିଙ୍କ ସ୍ଥାନରେ ଶାର୍ଦ୍ଦୁଳଙ୍କୁ ସାମିଲ କରାଯାଇଛି। ମେଲବୋର୍ନରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟର ୩ୟ ଦିବସରେ ଉମେଶଙ୍କ ଗୋଡ଼ ପୁଟିଆ ମାଂସପେଶୀ ଟାଣି ଧରିଥିଲା। ଆଗାମୀ ୨ ଟେଷ୍ଟ ଅବଧି ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ସମ୍ଭାବନା କମ୍ ରହିଛି। ତେଣୁ ସେ ସିରିଜରୁ ଓହରି ଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ତେଣୁ ଜାତୀୟ ସିନିୟର ଚୟନ କମିଟି ତାଙ୍କ ବଦଳ ଖେଳାଳିଭାବେ ନଟରାଜନଙ୍କୁ ବାଛିଛନ୍ତି। ସେହିପରି ଡାହାଣ ହାତ ଭାଙ୍ଗିଥିବାରୁ ଶାମି ଓହରି ଯାଇଥିବାରୁ ତାଙ୍କ ସ୍ଥାନରେ ଶାର୍ଦ୍ଦୁଳଙ୍କୁ ନିଆଯାଇଛି ବୋଲି ସେ କହିଛନ୍ତି। ଆହତ ଅବସ୍ଥାରୁ ମୁକୁଳିବାପାଇଁ ଉଭୟ ଉମେଶ ଓ ଶାମି ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଚିକିତ୍ସିତ ହେବେ।

୨୯ ବର୍ଷୀୟ ନଟରାଜନ ଜଣେ ନେଟ୍ ବୋଲରଭାବେ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। ପରେ ସେ ଦିନିକିଆ ଓ ଟି୨୦ ଦଳରେ ସାମିଲ ହେବାର ପରିସ୍ଥିତି ସୃଷ୍ଟି ହୋଇଥିଲା। ୨ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚରେ ସେ ପ୍ରଭାବୀ ପ୍ରଦର୍ଶନ କରି ୮ଟି ଉଇକେଟ ନେଇଥିଲେ। ତାମିଲନାଡୁ ପକ୍ଷରୁ ୨୦ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିଥିବା ନଟରାଜନ ଏବେ ଟେଷ୍ଟ ଦଳରେ ସାମିଲ ହେବାର ସୌଭାଗ୍ୟ ପାଇଛନ୍ତି। ରୋହିତ ଶର୍ମା କ୍ୱାରାଣ୍ଟାଇନ୍ ଅବଧି ଶେଷ କରିବାପରେ ଦଳରେ ଯୋଗ ଦେଇଛନ୍ତି। ସିରିଜ ୧-୧ ସ୍ଥିତିରେ ଥିବାବେଳେ ତୃତୀୟ ଟେଷ୍ଟ ଚଳିତମାସ ୭ ତାରିଖରେ ସିଡ୍‌ନୀରେ ଆରମ୍ଭ ହେବ।

ଭାରତୀୟ ଦଳ: ଅଜିଙ୍କ୍ୟ ରାହାନେ (ଅଧିନାୟକ), ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ', ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ଶୁବମନ ଗିଲ୍, ଋଦ୍ଧିମାନ ଶାହା, ଋଷଭ ପନ୍ତ, ଯଶପ୍ରୀତ୍ ବୁମ୍‌ରା, ନଭଦୀପ ସଇନି, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ଟି. ନଟରାଜନ।

## ରୋହିତ ଉପ ଅଧିନାୟକ



**ନୂଆଦିଲ୍ଲୀ, ୧।୧(ପି.ଟି.):** ସିନିୟର ଓପନର ରୋହିତ ଶର୍ମା କ୍ୟାରିୟରରେ ପ୍ରଥମଥରପାଇଁ ଭାରତୀୟ ଟେଷ୍ଟ କ୍ରିକେଟ ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଚେତେଶ୍ୱର ପୂଜାରାଙ୍କ ସ୍ଥାନରେ ରୋହିତଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ପରେ ନିୟମିତ ଅଧିନାୟକ ବିରାଟ କୋହଲି ପିତୃତ୍ୱ ଛୁଟିରେ ଥିବାବେଳେ ପୂଜାରାଙ୍କୁ ଦ୍ୱିତୟ ଟେଷ୍ଟ ପାଇଁ ଅଜିଙ୍କ୍ୟ ରାହାନେଙ୍କ ଡେପୁଟି ମନୋନୀତ କରାଯାଇଥିଲା। ମାତ୍ର ରୋହିତ ଫିଟ୍ ହେବାପରେ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଏହି ଦାୟିତ୍ୱ ଦେଇଛି। "ବିରାଟଙ୍କ ଅନୁପସ୍ଥିତିରେ ରାହାନେଙ୍କୁ ନେତୃତ୍ୱ ଦାୟିତ୍ୱ ମିଳିବାପରେ କିଏ ଉପଅଧନାୟକ ହେବେ ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇ ନ ଥିଲା। ମାତ୍ର ରୋହିତ ଫିଟ୍ ହେଲେ ତାଙ୍କୁ ଏହି ଦାୟିତ୍ୱ ଦେବବୋଲି ମ୍ୟାନେଜମେଣ୍ଟ ସ୍ଥିର କରିଥିଲା। ସେ ଦ୍ୱିତୀୟ ଟେଷ୍ଟ ପାଇଁ ଉପଲବ୍ଧ ନ ହେବାରୁ ପୂଜାରାଙ୍କୁ ଉପଅଧିନାୟକ କରାଯାଇଥିଲା ବୋଲି ଜଣେ ସିନିୟର ଅଫିସିଆଲ ପ୍ରକାଶ କରିଛନ୍ତି। ରୋହିତ ଦୀର୍ଘଦିନଧରି ଭାରତୀୟ ସୀମିତ ଓଭର କ୍ରିକେଟରେ ଉପଅଧିନାୟକ ଦାୟିତ୍ୱ ତୁଲାଇ ଆସିଛନ୍ତି। ତେଣୁ କୋହଲିଙ୍କ ଅନୁପସ୍ଥିତିରେ ତାଙ୍କୁ ଭାରତୀୟ ଲିଡରଶିପ୍ ଗ୍ରୁପରେ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି। ୧୪ ଦିନିଆ କଷ୍ଟସାଧ କ୍ୱାରାଣ୍ଟାଇନ୍ ସମୟ କଟାଇବାପରେ ରୋହିତଙ୍କୁ ଦଳରେ ଭବ୍ୟ ସ୍ୱାଗତ କରାଯାଇଥିଲା। ତେବେ ଖରାପ ଫର୍ମରେ ଥିବା ମୟଙ୍କ ଅଗ୍ରୱାଲଙ୍କ ସ୍ଥାନରେ ରୋହିତ ଇନିଂସ ଓପନ କରିବେ ନା ସମାନ ପରିସ୍ଥିତିଦେଇ ଗତି କରୁଥିବା ହନୁମା ବିହାରୀଙ୍କ ସ୍ଥାନରେ ସେ ମିଡିଲ ଅର୍ଡରରେ ବ୍ୟାଟିଂ କରିବେ ତାହା ଚୂଡ଼ାନ୍ତ ହୋଇନାହିଁ। ରୋହିତ ୩୨ଟି ଟେଷ୍ଟ ଖେଳି ୪୬ରୁ ଊର୍ଦ୍ଧ୍ୱ ହାରରେ ରନ ସଂଗ୍ରହ କରିଥିବାବେଳେ ୬ଟି ଶତକ ଅର୍ଜନ କରିଛନ୍ତି। ୨୦୧୯ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସର୍ବାଧିକ ୨୧୨ ରନ ସ୍କୋର କରିଥିଲେ। ତୃତୀୟ ଟେଷ୍ଟ ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଭାରତୀୟ ଦଳ ୫ରେ ମେଲବୋର୍ନରୁ ସିଡ୍‌ନୀ ଯିବ।

## ଜାତୀୟ କ୍ୟାମ୍ପ ପାଇଁ ଧନମତୀ ମନୋନୀତ

ଭୁବନେଶ୍ୱର, ୧।୧
(ସ୍ପୋର୍ଟ୍ସ ବ୍ୟୁରୋ)

ସୁନ୍ଦରଗଡ଼ର ଜାଭେଲିନ୍ ଥ୍ରୋୟର ଧନମତୀ ଖେସ୍ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ପଟିଆଲାଠାରେ ଆୟୋଜିତ ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ଗୁଆହାଟୀଠାରେ ଅନୁଷ୍ଠିତ ୨୦୨୦ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ସେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହାୟତା କ୍ରମେ ସେ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ନେଇ ଆସୁଥିଲେ। ଧନମତୀ ଖୁବ୍ ନିକଟରେ ପଟିଆଲାରେ ହେବାକୁଥିବା ଜାତୀୟ କ୍ୟାମ୍ପରେ ଯୋଗ ଦେବେ।



ଧନମତୀ ଖେସ୍




## ଓଡ଼ିଶା ପ୍ରଥମେ ବେଙ୍ଗଲକୁ ଭେଟିବ

**ଭୁବନେଶ୍ୱର, ୧।୧(କ୍ରୀଡ଼ା ପ୍ରତିନିଧି):** ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଖେଳିବାପାଇଁ ଓଡ଼ିଶା ଦଳ ଶୁକ୍ରବାର କୋଲକାତା ଯାତ୍ରା କରିଛି। ଓଡ଼ିଶା ଏଲିଟ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ମ୍ୟାଚ ଗୁଡ଼ିକ ଯାଦବପୁର ବିଶ୍ୱବିଦ୍ୟାଳୟ ପଡ଼ିଆ ଓ ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ହେବ। ଶୁଭ୍ରାଂଶୁ ସେନାପତି ଓଡ଼ିଶା ଦଳର ନେତୃତ୍ୱ ନେବେ। ଓଡ଼ିଶା ୧୦ ତାରିଖରେ ବେଙ୍ଗଲ ସହିତ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଦଳ ୧୨ରେ ହାଇଦ୍ରାବାଦ, ୧୪ରେ ତାମିଲନାଡୁ, ୧୬ରେ ଝାଡ଼ଖଣ୍ଡ ଓ ୧୮ରେ ଆସାମ ବିପକ୍ଷରେ ଖେଳିବ।



ବିରାଟ କୋହଲି ଓ ଅନୁଷ୍କା ଶର୍ମା।

## ନୂଆବର୍ଷ: ପ୍ରଶଂସକଙ୍କୁ କୋହଲି, ଅନୁଷ୍କାଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ, ୧।୧

ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ସ୍ତ୍ରୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ନୂଆବର୍ଷ ପାଇଁ ପ୍ରଶଂସକଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଛନ୍ତି। ଅନୁଷ୍କା ନିଜର ଓ କୋହଲିଙ୍କର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନୂଆବର୍ଷ ସମସ୍ତଙ୍କ ପାଇଁ ଭଲ ପାଇବା, ସୁଖ, ସମୃଦ୍ଧି ଆଣିଦେଉ ବୋଲି ଅନୁଷ୍କା ଫଟୋ କ୍ୟାପ୍‌ଶନରେ ଉଲ୍ଲେଖ କରିଛନ୍ତି।

କୋଭିଡ୍-୧୯ ଟେଷ୍ଟରେ ନେଗେଟିଭ୍ ହୋଇଥିବା କେତେକ ବନ୍ଧୁଙ୍କ ସହ ଦୁହେଁ ସମୟ କାଟିଥିଲେ। କୋହଲି ମଧ୍ୟ ସୋସିଆଲ ମିଡିଆରେ ଏକ ଫଟୋ ଅପ୍‌ଲୋଡ କରିଥିଲେ। ଏଥିରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ସ୍ତ୍ରୀ ତଥା ସର୍ବୀୟ ଅଭିନେତ୍ରୀଙ୍କ ସମେତ ଆଉ କେତେଜଣ ବନ୍ଧୁ ଏକାଠି ଡିନର କରିବାରେ ଦେଖାଯାଇଥିଲା। ବନ୍ଧୁମାନଙ୍କ ସହ ଏକାଠି ସମୟ ବିତାଇଛୁ। ସୁରକ୍ଷିତ ପରିବେଶରେ ବନ୍ଧୁମାନଙ୍କ ସହ ଏକାଠି ହେବାଠାରୁ ବଡ଼ କଥା କିଛି ନାହିଁ ବୋଲି କୋହଲି ଫଟୋ କ୍ୟାପ୍‌ଶନରେ ଉଲ୍ଲେଖ କରିଛନ୍ତି। ନୂଆବର୍ଷ ସମସ୍ତଙ୍କ ପାଇଁ ବହୁତ ଖୁସି, ଆନନ୍ଦ, ଉତ୍ତମ ସ୍ୱାସ୍ଥ୍ୟ ଆଣିଦେଉ। ସମସ୍ତେ ନିରାପଦ ରୁହନ୍ତୁ ବୋଲି କୋହଲି ଶୁଭେଚ୍ଛା ଜଣାଇବା ସହ ଫଟୋ କ୍ୟାପଶନ ଲେଖିଛନ୍ତି।

# ଓଡ଼ିଶା ପାନ୍ଥର୍ସର ଚତୁର୍ଥ ବିଜୟ

**ଟି୨୦ କ୍ରିକେଟ ଲିଗ୍**

ଭୁବନେଶ୍ୱର, ୧।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ପାନ୍ଥର୍ସ ୭ ଉଇକେଟରେ ଟାଇଗର୍ସଙ୍କୁ ପରାସ୍ତ କରିଛି। ଟାଇଗର୍ସ ପକ୍ଷରୁ ଧାର୍ଯ୍ୟ ୧୨୭ ରନର ବିଜୟ ଲକ୍ଷ୍ୟକୁ ପାନ୍ଥର୍ସ ୧୯.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଚଳିତ ପ୍ରତିଯୋଗିତାରେ ପାନ୍ଥର୍ସର ଏହା କ୍ରମାଗତ ଦ୍ୱିତୀୟ ଏବଂ ମୋଟ ୪ର୍ଥ ବିଜୟ। ଏହା ବ୍ୟତୀତ ଏପର୍ଯ୍ୟନ୍ତ ଏକମାତ୍ର ଦଳଭାବେ ପାନ୍ଥର୍ସ ଅପରାଜେୟ ମଧ୍ୟ ରହିଛି। ୪ ମ୍ୟାଚରୁ ୧୬ ପଏଣ୍ଟ ପାଇ ଦଳ ଟେବୁଲର ଶୀର୍ଷରେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଟାଇଗର୍ସ ୪ ମ୍ୟାଚରୁ ୨ ପରାଜୟ ଓ ୨ ବିଜୟ ସହ ୮ ପଏଣ୍ଟ ପାଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଟାଇଗର୍ସ। ଦୁଇ ଓପନର ଆୟୁଷ ନାଏକ ଓ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ଭଲ ଆରମ୍ଭ କରିଥିଲେ ହେଁ ମିଡିଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୨୬ ରନ କରି ପାରିଥିଲା। ଆୟୁଷ ଓ ଦିବ୍ୟଶକ୍ତି ୨୬ ରନ ଲେଖାଏ କରିଥିବାବେଳେ ଅନ୍ୟ ସମସ୍ତେ ଫେଲ୍ ମାରିଥିଲେ। ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କର ପହଞ୍ଚିପାରି ନ ଥିଲେ। ବିପକ୍ଷ ଦଳର ଆଲୋକ ସାହୁ ସର୍ବାଧିକ ୩ଟି, ଶୁଭମ୍ ନାୟକ ୨ଟି ଏବଂ ବସନ୍ତ ମହାନ୍ତି, ଜୟନ୍ତ ବେହେରା ଓ ପ୍ରଦୀପ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟାଇଗର୍ସ ୫ ରନରେ ପ୍ରଥମ ଏବଂ ୩୦ ରନରେ ଦ୍ୱିତୀୟ ଉଇକେଟ ହରାଇଥିଲେ ହେଁ ଅଭିଷେକ ଯାଦବଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ଏବଂ ବିନିତ ମହାନ୍ତିଙ୍କ ଉପଯୋଗୀ ୩୦ ରନ ସହାୟତାରେ ଟାର୍ଗେଟ୍‌ରେ ପହଞ୍ଚି ଯାଇଥିଲା। ୩୬ଟି ବଲ ଖେଳିଥିବା ଅଭିଷେକ ୩ଟି ଲେଖାଏ ଚୌକା ଓ ଛକା ମାରି ସର୍ବାଧିକ ୫୫* ରନ ସ୍କୋର କରିଥିଲେ। ଦଳର ୨ ଖେଳାଳି ରନ୍‌ଆଉଟ ହୋଇଥିବାବେଳେ ପ୍ରତିପକ୍ଷ ଦଳର ସଞ୍ଜୟ ଦାସ ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ଅଭିଷେକ ଯାଦବ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ହକି ଓଡ଼ିଶା ସମ୍ପାଦକ ତଥା ଓସିଏ ସଦସ୍ୟ ପ୍ରତାପ ଶତପଥୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଅଭିଷେକ ଯାଦବଙ୍କୁ ଅତିଥି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଭାରତୀୟ ବୋଲରଙ୍କ ଜାଲରେ କେତେଥର ଫସିଛୁ: ଲାବୁସ୍କାନ

ମେଲବୋର୍ନ, ୧।୧(ପି.ଟି.)

ଗତ ଦୁଇଟି ଟେଷ୍ଟରେ ଆମେ ଭାରତୀୟ ବୋଲରଙ୍କ ଜାଲରେ କେତେଥର ଫସିଛୁ ବୋଲି ଅଷ୍ଟ୍ରେଲିଆ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନ ସ୍ୱୀକାର କରିଛନ୍ତି। ଭାରତୀୟ ବୋଲରମାନେ ସଫଳତାର ସହ ଆମକୁ କେତେଥର ଚକ୍‌ମା ଦେଇଛନ୍ତି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱରେ ଭାରତୀୟ ବୋଲର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତେବେ ସିରିଜରେ ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଷ୍ଟିଭ୍ ସ୍ମିଥ୍‌ଙ୍କୁ ସେ ସମର୍ଥନ କରିଛନ୍ତି।

ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଖେଳିଥିବା ୪ରୁ ୩ଟି ଇନିଂସରେ ୧୯୧, ୧୯୫ ଓ ୨୦୦ ରନରେ ଅଲ୍‌ଆଉଟ ହୋଇଛି। ଅଶ୍ୱିନ ଏପର୍ଯ୍ୟନ୍ତ ୧୦ଟି ଉଇକେଟ ହାସଲ କରିଛନ୍ତି। ସେ ସ୍ମିଥ୍‌ଙ୍କୁ ଦୁଇଥର ଓ ଲାବୁସ୍କାନଙ୍କୁ ଥରେ ଆଉଟ କରିଛନ୍ତି। ସିରିଜ ପୂର୍ବରୁ କେବେ ଅଶ୍ୱିନଙ୍କର ସମ୍ମୁଖୀନ ହୋଇ ନ ଥିଲି। ଅଶ୍ୱିନ ଜଣେ ମହାନ୍ ବୋଲର ଓ ତାଙ୍କର କ୍ରିକେଟିଂ ସେନ୍ସ ମଧ୍ୟ ରହିଛି ବୋଲି ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ୨୬ ବର୍ଷୀୟ ଲାବୁସ୍କାନ କହିଛନ୍ତି। ଭାରତୀୟ ପେସ୍ ଓ ସ୍ପିନ୍ ବୋଲିଂକୁ ସମ୍ମୁଖୀନ ହେବାରେ ଆମେ ବିଫଳ ହୋଇଛୁ ବୋଲି ସେ ସ୍ୱୀକାର କରିଛନ୍ତି।

ଯୋଜନାବଦ୍ଧ ଭାବେ ବୋଲିଂ କରି ଭାରତ ଅଷ୍ଟ୍ରେଲିଆକୁ ଦୁଇଟି ଟେଷ୍ଟରେ ୨୦୦ ରନ ପାର କରିବାର ସୁଯୋଗ ଦେଇନାହିଁ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ